ଡବ୍ଲ୍ୟୁପିଏଲ୍ : ମୁମ୍ବାଇକୁ ହରାଇ ପ୍ରଥମ ଥର ଫାଇନାଲରେ ଆରସିବି

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା
TM
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୫୧ ● ୧୭ ମାର୍ଚ୍ଚ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-51 ● 17th March 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

E-mail : sambadkalikanews@gmail.com

୭ ପର୍ଯ୍ୟାୟରେ ହେବ ଲୋକସଭା ନିର୍ବାଚନ, ଜୁନ ୪ରେ ଆସିବ ରେଜଲ୍ଟ

ନୂଆଦିଲ୍ଲୀ, ୧୬।୩

ଦେଶରେ ବାଜିଲା ନିର୍ବାଚନ ବିଗୁଲ । ଅପେକ୍ଷାର ଅନ୍ତ ଘଟାଇ ଦେଶର ମୋଟ ୫୪୩ ଲୋକସଭା ଏବଂ ଓଡ଼ିଶା ସମେତ ଚାରି ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଶନିବାର ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ଦେଶର ୫୪୩ ଲୋକସଭା ପାଇଁ ନିର୍ବାଚନ ଏପ୍ରିଲ ୧୯ରୁ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ସମସ୍ତ ଫଳାଫଳ ଜୁନ ୪ରେ ଘୋଷଣା କରାଯିବ । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ସହ ଶନିବାରଠାରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି।

ଦେଶରେ ପ୍ରଥମ ପର୍ଯ୍ୟାୟ ଭୋଟ ଏପ୍ରିଲ ୧୯ରୁ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୬, ତୃତୀୟ ପର୍ଯ୍ୟାୟ ଭୋଟ ମେ' ୭, ୪ର୍ଥ ପର୍ଯ୍ୟାୟ ଭୋଟ ମେ' ୧୩, ୫ମ ପର୍ଯ୍ୟାୟ ଭୋଟ ମେ' ୨୦, ୬ଷ୍ଠ ପର୍ଯ୍ୟାୟ ଭୋଟ ମେ' ୨୫ ଓ ସପ୍ତମ ତଥା ଶେଷ ପର୍ଯ୍ୟାୟ ଭୋଟ ଜୁନ ୧ରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି।

ଏଥିସହ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ସିକ୍କିମ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକ୍କିମ ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ମଧ୍ୟ ଲୋକସଭା ନିର୍ବାଚନ ସହ ଏକକାଳୀନ ଭାବେ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୨୬ଟି ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହେବ। ଓଡ଼ିଶାର ୧୪୭ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ୪ ପର୍ଯ୍ୟାୟରେ ଅର୍ଥାତ୍ ମେ' ୧୩, ୨୦, ୨୫ ଓ ଜୁନ ୧ରେ ଅନୁଷ୍ଠିତ ହେବ। ନିର୍ବାଚନ ଫଳାଫଳ ଜୁନ ୪ରେ ପ୍ରକାଶ ପାଇବ ।

ଅନ୍ୟପଟେ ଆଗାମୀ ଲୋକସଭା ନିର୍ବାଚନରେ ୯୭ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ ବୋଲି ଆକଳନ କରାଯାଇଛି। ପ୍ରାୟ ୧୦.୫ ଲକ୍ଷ ମତଦାନ କେନ୍ଦ୍ର ସ୍ଥାପନ କରାଯିବ ଓ ନିର୍ବାଚନ ପରିଚାଳନା ପାଇଁ ୧.୫ କୋଟି କର୍ମଚାରୀଙ୍କୁ ନିୟୋଜିତ କରାଯିବ। ନିର୍ବାଚନରେ ୫୫ ଲକ୍ଷ ଇଭିଏମ ମେସିନ ବ୍ୟବହାର କରାଯିବ। ଦେଶରେ ମହିଳା ଭୋଟରଙ୍କ ସଂଖ୍ୟା ୪୭ କୋଟିକୁ ବୃଦ୍ଧି ପାଇଛି। ୨୦୨୪ ନିର୍ବାଚନରେ ପ୍ରାୟ ୧ କୋଟି ୮୨ ଲକ୍ଷ ନୂଆ ଭୋଟର ମତଦାନ କରିବେ ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଘରେ ଭୋଟ ଦେବାର ବ୍ୟବସ୍ଥା *(ପୃଷ୍ଠା ୭ରେ)*

ଓଡ଼ିଶାରେ ୪ ପର୍ଯ୍ୟାୟରେ ହେବ ନିର୍ବାଚନ

ନୂଆଦିଲ୍ଲୀ, ୧୬।୩

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ।

୨୧ଟି ଲୋକସଭା ଓ ୧୪୭ ବିଧାନସଭା ଆସନ ପାଇଁ ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହେବା ବାବଦରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜବିହାରୀ ଧଳ ଶନିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ମେ' ୧୩ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ବେଳେ, ମେ' ୨୦ରେ ୨ୟ ପର୍ଯ୍ୟାୟ, ମେ' ୨୫ରେ ୩ୟ ଓ ଜୁନ ୧ ତାରିଖରେ ୪ର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଓଡ଼ିଶାରେ ଜୁନ ୪ ତାରିଖରେ ହେବ ଭୋଟ ଗଣତି । ଏଥି ସହିତ ସେହିଦିନ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ସେହିପରି ଜୁନ୍ ୬ ତାରିଖ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ। ଶନିବାର ଓଡ଼ିଶାର ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ୧୫

ମାର୍ଚ୍ଚ ୨୦୨୪ ତାରିଖ ସୁଦ୍ଧା ପ୍ରସ୍ତୁତ ତାଲିକା ଅନୁସାରେ ଏଥର ନିର୍ବାଚନରେ ଓଡ଼ିଶାରେ ୩ କୋଟି ୩୪ ଲକ୍ଷ ୭୩ ହଜାର ୫୬୧ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିପାରିବେ । ଓଡ଼ିଶାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୫୫ ହଜାର ୩୬୯ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ରହିଛି ୧ କୋଟି ୬୫ ଲକ୍ଷ ୧୪ ହଜାର ୭୫୪ ଅଛି। ସେହିପରି ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ରହିଛି ୩ ହଜାର ୪୩୮ ।

ଲିଙ୍ଗ ଅନୁପାତ ୯୭୪। ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୫ ଲକ୍ଷ ୧୯ ହଜାର ୮୬୧ ରହିଥିବା ବେଳେ ୧୮-୧୯ ବର୍ଷ ଯୁବ ଭୋଟରଙ୍କ ସଂଖ୍ୟା ୭୯୯୩୩୪, ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ) ୩୦୨୨୭୩, ସର୍ଭିସ୍ ଭୋଟରଙ୍କ ସଂଖ୍ୟା ୪୯, ୫୯୯, ପ୍ରବାସୀ ମତଦାତା ୧୮୪ ରହିଛନ୍ତି।

ମୁଖ୍ୟନିର୍ବାଚନ ଅଧିକାରୀ କହିଛନ୍ତି ଚତୁର୍ଥ ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି *(ପୃଷ୍ଠା ୭ରେ)*

ବଢ଼ିଲା ପଞ୍ଚାୟତ ସମିତି ସଭ୍ୟ ଓ ଉପାଧ୍ୟକ୍ଷଙ୍କ ଦରମା

ଭୁବନେଶ୍ୱର, ୧୬।୩
ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତ ସମିତି ସଭ୍ୟ ଓ ଉପାଧ୍ୟକ୍ଷଙ୍କ ଦରମା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ୭୫୦୦ରୁ ୯୫୦୦ ଟଙ୍କାକୁ ଦରମା ବୃଦ୍ଧି କରାଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖରୁ ଲାଗୁ ହେବ ଏହି ବର୍ଦ୍ଧିତ ଦରମା।

ସୂଚନାଯୋଗ୍ୟ ଗତ ୧୨ ତାରିଖରେ ରାଜ୍ୟ ସରକାର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ବୃଦ୍ଧି କରିଥିଲେ। ପଞ୍ଚାୟତ ସମିତି

ସଦସ୍ୟମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିଲେ। ୧୨ ତାରିଖରେ ଏହାକୁ ବୃଦ୍ଧି କରାଯାଇ ୭,୫୦୦ ଟଙ୍କା କରାଯିବା ନେଇ ଘୋଷଣା ହୋଇଥିଲା। ହେଲେ ସରପଞ୍ଚ ମାନଙ୍କ ଦରମା ୧୦,୦୦୦ ହୋଇଥିବା କାରଣରୁ ସମିତି ସଭ୍ୟମାନେ ଦରମା ବୃଦ୍ଧି ନେଇ ଶୁକ୍ରବାର ଭୁବନେଶ୍ୱରରେ ବିଶାଳ ରାଲି କରିଥିଲେ। ଯାହା ପରେ ଶନିବାର ରାଜ୍ୟ ସରକାର ସେମାନଙ୍କ ଦରମା ୭୫୦୦ରୁ ୯୫୦୦ ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ଆଗାମୀ ଦଶନ୍ଧି ହେବ ଯୁବକଙ୍କ ଦଶନ୍ଧି

ଭୁବନେଶ୍ୱର, ୧୬।୩
ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶେଷ କ୍ୟାବିନେଟ ବୈଠକ ଅବସରରେ ଓଡ଼ିଶାବାସୀଙ୍କୁ ସେମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ଓଡ଼ିଶାର ସାଢେ ଚାରି କୋଟି ପରିବାରର ସେବା କରିବାକୁ ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଖୁସି ଅନୁଭବ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବାତ୍ୟାବିଧ୍ୱସ୍ତ ଅନୁନ୍ନତ ରାଜ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ କିଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ଏବଂ ରାଜ୍ୟକୁ ବିକାଶର ପଥରେ ଫେରାଇ ଆଣିବା ପାଇଁ ସେ ଯେଉଁ ଅବିରତ ନିଷ୍ପାପର ଉଦ୍ୟମ କରିଥିଲେ ତାହାର ବିସ୍ତୃତ ଗାଥା ବଖାଣିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ରାଜ୍ୟର ସାଢ଼େ ୪କୋଟି ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ବିଜୁବାବୁଙ୍କ ଦୃଷ୍ଟିଭଙ୍ଗୀରୁ ମାର୍ଗଦର୍ଶନ ମିଳିଥିଲା । ଆଜି ଓଡ଼ିଶା ଦେଶର ସବୁଠୁ ପ୍ରଗତିଶୀଳ ତଥା ଅନ୍ୟତମ ବିକଶିତ ରାଜ୍ୟ ଭାବେ ପରିଗଣିତ ହେଉଛି ଓ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ମଡେଲର ଉଦାହରଣ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ସିଦ୍ଧାନ୍ତ ଆଧାରିତ ଗତ ୫ବର୍ଷର ବିକାଶ ଯାତ୍ରାର ଅବଧି ଇତିହାସରେ ଏକ ମାଇଲଖୁଣ୍ଟ ଭାବେ ସ୍ମରଣ କରାଯିବ, ଯାହାକି ଓଡ଼ିଶାକୁ ରୂପାନ୍ତରୀକରଣ ଓ ସମୃଦ୍ଧି ପଥରେ ଆଗକୁ ନେଇଛି । *(ପୃଷ୍ଠା ୭ରେ)*

ରାଜ୍ୟ କ୍ୟାବିନେଟରେ ୧୪ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର, ୧୬।୩
ନ୍ୟୁଜ୍ ବ୍ୟୁରୋ

ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୭ଟି ବିଭାଗର ମୋଟ ୧୪ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ନବୀନ ପଟ୍ଟନାୟକ ସରକାରଙ୍କ ପଞ୍ଚମ ପାଳିର ଶେଷ କ୍ୟାବିନେଟ ବୈଠକରେ ଅନୁମୋଦିତ ପ୍ରସ୍ତାବ ସମ୍ପର୍କରେ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଥିଲେ। ପ୍ରଥମେ ମନ୍ତ୍ରୀ ଟୁକୁନି ସାହୁ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ ୨୦୧୯ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ନବୀନ ପଟ୍ଟନାୟକ *(ପୃଷ୍ଠା ୭ରେ)*

ଗଣତନ୍ତ୍ରର ମହାପର୍ବ ପାଇଁ ଆମେ ପ୍ରସ୍ତୁତ : ମୋଦି

ନୂଆଦିଲ୍ଲୀ, ୧୬।୩

୨୦୨୪ ଲୋକସଭା ନିର୍ବାଚନ ପାଇଁ ଶନିବାର ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି । ନିର୍ବାଚନ କମିଶନଙ୍କ ଏହି ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରିବା ସହ ନିର୍ବାଚନ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଲେଖିଛନ୍ତି, ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ଆସିଛି। ନିର୍ବାଚନ ଆୟୋଗ ୨୦୨୪ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଆମେ (ବିଜେପି-ଏନଡିଏ) ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସୁ-ଶାସନ ଓ ଜନସେବାର ଟ୍ରାକ ରେକର୍ଡ ଆଧାରରେ ଆମେ ଲୋକଙ୍କ

ପାଖରେ ପହଞ୍ଚିବୁ । କ୍ରମାଗତ ତୃତୀୟ ଥର ପାଇଁ ୯୭ କୋଟିରୁ ଅଧିକ ଭୋଟର ଏବଂ ୧୪୦ କୋଟି ପରିବାର ସଦସ୍ୟଙ୍କ ସ୍ନେହ ଓ ଆଶୀର୍ବାଦ ପାଇବୁ ବୋଲି ମୋର ବିଶ୍ୱାସ ରହିଛି। ୧୦ ବର୍ଷ ପୂର୍ବେ ଯେତେବେଳେ ଆମେ ଦେଶର ଶାସନ ଭାର ସମ୍ଭାଳିଥିଲୁ, ସେତେବେଳେ ଦେଶ *(ପୃଷ୍ଠା ୭ରେ)*

ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୧୬।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜବିହାରୀ ଧଳ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ୨୧ଟି ଲୋକସଭା ଓ ୧୪୭ ବିଧାନସଭା ଆସନ ପାଇଁ ଏକକାଳୀନ ନିର୍ବାଚନ ପ୍ରସ୍ତୁତି ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ଓଡ଼ିଶାର ୨୧ ଲୋକସଭା ଆସନ ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୩ ଓ ଜନଜାତିଙ୍କ ପାଇଁ ୫ଟି ଆସନ ସଂରକ୍ଷିତ ରହିଛି। ସେହିପରି ୧୪୭ ବିଧାନସଭା ଆସନ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ୨୪ ଓ ଜନଜାତିଙ୍କ ପାଇଁ ୩୩ ଆସନ ସଂରକ୍ଷିତ ରହିଛି। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ୩୦ ଜିଲ୍ଲା ନିର୍ବାଚନ

ଅଧିକାରୀଙ୍କ ସମେତ ୨୧ ଜଣ ରିଟର୍ଣ୍ଣିଂ ଅଫିସର (ବିଧାନସଭା), ୧୩୧ ଜଣ ରିଟର୍ଣ୍ଣିଂ ଅଫିସର(ବିଧାନସଭା) ଏବଂ ୨୯୪ ଜଣ ସହକାରୀ ରିଟର୍ଣ୍ଣିଂ ଅଧିକାରୀ (ବିଧାନସଭା)ଙ୍କୁ ନିଯୁକ୍ତ କରାଯାଇଛି ଏବଂ ତାଲିମ ଦିଆଯାଇଛି। ଏହା ବ୍ୟତୀତ ସାରାରାଜ୍ୟରେ ମତଦାନ କେନ୍ଦ୍ରରେ ନିୟୋଜିତ ହେବା *(ପୃଷ୍ଠା ୭ରେ)*

୫୫ଟି କେନ୍ଦ୍ରରେ ମାଟ୍ରିକ ଖାତାର ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି: ବୋର୍ଡ ସଭାପତି

କଟକ, ୧୬।୩ : ନ୍ୟୁଜ୍ ବ୍ୟୁରୋ

ସାର୍ଟିଫିକେଟ ପାଇଁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡିବ ନାହିଁ । ବୋର୍ଡ ପକ୍ଷରୁ ଏନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ସଭାପତି ଶ୍ରୀକାନ୍ତ ତରାଇ। ସେ କହିଛନ୍ତି, ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତାର ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ସମସ୍ତ ମୂଲ୍ୟାୟନ କେନ୍ଦ୍ର ୨୪ ଘଣ୍ଟିଆ ସିସିଟିଭି ନଜରରେ ରହିଛି । ମୂଲ୍ୟାୟନ କେନ୍ଦ୍ର କାର୍ଯ୍ୟକୁ ୧୦ ସୁପରଭାଇଜିଂ ଟିମ ଅନୁଧ୍ୟାନ କରୁଛନ୍ତି। ୧୫ ଦିନ ମଧ୍ୟରେ ମାଟ୍ରିକ ଖାତା ମୂଲ୍ୟାୟନ ଶେଷ ହେବା ନେଇ ଆଶା ରହିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଅନଲାଇନରେ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ବାଜିଲା ନିର୍ବାଚନ ବିଗୁଲ୍
ତଇଆର ପୁରା ନେତା
କିଏ କେତେ ଭୋଟ ପାଇବ
ବ୍ୟସ୍ତ ହିସାବ ଖାତା
ଚେଲା ଚାମଚା ଦିଅନ୍ତି ବାର୍ତ୍ତା
ତାଙ୍କର ଦଳ ଏକନମ୍ବର
ବାକି ଦଳ ହେବେ ଭର୍ତ୍ତା।

ଟିଭି ଓ ଖବର କାଗଜରେ ଅପରାଧିକ ରେକର୍ଡ ଦେବେ ଦାଗୀ ନେତା

ନୂଆଦିଲ୍ଲୀ, ୧୬।୩

ସାଧାରଣ ନିର୍ବାଚନ ପାଇଁ ବାଜିଲା ବିଗୁଲ। ଦେଶରେ ୭ଟି ପର୍ଯ୍ୟାୟରେ ପଡିବ ଭୋଟ । ତେବେ ଏଥର ପ୍ରାର୍ଥୀଙ୍କ ପାଇଁ ହୋଇଛି ନୂଆ ନିୟମ। ଦାଗୀ ନେତାମାନେ ଟିଭି ଓ ଖବର କାଗଜରେ ଦେବେ ନିଜ ନିଜ ଅପରାଧିକ ରେକର୍ଡ। ବିଜ୍ଞାପନ ଜରିଆରେ ନିଜର ଅପରାଧିକ ରେକର୍ଡ ଜଣାଇବେ। ତେବେ ଥରେ କିମ୍ବା ଦୁଇଥର ନୁହେଁ ୩ଥର ନିଜ ଅପରାଧିକ ବିବରଣୀ ଦେବେ ଦାଗୀ ନେତା। ଏଭଳି କିଛି ଶନିବାର ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର।

ଅପରାଧିକ ମାମଲା ଥିଲେ ପ୍ରାର୍ଥୀମାନେ ବିଜ୍ଞାପନ ଜରିଆରେ ଜଣାଇବେ। ଖବର କାଗଜ ଓ ଟିଭିରେ ୩ଥର ନିଜ ଅପରାଧ ବିବରଣୀ ଦେବେ। ରାଜନୈତିକ ଦଳ ମଧ୍ୟ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିବେ। ନିଜର କେତେ ଜଣ ଏଭଳି ଦାଗୀ ନେତା ଅଛନ୍ତି, କାହିଁକି ଏଭଳି ପ୍ରାର୍ଥୀଙ୍କୁ ଟିକେଟ ଦିଆଗଲା ସେ ନେଇ ରାଜନୈତିକ ଦଳମାନେ ନିଜ ନିଜ କାରଣ ମଧ୍ୟ ଦର୍ଶାଇବେ।

ସାରା ଦେଶରେ କେବେ ହେବ ନିର୍ବାଚନ ସେ ନେଇ ଶନିବାର ମୁଖ୍ୟ ନିର୍ବାଚନ *(ପୃଷ୍ଠା ୭ରେ)*

ନିର୍ବାଚନ ଲଢ଼ି ପାରିବେନି ୧୦୬୯, ଓଡିଶାରୁ ଅଛନ୍ତି ୩୫ ଜଣ

ନୂଆଦିଲ୍ଲୀ, ୧୬।୩

ଭାରତୀୟ ନିର୍ବାଚନ ଆୟୁକ୍ତ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୦ଏ ଅନୁଯାୟୀ ଅଯୋଗ୍ୟ ବ୍ୟକ୍ତିଙ୍କ ତାଲିକା ଜାରି କରିଛନ୍ତି । ଅଯୋଗ୍ୟ ଘୋଷିତ ବ୍ୟକ୍ତିମାନେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ଚଳିତ ବର୍ଷ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଅଯୋଗ୍ୟ ଘୋଷିତ ବ୍ୟକ୍ତିଙ୍କ ନାମ ଏହି ତାଲିକାରେ ରହିଛି।

ଏ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରିଟର୍ଣ୍ଣିଂ ଅଫିସର ଏବଂ ଅନ୍ୟ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏହି ତାଲିକା ଅନୁଯାୟୀ ସାରା ଦେଶରେ ମୋଟ ୧ ହଜାର ୬୯ ଜଣ ବ୍ୟକ୍ତିଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ଓଡିଶାରୁ ଏହି ତାଲିକାରେ ୩୫ ଜଣ ଅଛନ୍ତି। ଏହି ତାଲିକାରେ ବିହାରରୁ ସର୍ବାଧିକ ୨୩୭ ଜଣ ଥିବା ବେଳେ ଉତ୍ତର ପ୍ରଦେଶରୁ ୧୨୧ ଓ ତେଲେଙ୍ଗାନାରୁ ୧୦୭ ଜଣ ରହିଛନ୍ତି। ତାଲିକା ଅନୁଯାୟୀ ମଧ୍ୟପ୍ରଦେଶରୁ ୭୯, କର୍ଣ୍ଣାଟକରୁ ୭୫, ଛତିଶଗଡ଼ରୁ ୭୩, ହରିୟାଣାରୁ ୫୫, ଆନ୍ଧ୍ର ପ୍ରଦେଶରୁ ୫୧, କେରଳରୁ ୪୩, ତାମିଲନାଡୁରୁ ୨୭, ଝାଡ଼ଖଣ୍ଡରୁ ୨୬, ଉତ୍ତରାଖଣ୍ଡରୁ ୨୪, ଦିଲ୍ଲୀରୁ ୨୧, ମହାରାଷ୍ଟ୍ରରୁ ୧୮, ରାଜସ୍ଥାନରୁ ୧୮, ପଶ୍ଚିମବଙ୍ଗରୁ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ମାର୍ଚ୍ଚ, ରବିବାର,୨୦୨୪

ବାବା ବେଲେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞୋତ୍ସବ ଉଦ୍‌ଯାପିତ

ରସୁଲପୁର, ନ୍ୟୁଜ୍‌ବ୍ୟୁରୋ

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମରେ ବାବା ବେଲେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାମର ବିଶ୍ୱାଳ ସାହିର ଏକ ବେଲ ଗଛ ମୂଳରେ ପ୍ରଭୁ ଆବିର୍ଭାବ ହୋଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ବେଲଗଛକୁ ପୂଜା ଅର୍ଚ୍ଚନା କରି ଆସୁଥିଲେ। ଗ୍ରାମବାସୀଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଯାଇ ପ୍ରଭୁ ବେଲେଶ୍ୱରଙ୍କ ଲିଙ୍ଗ ଓ ବିଗ୍ରହ ପ୍ରତିଷ୍ଠା କରିବା ଓ ଯଜ୍ଞ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗନ୍ଧଣ ପଞ୍ଚାୟତର ବଣ୍ଟରା, ଏକତଳା, ବିଲିଶାସନ, ଭୋଟକା ପଞ୍ଚାୟତର ଇଚ୍ଛାପୁର,

ଖାନାବାଡ଼ି ଆଦି ଗ୍ରାମର ଜନସାଧାରଣ ସମବେତ ହୋଇ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ। ପଞ୍ଜିକା ଆଧାରରେ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ପାଇଁ ଫାଲଗୁନ ମାସ କୃଷ୍ଣ ପକ୍ଷ ତୃତୀୟା ତିଥିକୁ ଶୁଭ ମୁହୂର୍ତ୍ତ ଭାବରେ ସ୍ଥିର କରାଯାଇ ପୂଜା ବିଧି ଆରମ୍ଭ ହୋଇଥିଲା। ଏହି ହିସାବରେ ଯାଜ୍ଞିକ ପଣ୍ଡିତମାନଙ୍କ ଦ୍ୱାରା ଅଙ୍କୁରାରୋପଣ, ଧ୍ୟାନଅଧିବାସ ଓ କୁଣ୍ଡମଣ୍ଡପ ନିର୍ମାଣ କରାଯାଇଥିଲା। ଯଜ୍ଞ କାର୍ଯ୍ୟ ପାଇଁ କଳସ ଶୋଭାଯାତ୍ରା, ଜଳାଧିବାସ, କୁଣ୍ଡମଣ୍ଡଳ ପୂଜା ଓ ଅଗ୍ନି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କୁ ଆବାହନ କରାଯାଇ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ପ୍ରଭୁ ବେଲେଶ୍ୱରଙ୍କ ଗ୍ରାମ ପରିକ୍ରମା, ମହାସ୍ନାନ, ମନ୍ଦିର ନ୍ୟାସପୀଠ ପୂଜା, ପୀଠ ନ୍ୟାସ, ତ୍ରିଶୂଳ ସ୍ଥାପନ ଓ ଦେବତା ମନ୍ଦିର ପ୍ରବେଶ ଓ ପାର୍ଶ୍ୱ ଦେବାଦେବୀଙ୍କ ସ୍ଥାପନ ଭଳି ନାନା ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ପୀଠରେ ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଗୋ-ପୂଜା, ଭୂମି ପୂଜା, ପ୍ରଭୁଙ୍କୁ ବିଭିନ୍ନ ବେଶରେ ଭୂଷିତ କରିବା ସହ ରୁଦ୍ରାଭିଷେକ, ବେଦ ଓ ଗୀତାପାଠ, ଶିବ ସହସ୍ରନାମ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସକାଳ ସନ୍ଧ୍ୟା ସମୟରେ ପ୍ରଭୁଙ୍କ ଆରତୀ ଉତ୍ସବ ସମୟରେ ଭଜନ, ସଂକୀର୍ତ୍ତନ, ହରିବୋଲ ହୁଳହୁଳି, ଶଙ୍ଖ, ଘଣ୍ଟ ଘଣ୍ଟା ଆଦି ବାଦ୍ୟରେ ପରିବେଶରେ ଭକ୍ତିଭାବ ଜାଗ୍ରତ ହେଉଥିଲା। ଯଜ୍ଞ ମଣ୍ଡପରେ ପୂର୍ଣ୍ଣାହୂତି ପ୍ରଦାନ ପୂର୍ବକ ପଣ୍ଡିତମାନେ ସହସ୍ର ଦେବାଦେବୀଙ୍କ ନାମରେ ଘୃତ ଅର୍ଘ୍ୟ ପ୍ରଦାନ କରିଥିଲେ। ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶିଷଲାଭ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭକ୍ତମାନଙ୍କ ସକାଶେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା।

କୃଷି ବିଜ୍ଞାନ କେନ୍ଦ୍ରରେ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର କାର୍ଯ୍ୟକ୍ରମ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରରେ ଦୁଇ ଦିନିଆ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଏହି ଦୁଇଦିନିଆ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର କର୍ମଶାଳାରେ କୃଷି ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଯଥା ଚାଷରେ ହେଉଥିବା ବିଭିନ୍ନ ରୋଗପୋକ ଏବଂ ଏହାର ଦୈନିକ ନିରାକରଣ ପଦ୍ଧତି, ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ଏବଂ ଏହାର ମାନ ଉନ୍ନତିର ପଦ୍ଧତି, ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ମହୁଚାଷ, ଜିଆଖତ ଚାଷ, ଛତୁଚାଷ, ପନିପରିବା ଚାଷ, ମାଛଚାଷ, ଉନ୍ନତ ମାନର ବିଭିନ୍ନ କୃଷି ଯନ୍ତ୍ରପାତି ଏବଂ ପ୍ରାକୃତିକ କୃଷି ଆଦି ଦିଗ ଉପରେ ବିଶେଷ ଭାବରେ ପର୍ଯ୍ୟାଲୋଚନା କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଜୀବନଜିତ୍ ସେନ୍‌ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇଦିନିଆ କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୨୫ ଜଣ ଇଚ୍ଛୁକ ଚାଷୀ ଯୋଗଦାନ କରିଥିଲେ। ଏହି କର୍ମଶାଳାଟିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାଜୁ ବିଭାଗର ମୁଖ୍ୟ ଡଃ କବିତା ସେଠୀ, ମହୁମାଛି ପାଳନର ପ୍ରମୁଖ ବକ୍ତା ଅଶୋକ କୁମାର ଷଡ଼ଙ୍ଗୀ, ଓ.ଏଲ୍.ଏମ ର ଜିଲ୍ଲା ତାଲିମ ପ୍ରଦାନକାରୀ ବସନ୍ତ ଦାସ, ଏଡିଓ, ତିର୍ତ୍ତୋଲ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ଆଦି ଯୋଗଦେଇ କୃଷି ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ରୋଗପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିବା ସହିତ ଜୈବିକ ପ୍ରଣାଳୀରେ କିପରି ରୋଗପୋକକୁ ନିୟନ୍ତ୍ରଣ କରିହେବ ସେ ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଭାଗର ବୈଜ୍ଞାନିକ ଡକ୍ଟର ପ୍ରଦୀପ୍ତ ମାଝୀ, କୃଷି ଯନ୍ତ୍ରପାତିର ବୈଜ୍ଞାନିକ ଡକ୍ଟର ଦ୍ୱାରିକା ମୋହନ ଦାସ, ଗୃହ ବିଜ୍ଞାନର ବୈଜ୍ଞାନିକ ସସ୍ମିତା ପୁରୋହିତ, ମତ୍ସ୍ୟ ବିଜ୍ଞାନ ସହାୟିକା ସରିତା ଦାସ, ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ, ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରର ସହାୟିକା ବିଜୟନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଭୋଟର ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବାର ଆନୁକୂଲ୍ୟରେ ତଥା ନେହେରୁ ଯୁବକେନ୍ଦ୍ର କଟକ ସହଯୋଗରେ ଯୁବ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନତକାଇ ଗ୍ରାମପଞ୍ଚାୟତ ଶକ୍ତିଶ୍ୱର ଠାରେ ଆୟୋଜିତ ନୂତନ ଯୁବ ଭୋଟର ତାଲିକା ସଂଯୋଗ ଓ ଭୋଟର ସଚେତନତା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଯୁବ ଭୋଟରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ନତକାଇ, ଏକରୁଖି ଖସାଅଣ୍ଡା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଆୟୋଜିକ କାର୍ଯ୍ୟକ୍ରମରେ ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ସାରଦା ପ୍ରସାଦ ମିଶ୍ର, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ରାଉତ, ଯୁବ ସଙ୍ଗଠକ ସୁଧାଂଶୁ ଶେଖର ବେଜ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଭୋଟଦାନର ଗୁରୁତ୍ୱ, ଭାରତୀୟ ସମ୍ବିଧାନରେ ଥିବା ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଗଭୀରଭାବେ ଆଲୋକପାତ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ କବିପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ମନୋଜ କୁମାର ବେହେରା, ବିଷ୍ଣୁଚରଣ ବେହେରା, ଜୟରାମ ବେହେରା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

ସହର ମଝିରେ ମଶାଣି : ପ୍ରଶାସନର ନିଘା ନାହିଁ

ଗୁଣପୁର, ନ୍ୟୁଜ୍‌ବ୍ୟୁରୋ

ଦୀପ ତଳେ ଅନ୍ଧାର ଭଳି ଗୁଣପୁର ସହରର ମଧ୍ୟ ଭାଗରେ ଜୁଇ ଜଳୁଥିବା ଦୃଷ୍ଟିକୁ ଆସିଛି। କେଉଁ ଆବାହନ କାଳରୁ ସହର ମଧ୍ୟ ଭାଗରେ ନିର୍ଦ୍ଦିଷ୍ଟ ଏକ ଜାତିର ଲୋକଙ୍କ ଶବକୁ ସେଠାରେ ସତ୍କାର କରାଯାଉଛି। ଏଥିପ୍ରତି କାହାରି ନଜର ପଡିନାହିଁ। ସ୍ଥାନୀୟ ପୌରାଞ୍ଚଳର ୧୦ ନମ୍ବର ୱାର୍ଡର ଦୁଇଟି ଜନବସତି ମତିଲାଲ ନଗର ଓ ଆରକେ ନଗରକୁ ଲାଗି ଏକ ଚିରସ୍ରୋତା ହଳଦିଆ ନାଳ ପ୍ରବାହିତ ହେଉଛି। ସେଠାରେ ଦୀର୍ଘବର୍ଷ ଧରି ପୁରୁଣା ଗୁଣପୁର ଅଞ୍ଚଳର ଦଣ୍ଡାସି ସମ୍ପ୍ରଦାୟର କେହି ସମ୍ପର୍କୀୟ ମୃତ୍ୟୁ ବରଣ କଲେ ସେଠାରେ ଶବକୁ ଅନ୍ତିମ ସଂସ୍କାର କରୁଥିବା ଜଣାପଡ଼ିଛି। ପୂର୍ବରୁ ନାଳ ପାର୍ଶ୍ୱରେ ଅନାବନା ଲଟାବୁଦା

ରହିଥିବାରୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ବର୍ତ୍ତମାନ ସେହି ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ ନିମନ୍ତେ ଜଙ୍ଗଲ ସଫା କରିବାରୁ ସେଠାରେ ମଶାଣି ରହିଥିବା ଲୋକଲୋଚନକୁ ଆସିଥିଲା। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ସେଠାରେ ଶବ ଶତ୍କାର କରିବାକୁ ବାରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ସମ୍ପ୍ରଦାୟର ଲୋକମାନେ ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ବଂଶଧାରା ନଦୀକୂଳେ ଶବ ସଂସ୍କାର କରିବାକୁ କୁହାଯାଉ କିମ୍ବା ସହରରୁ ଦୂରରେ ଅନ୍ୟତ୍ର ସେମାନଙ୍କ ପାଇଁ ମଶାଣି ବ୍ୟବସ୍ଥା କରିବାକୁ ଉପ ଜିଲ୍ଲାପାଳ କୁଳଦୀପ କୌର ଓ ତହସିଲଦାର ଲୀଳାବତୀ ଆଚାର୍ଜିଙ୍କୁ ଅନୁରୋଧ କରାଯାଇଛି।

ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରିବ ବିଜେପି ଯୁବ ମୋର୍ଚ୍ଚା

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ତରଫରୁ ଭ୍ରଷ୍ଟାଚାର ବିରୋଧରେ ଲଢେଇକୁ ଜୋରଦାର କରାଯିବ ବୋଲି ଘୋଷଣା କରାଯାଇଛି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ କରାଯାଇଛି। ଏହି

ବୈଠକରେ ରାଜ୍ୟ ସଂଯୋଜକ ଅଭିଷେକ ଦାସ, ଜିଲ୍ଲା ସାଧାରଣ ସଂପାଦକ କେଶବ ମିଶ୍ର, ରଶ୍ମି ରାଉତରାୟ, ସ୍ମୃତି ରଞ୍ଜନ ମଲ୍ଲ, ଉମାକାନ୍ତ ପଟ୍ଟନାୟକ, ମନିଷା ପଣ୍ଡା, ଲଲାଟେନ୍ଦୁ ସିଂହ, ଅବିନାଶ ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ।

ଟିପିସିଓଡିଏଲ୍‌ର ଜାତୀୟ ସୁରକ୍ଷା ସପ୍ତାହ ଅଭିଯାନ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ଜାତୀୟ ସୁରକ୍ଷା ସପ୍ତାହ ଅଭିଯାନ ଓ ଲାଇନମ୍ୟାନ ଦିବସ ୨୦୨୪ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ନିର୍ବାହୀ ଅଧିକାରୀ ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ସର୍କଲର ଅଧକ୍ଷ ଇଂ ଅମରଜିତ ପଟ୍ଟନାୟକ, ଏସ୍‌ଡିଓ ଦେବେନ୍ଦ୍ର କୁମାର ସାହୁ, ପାରାଦ୍ୱୀପ ସର୍କଲର ସୁରକ୍ଷା ସଂଯୋଜକ କାର୍ତ୍ତିକ ସାହୁ, ସେକ୍ଟର ଅଧିକାରୀ (୧) ସତ୍ୟ ପ୍ରକାଶ ସାହୁ, ସେକ୍ଟର ଅଧିକାରୀ (୨) ସୀତାଂଶୁ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଲାଇନମ୍ୟାନ ଏବଂ କର୍ମଚାରୀ ମାନଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଇନ ମ୍ୟାନ ମାନଙ୍କର କାର୍ଯ୍ୟକୁ ସେବା ମନୋବୃତି ଏବଂ ଲାଇନମ୍ୟାନଙ୍କୁ ପ୍ରଶଂସା କରିବାକୁ ଯାଇ ଲ୍ୟାଇନମ୍ୟାନ ଦିବସ ପାଳନ କରାଯାଏ। ବିଭାଗ ଦ୍ୱାରା ସମସ୍ତ ଲାଇନ ମ୍ୟାନ ମାନଙ୍କୁ ସୁରକ୍ଷା ପାଇଁ ସମସ୍ତ ପ୍ରକାର ସୁରକ୍ଷା ସାମଗ୍ରୀ ଯୋଗାଇବା ସହିତ ସେମାନଙ୍କୁ ପ୍ରଶଂସା କରାଯାଇ ଥିଲା। ଅନଲାଇନ୍ ମାଧ୍ୟମରେ ସୁରକ୍ଷା ଉପରେ ହୋଇଥିବା ପ୍ରତିଯୋଗିତାରେ ଦୁଇଟି ଜିଲ୍ଲାର ଲାଇନ ମ୍ୟାନ ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ୩୧ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ଲାଇନମ୍ୟାନ, ସୁପର ଭଇଜର ଓ ରାଜନଗର ଏସଡିଓ ୮ଜଣଙ୍କୁ ବିଭାଗ ତରଫରୁ ପୁରସ୍କୃତ କରାଯାଇ ଥିବାବେଳେ କର୍ମଚାରୀମାନଙ୍କ ୫ ଜଣ ପିଲା ମାନଙ୍କୁ ପୁରସ୍କୃତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨ଟି ଜିଲ୍ଲାର ଲାଇନମ୍ୟାନ ଓ କର୍ମଚାରୀ, ଏସ୍‌ଡିଓ ପ୍ରମୁଖ ଯୋଗ ଦେଇଥିଲେ।

ଗଞ୍ଜାମ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚାର କର୍ମକର୍ତ୍ତା ମନୋନୀତ

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସଙ୍କ ପୌରୋହିତରେ ଏକ ନବନିଯୁକ୍ତ କର୍ମକର୍ତ୍ତା ମଣ୍ଡଳୀ ମନୋନୀତ କରାଇ ଥିବା ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ସେଥିମଧ୍ୟରେ ଉପସଭାପତି ରୂପେ ବାଙ୍କନିଧି ସେଠୀ, ଏକାଦଶୀ ସେଠୀ, ଶରତଚନ୍ଦ୍ର ନାୟକ, କାମିନୀ ସେଠୀ, ସାଧାରଣ ସମ୍ପାଦକ ରୂପେ ଭୀମସେନ ବେହେରା, ପଦ୍ମଚରଣ ନାୟକ, ସମ୍ପାଦକ ରୂପେ ଅଭିମନ୍ୟୁ ସେଠୀ, ପୁରୋତ୍ତମ ସେଠୀ, ରାଜେନ୍ଦ୍ର ବେହେରା, ଚିନ୍ତାମଣି ବେହେରା, ମହେଶ୍ୱର ବେହେରା, ସାଗର ମୁଖୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଚନ୍ଦ୍ରଶେଖର ବେହେରା, ଶିବାନୀ ନାୟକ, ପ୍ରଶାନ୍ତ ଦାସ, ବସନ୍ତ ବେହେରା ଗିରିଧାରୀ ଦାସ, ଅଜିତ କୁମାର ବେହେରା, ବାପି କୁମାର ଜେନା, ପୁଷ୍ପାଞ୍ଜଳି ସେଠୀ, ମଧୁ ସେଠୀ, ସୁକୁମାରୀ ଦାସ, ସନ୍ତୋଷ ସେଠୀ, ମହେଶ୍ୱର ଦାସ, ଗୌରା ଦାସ, ରମେଶ ଚନ୍ଦ୍ର ସେଠୀ, କପିଳା ଦାସ, ସଂଗ୍ରାମ ଦାସ, ଜିତେନ୍ଦ୍ର ସେଠୀ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶରତ ଚନ୍ଦ୍ର ବେହେରା ରହିଥିବା ବେଳେ ମିଡ଼ିଆ ସେଲ କୋଡିନେଟର ଚିତ୍ରସେନ ଦାସ ଓ ଲିଗଲ ସେଲ୍ କୋଡିନେଟର ବିକ୍ରମ କୁମାର ଦାସ ପ୍ରମୁଖ ମନୋନୀତ ହୋଇଥିବା ସଭାପତି କୀର୍ତ୍ତନ ଦାସ ପ୍ରକାଶ କରିଛନ୍ତି।

ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡାଙ୍କୁ ବ୍ଲକ ପ୍ରଶାସନ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ପଣ୍ଡା ନିଶ୍ଚିନ୍ତକୋଇଲି ବ୍ଲକରେ ମାତ୍ର ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟଭାର ନେଇ ବେଶ୍ ପ୍ରଶଂସିତ ହେବା ସହ ଲୋକପ୍ରିୟତା ଅର୍ଜନ କରିଥିଲେ। ମାତ୍ର କେନ୍ଦ୍ରାପଡ଼ା ଲୋକସଭା ସଂସଦୀୟ କ୍ଷେତ୍ରରେ ଘର ହୋଇଥିବାର ପ୍ରଶାସନ ତରଫରୁ ତାଙ୍କୁ କଟକ ଜିଲ୍ଲା ବାରଙ୍ଗ ବ୍ଲକକୁ ବଦଳି କରାଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷା ରୋଜି ସେଠୀ ସଭାପତିତ୍ୱ

କରିଥିଲେ। ଏଥିରେ ଉପାଧକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସିଡିପିଓ ସତ୍ୟଭାମା ବିଶୋଇଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ବିଡିଓ ଶ୍ରୀ ପଣ୍ଡାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିବାସହ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦାୟୀ ବିଡିଓ ଶ୍ରୀ ପଣ୍ଡା ତାଙ୍କର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୬ତମ ବାର୍ଷିକ ଉତ୍ସବ

ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ

ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୬ତମ ବାର୍ଷିକ ଉତ୍ସବ ଧର୍ମଶାଳା କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଂଘର ସଭାପତି ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାସ, ସମ୍ପାଦକ ଗୋକୁଳାନନ୍ଦ ବେହେରା, ଯାଜପୁର ଜିଲ୍ଲା ସଂଘ ସଭାପତି ରବିଶତପଥୀ, ଅବସର ପ୍ରାପ୍ତ ଡାକ୍ତର ବିଜୟ କୁମାର ଶତପଥୀ ଯୋଗଦେଇ ସଂଘର ମୁଖ୍ୟ ଦାବି ଉପରେ ଆଲୋଚନା କରିଥିଲେ। ସଂଘର ମୁଖପତ୍ର ଅବସର ଜ୍ୟୋତିକୁ ଅତିଥି ଉନ୍ମୋଚନ କରିଥିଲେ। ସମ୍ପାଦକ ବିବେକାନନ୍ଦ ନାୟକ ବିବରଣୀ ପାଠ କରିଥିଲେ ଓ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ କରୁଣାକର ବରାଳ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଆଶାଲତା ନାୟକ ଧନ୍ୟବାଦ୍ ଦେଇଥିଲେ। ଏହି ବୈଠକର ଅବସରପ୍ରାପ୍ତ କର୍ମଚାରୀ ରମାକାନ୍ତ ଜେନା ଓ ଅଭିରାମ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ନୂତନ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘର ବନ୍ଧୁ ମିଳନ

ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ

ମହାକାଳପଡ଼ା ବ୍ଲକ ବିଜୟନଗର ଠାରେ କ୍ଷେତ୍ରୀ ଖଣ୍ଡାୟତ ମହାସଂଘ ମହାକାଳପଡ଼ା ଶାଖାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ବ୍ଲକର ବହୁ ଖଣ୍ଡାୟତ କ୍ଷେତ୍ରୀୟ ଶ୍ରେଣୀର ଲୋକମାନେ ଯୋଗଦେଇ ଥିଲେ। ବିଭିନ୍ନ ପ୍ରସଙ୍ଗରେ ମଧ ଆଲୋଚନା ହୋଇଥିଲା। ସଂଘକୁ ଆହୁରି ବ୍ୟାପକ କରିବା,

ପଞ୍ଚାୟତସ୍ତରୀ ବୈଠକ କରିବା ପାଇଁ ଆଲୋଚନାରେ ସ୍ଥାନ ପାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥିଭାବେ ଜିଲ୍ଲା ସଭାପତି ଶରତ କୁମାର ବେହୁରା, ସମ୍ମାନିତ ଅତିଥିଭାବେ ଜିଲ୍ଲା ସମ୍ପାଦକ ସୁମନ୍ତ ରାଉତ, ମୁଖ୍ୟବକ୍ତା ଭାବେ ନରୋତ୍ତମ ପରିଡ଼ା, ଜିଲ୍ଲା ସଂଯୋଜକ ଚନ୍ଦନ ପରିଡ଼ା, ଉପଦେଷ୍ଟା ଗଙ୍ଗାଧର ପରିଡ଼ା ଓ ଧନେଶ୍ୱର ରାଉତ, ଦିଲ୍ଲୀପ କୁମାର ଜେନା, ନଳିନୀପ୍ରଭା ରାଉତରାୟ, ପ୍ରଦୀପ୍ତ ବିଶ୍ୱାଳ, ମଳୟ ରାଉତ, ବିରବର ଜେନା, ଶାନ୍ତି ସ୍ୱରୂପ ଭୂୟାଁ, ଭାଗିରଥି ଜେନା, ଶୁଶିଳ ସାମଲ, ହରିହର ରାଉତ, ସୁରେନ୍ଦ୍ର ପାତ୍ର, ପ୍ରତାପ ନାୟକ, ସ୍ୱାତିସ୍ମିତା ବେହେରା, ସଚିକାନ୍ତ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ପୂର୍ବତନ ବିଧାୟକ ସ୍ୱର୍ଗତ ବିରେନ୍ ପଲେଇଙ୍କର ଶ୍ରାଦ୍ଧବାର୍ଷିକୀ ପାଳିତ

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ପ୍ରତିବର୍ଷ ଭଳି ଚଳିତ ବର୍ଷ ପୂର୍ବତନ ବିଧାୟକ, ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପୌରପାଳ ସ୍ୱର୍ଗତ ବିରେନ୍ ପଲେଇଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ଭଦ୍ରକ ପୌରପାଳିକା ଅନ୍ତର୍ଗତ କୋଣାର୍କ କ୍ଲବ, ବାଲିପାଟଣା ଠାରେ ପାଳିତ ହୋଇଅଛି। ପ୍ରାକ୍ତନ ଜିଲ୍ଲା କଂଗ୍ରେସ କମିଟିର ସଭାପତି ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲେ। କୋଣାର୍କ କ୍ଲବ ପରିସରରେ ଥିବା ସ୍ୱର୍ଗତ ପଲେଇଙ୍କର ପ୍ରତିମୂର୍ତ୍ତିରେ କ୍ଲବର ଓ ପାଠାଗାରର ସଦସ୍ୟ ତଥା ଗ୍ରାମବାସୀମାନେ ପୁଷ୍ପଦୀପ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା, ପରୋପକାରିତା, ଗୁରୁଜନଙ୍କୁ ଭକ୍ତି ତଥା ଭଦ୍ରକର ବିକାଶ

ପାଇଁ ତାଙ୍କର ଦୂରଦୃଷ୍ଟି ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ତାଙ୍କ ଭଳି ଜଣେ ଯୁବ ନେତୃତ୍ୱଙ୍କୁ ହରାଇ ଭଦ୍ରକବାସୀ ଅଦ୍ୟାବଧି ଚିନ୍ତିତ ଥିବା ସ୍ଥଳେ ଭଦ୍ରକ କଂଗ୍ରେସ ଜଣେ ଉତ୍ତମ ଓ ଗ୍ରହଣୀୟ ନେତୃତ୍ୱକୁ ହରାଇଛି। ତାଙ୍କର ଶୂନ୍ୟସ୍ଥାନ ପୂରଣ ହେବା ଅସମ୍ଭବ। କ୍ଲବର ସଭାପତି ମାୟାଧର ରାଉତ ସଂପାଦକ ବିନୋଦ ବିହାରି ନାୟକ ପାଠାଗାରର ସଭାପତି ମୁକ୍ତିକାନ୍ତ ନାୟକ ସଂପାଦକ ସତ୍ୟଜିତ ନାୟକ, ଦେବେନ୍ଦ୍ର ରାଉତ, ଚିନ୍ମୟ ସ୍ୱାଇଁ,ଅନିରୁଦ୍ଧ ନାୟକ, ଅନିବେଶ ପ୍ରଧାନ, ବିବେକ ପ୍ରଧାନ, ପ୍ରଶାନ୍ତ ପରିଡ଼ା, ଜଗବନ୍ଧୁ ମାଝୀ, ଦିବ୍ୟ ରଞ୍ଜନ ରାଉତ, ସତ୍ୟରଞ୍ଜନ ରାଉତ ଓ ଶତ୍ରୁଜିତ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

ବାଲିଗୁଡା, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ମିଡିଆକିଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ତରଫରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଭରପ୍ରାପ୍ତ ଶିକ୍ଷୟିତ୍ରୀ ଅନିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମିଡିଆକିଆ ସରପଞ୍ଚ ଅଶୋକ କୁମାର ମଳିକ, ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟା ଜାନକୀ କହଁର ଏବଂ ମୁଖ୍ୟବକ୍ତା ଭାବେ

ସମାଜସେବୀ ଗୌରଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଛାତ୍ରଛାତ୍ରୀମାନଙ୍କ ପ୍ରତି ଯେଉଁ ସ୍ନେହଶ୍ରଦ୍ଧା ରହିଥିଲା ତାହା ଅବର୍ଣ୍ଣନୀୟ ବୋଲି ଶ୍ରୀ ପୂଜାରୀ କହିଥିଲେ। ନିଜ ସନ୍ତାନ ଠାରୁ ଅଧିକ ସ୍ନେହ ସେ ଅନ୍ତେବାସୀ ଛାତ୍ରୀମାନଙ୍କୁ ଦେଉଥିଲେ। ସେମାନଙ୍କର ଲକ୍ଷ୍ୟ କ୍ରୀଡ଼ା ତଥା ଆଧ୍ୟାତ୍ମିକ ମାର୍ଗ ଦର୍ଶକ ଥିଲେ ବୋଲି ବକ୍ତାମାନେ ନିଜ ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଅସିତ୍ କୁମାର ସାହୁ ଏବଂ ସୁନୀଲ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମିଡିଆକିଆ ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ଗ୍ରାମବାସୀ, ବୁଦ୍ଧିଜୀବୀ, ଶୁଭେଚ୍ଛୁ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀମତୀ ପଟ୍ଟନାୟକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଉକ୍ତ ଗ୍ରାମପଞ୍ଚାୟତରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦାୟ କାଳୀନ ସଙ୍ଗୀତ ଛାତ୍ରୀମାନେ ପରିବେଷଣ କରିଥିଲେ। ଶେଷରେ ଏକ ବିରାଟ ଶୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରି ତାଙ୍କୁ ବିଦାୟ ଦିଆଯାଇଥିଲା।

ଶତାୟୁ ପୁରୁଷଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମର ଶତାୟୁ ପୁରୁଷ ତଥା ସମାଜ-ସେବୀ ରାଜକିଶୋର ରାଉତଙ୍କର ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୩ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଝିଅଜ୍ୱାଇଁ, ନାତିନାତୁଣୀ ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭା-ଯାତ୍ରାରେ ନିଆଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଯୁବସମାଜସେବୀ ନିଳମଣୀ ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ସମବେଦନା ଜଣାଇଛନ୍ତି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ମାର୍ଚ୍ଚ ୨୦୨୪ ରବିବାର

ବିଧବା ମହିଳାଙ୍କ ଘରୁ ସୁନାଗହଣା ସହ ୫୦ ହଜାର ଟଙ୍କା ଲୁଟ୍

ରାଇଘର, ନ୍ୟୁଜ୍‌ବ୍ୟୁରୋ

ରାଇଘର ସଦର ମହକୁମାରେ ଦିନକୁ ଦିନ ଚୋରର ଟେର ଲମ୍ବିବାରେ ଲାଗିଛି । ଟେର୍ ପାଉନି ପୋଲିସ । ରାଇଘରରେ ପୁଣି ବିଧବା ମହିଳାଙ୍କ ଘରୁ ଚୋରି । କିଛିଦିନ ପୂର୍ବେ ସଦର ମହକୁମାର କୋଦଭଙ୍ଗା ସାହିର ଜଣେ ଓକିଲଙ୍କ ଘର ଏବଂ ଦୁଇଜଣ ବ୍ୟାବସାୟୀଙ୍କ ଘରୁ ସୁନା ଚୋରି କରିବା ପରେ ହାଟପଦାରେ ଥିବା ଶିକ୍ଷକ ଦମ୍ପତିଙ୍କ ଘରୁ କାନ୍ଥ ଭାଙ୍ଗି ଚୋରି କରିନେଇଛି । ବାରମ୍ବାର ଏହିପରି ସିରିଜ ଚୋରି ହେଉଥିବାର ଦେଖିବାକୁ ମିଳୁଛି ରାଇଘର ଅଞ୍ଚଳରେ । ଟେର୍ ପାଉନି ପୋଲିସ । ଚୋରର ଟେର ଲମ୍ବିଛି । ପୋଲିସର ହାତ ଖାଲି । ବହୁତ ହୁସିଆରିରେ ଗୋଟେ ଗ୍ୟାଙ୍ଗ ଏହିଭଳି ଚୋରିରେ ସାମିଲ ଥିବାର ଅନୁମାନ ହେଉଛି, ପତ୍ରକୋଟି ରାମକୃଷ୍ଣ କଲୋନୀରେ ରହୁଥିବା ସ୍ୱର୍ଗତ ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ସ୍ତ୍ରୀ ସୁମିତ୍ରା ତ୍ରିପାଠୀ ନିଜ ପୁଅ ରହୁଥିବା ବରଗଡ଼ ପାଇକମାଳକୁ ଯାଇଥିଲେ । ଗୁରୁବାର ଦିନ ତାଙ୍କ କବାଟ ଖୋଲା ଦେଖି ସାହି ପଡିଶା ଲୋକେ ତାଙ୍କ ଘରକୁ ଆସି ଦେଖିଲେ ଘରେ କିଏ ନାହାନ୍ତି । ତାଲା ଭଙ୍ଗା ହୋଇଛି । ସାଙ୍ଗେ ସାଙ୍ଗେ ପଡିଶା ଲୋକେ ବିଧବା ମହିଳାଙ୍କୁ ଫୋନ୍ ଯୋଗେ ଜଣେଇବା ପରେ ସକାଳେ ସୁମିତ୍ରା ତ୍ରିପାଠୀ ଘରେ ଆସି ଦେଖିଲା ବେଳକୁ ଘରର ସମସ୍ତ ତାଲା ଭଙ୍ଗା ହୋଇ ଟ୍ରଙ୍କ ଭିତରେ ଥିବା ସମସ୍ତ ଜିନିଷ ପତ୍ର ଖଟିଆ ଉପରେ ବିଛେଇ ହୋଇପଡିଛି । ଜରି ଭିତରେ ଦୁଇଟା ସୁନାର ହାର, ଗୋଟିଏ ସୁନାର ମଙ୍ଗଳସୂତ୍ର, ଗୋଟିଏ କାନଫୁଲ, ୮ଟି ସୁନା ମୁଦି ଏବଂ ୫୦ ହଜାର ଟଙ୍କା ଚୋରି କରି ନେଇଯାଇଛି ଚୋର । ସାଙ୍ଗେ ସାଙ୍ଗେ ରାଇଘର ଥାନାକୁ ଯାଇ ଲିଖିତ ଅଭିଯୋଗ ଦେବାପରେ ଥାନା ପୋଲିସ ଏବଂ ସ୍କ୍ୱାର୍ଡ ଟିମ୍ ଅନୁସନ୍ଧାନି କୁକୁର ଧରି ସମ୍ପୂର୍ଣ୍ଣ ଅଞ୍ଚଳ ଛାନ୍‌ବିନ୍ କରିଥିଲେ । ଏହିଭଳି ବାରମ୍ବାର ଚୋରି ହେଉଥିବାରୁ କିଏ ଖାଲି ଘର ଛାଡି ଯିବାକୁ ଡ଼ରୁଛନ୍ତି, ପୋଲିସ ପାଇଁ ଏହା ଗୋଟେ ଚ୍ୟାଲେଞ୍ଜର ବିଷୟ ହୋଇଛି ।

୩୪୭ ଦିନରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ୧୫୦ ମିଲିୟନ ଟନ୍ ପଣ୍ୟ ପରିବହନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଭାରତୀୟ ରେଲୱେରେ ଖୋର୍ଦ୍ଧା ରୋଡ ମଣ୍ଡଳ ହେଉଛି ପ୍ରଥମ ଏବଂ ଏକମାତ୍ର ମଣ୍ଡଳ ଯାହାକି ୨୭୭ ମିଲିୟନ୍ ଟନ୍ ଟ୍ରାଫିକ୍ ପରିଚାଳନା କରିଛି (ଉଭୟ ଲୋଡିଂ ଏବଂ ଅନ୍‌ଲୋଡିଂ) । ଖୋର୍ଦ୍ଧା ରୋଡ଼ ମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ୩୪୭ ଦିନରେ ୧୫୦ ମିଲିୟନ୍ ଟନ୍‌ର ମାଲ୍ ପରିବହନ ଲୋଡିଙ୍ଗ ହାସଲ କରିଛି । ୧ ଏପ୍ରିଲ, ୨୦୨୩ ରୁ ୧୨ ମାର୍ଚ୍ଚ, ୨୦୨୪ ପର୍ଯ୍ୟନ୍ତ ଏହି ମଣ୍ଡଳ ୧୫୦ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହାକି ଗତ ଆର୍ଥିକ ତୁଳନାରେ ୯ ଦିନ ପୂର୍ବରୁ ଏହି ବିଭାଗ ମାଇଲଖୁଣ୍ଟ ହାସଲ କରିଛି । ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୨-୨୩ରେ ସମାନ ଲକ୍ଷ୍ୟ ହାସଲ କରିବାକୁ ୩୫୬ ଦିନ ଲାଗିଲା । ଚଳିତ ବର୍ଷରେ ୧୫୦ ମିଲିୟନ ଟନ୍‌ର ମାଲ୍ ଲୋଡିଂ ପ୍ରଶାସନରେ ୧୩,୬୭୪ କୋଟି ଟଙ୍କା ରାଜସ୍ୱ ଯୋଡିଛି । ଖୋର୍ଦ୍ଧା ରୋଡ୍ ମଣ୍ଡଳର ସମସ୍ତ ଲୋଡିଂ ପଏଣ୍ଟରେ ସରକାରୀ ଓ ଶିଳ୍ପ ସଂସ୍ଥା ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ, ଲକ୍ଷ୍ୟ ହାସଲ କରିବାରେ ବହୁ ଅବଦାନ ଦେଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୧୧୨.୬୪ ନିୟୁତ ଟନ୍ କୋଇଲା, ୭.୩୬ ନିୟୁତ ଟନ୍‌ର କଞ୍ଚାମାଲ୍ ଇସ୍ପାତ କାରଖାନାକୁ, ୧୨.୪୨ ନିୟୁତ ଟନ୍ ପିଗ୍ ଆଇରନ୍ ଏବଂ ଉତ୍ପାଦ ଇସ୍ପାତ, ୭.୧୫ ନିୟୁତ ଟନ୍ ଲୁହାପଥର, ୪.୦୯ ନିୟୁତ ଟନ୍ ସାର ଏବଂ ୬.୬୪ ନିୟୁତ ଟନ୍ ଅନ୍ୟାନ୍ୟ ସାମଗ୍ରୀ ଅର୍ଥାତ୍ ସିମେଣ୍ଟ, ଖାଦ୍ୟ ଶସ୍ୟ, ଖଣିଜ ତେଲ ଇତ୍ୟାଦି ଲୋଡ କରିଛି । ଚଳିତ ଆର୍ଥିକ ବର୍ଷରେ, ଭାରତୀୟ ରେଲୱେରେ ଖୋର୍ଦ୍ଧା ରୋଡ ମଣ୍ଡଳ ହେଉଛି ପ୍ରଥମ ଏବଂ ଏକମାତ୍ର ମଣ୍ଡଳ ଯାହାକି ୨୭୭ ମିଲିୟନ୍ ଟନ୍ ଟ୍ରାଫିକ୍ ପରିଚାଳନା କରିଛି (ଉଭୟ ଲୋଡିଂ ଏବଂ ଅନଲୋଡିଂ) ୧ ଏପ୍ରିଲ ୨୦୨୩ରୁ ୧୨ ମାର୍ଚ୍ଚ ୨୦୨୪ ଅବଧି ମଧ୍ୟରେ ଡିଭିଜନ ୧୫୦ ନିୟୁତ ଟନ୍ ମାଲ ଲୋଡ କରିଛି ଏବଂ ୧୨୭ ନିୟୁତ ଟନ୍ ଅନ୍‌ଲୋଡ କରିଛି । ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ.ଏସ ବାଜୱା, ହିତାଧିକାରୀ ତଥା ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କଞ୍ଚାମାଲ ପରିବହନରେ ଦିନରାତି ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସାଇବର ଠକେଇ:ଦେଢ଼ ମାସରେ ଲୁଟିଲେଣି ୫୩ ଲକ୍ଷ

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ସାଇବର ଅପରାଧୀଙ୍କ କବଳରେ ବ୍ରହ୍ମପୁର ପୋଲିସ ଜିଲ୍ଲା । ନୂଆ ଓ ପୁରୁଣା ତରିକାରେ ବ୍ୟାଙ୍କ୍ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ୍ ହୋଇଯାଉଥିବା ନଜିର ରହିଛି । ପ୍ରତ୍ୟେକ ଦିନ ମୋବାଇଲ୍‌କୁ ଲଟେରୀ ଉଠାଣ, ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଚାକିରି, କିଛି ସୁନ୍ଦରୀଙ୍କ ସହ କଥାବାର୍ତ୍ତା ହେବା ପାଇଁ ମେସେଜ୍ ଏବଂ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ଆସୁଛି ମେସେଜ୍ । ଏହି ମେସେଜ୍‌କୁ ବିଶ୍ୱାସ କରି ଲୋକେ ସାଇବର ଠକେଇର ଶିକାର ହୋଇଛନ୍ତି । ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ବ୍ରହ୍ମପୁର ସାଇବର ଥାନାରେ ମୋଟ ୭ଟି ସାଇବର ଠକେଇ ମାମଲା ରୁଜୁ ହୋଇଥିବା ବେଳେ ସହରର ଅନ୍ୟ ଥାନା ଗୁଡ଼ିକରେ ମଧ୍ୟ ଏକାଧିକ ସାଇବର ଠକେଇ ମାମଲା ରୁଜୁ ହୋଇଛି । ଏସ୍‌ବିଆଇ ଆକାଉଣ୍ଟ ବ୍ଲକ୍ ହୋଇଯିବ କହି ସାଇବର ଠକ ଲାଞ୍ଜିପଲ୍ଲୀ କେଶବ ନଗରରେ ରହୁଥିବା ନରସିଂହ ମହାନ୍ତିଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୧ ଲକ୍ଷ ୯୦ ହଜାର ଟଙ୍କା ଠକି ନେଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ଲାଇକ୍, ସବ୍‌ସ୍କ୍ରାଇବ୍ ଓ ସେୟାର କରିବା ଭଳି ପାର୍ଟଟାଇମ୍ ଜବ୍ ଲୋଭରେ ପଡ଼ି ବଡ଼ବଜାର ଥାନା ଅଞ୍ଚଳର ଭିକାରୀ ବେହେରା ୩ ଲକ୍ଷ ୭୮ ହଜାର ଟଙ୍କା ସାଇବର ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ ରହିଛି । ସେହିଭଳି ନୂତନ ପେଟ୍ରୋଲ୍ ପମ୍ପ ଖୋଲିଦେବାକୁ କହି ଗୋସାଇଁ ନୂଆଗାଁ ସଦାନନ୍ଦ ବିହାର ନିବାସୀ କିଶୋର ଚନ୍ଦ୍ର ପାଢ଼ୀଙ୍କ ଠାରୁ ୩ ଲକ୍ଷ ୩୬ ହଜାର ୯୮୦ ଟଙ୍କା ଠକି ନେଇଛନ୍ତି ସାଇବର ଠକ । ଅନୁରୂପ ଭାବେ ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଚାକିରିରୁ କମିଶନ ପାଇବା ଲୋଭରେ ଲୋଚାପଡ଼ା ବ୍ରଜନଗର ୩ୟ ଲାଇନ୍ ନିବାସୀ ଏ ସଞ୍ଜିବ ପାତ୍ରଙ୍କ ଠାରୁ ମୋଟ ୪ ଲକ୍ଷ ୯୭ ହଜାର ଟଙ୍କା ସାଇବର ଠକେଇର ଶିକାର ହୋଇଛନ୍ତି । ସେହିପରି ଆଉ ଜଣେ ଡ଼ାକ୍ତରୀ ଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ଅଧିକ ଅର୍ଥ ରୋଜଗାରର ଲୋଭ ଦେଖାଇ ୨୩ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଅପରାଧି । ଠକେଇର ଶିକାର ଡ଼ାକ୍ତର ଜଣକ ହେଲେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ର ପିଜି ଛାତ୍ର ନିଶାନ୍ତ ନାୟକ । ଅନ୍‌ଲାଇନ୍‌ରେ ଇନ୍‌ଭେଷ୍ଟ ଆଳରେ ସାଇବର ଠକେଇ, ଯୁବତୀଙ୍କ ଠାରୁ ନେଇଗଲେ ୯୫ ହଜାର ଟଙ୍କା । ଏନେଇ ବୈଦ୍ୟନାଥପୁର ଥାନାରେ ହୋଇଛି ଅଭିଯୋଗ । ପାର୍ଟଟାଇମ୍ ଚାକିରି କହି ସାଇବର ଠକମାନେ ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା କେଲୁଆପଲ୍ଲୀ ଗୁଣପୁରର କାହ୍ନୁ ଚରଣ ନାୟକଙ୍କ ଠାରୁ ୩ ଲକ୍ଷ ୨୩ ହଜାର ୫୭୦ ଟଙ୍କା ଠକି ନେଇଛନ୍ତି । ଅନ୍‌ଲାଇନ୍ ଟ୍ରେଡ଼ିଂ ନାଁରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର କପିଳି ମହାକୁଡ଼ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୧୧ ଲକ୍ଷ ୭୩ ହଜାର ୮୧୭ ଟଙ୍କା ଚୂନ ଲଗାଇଛନ୍ତି ଠକ । ସାଇବର ଠକ ଗୋଷ୍ଠୀ ଏବେ ସମଗ୍ର ସହରରେ ଜାଲ ବିଛାଇଛନ୍ତି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତଙ୍କୁ ଜାଲରେ ଫସାଉଛନ୍ତି । ପୋଲିସ ପକ୍ଷରୁ ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରୁଥିଲେ ହେଁ ଏହି ମାମଲା ଉପରେ ଲଗାମ ଲାଗିବା ପରିବର୍ତ୍ତେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି । ପୋଲିସ ଡାଳେ ଡାଳେ ଗଲେ ଅପରାଧୀ ପତ୍ରେ ପତ୍ରେ ଯାଉଛନ୍ତି । ଫଳରେ ପୋଲିସର ବଳ ଠାରୁ ଅପରାଧିଙ୍କ କୌଶଳ ଚିନ୍ତା ବଢ଼ାଇଛି । ସାଇବର ଠକମାନେ ଗତ ଦେଢ଼ମାସରେ ପୃଥକ୍ ପୃଥକ୍ ମାମଲାରେ ପ୍ରାୟ ୫୩ ଲକ୍ଷ ଠକି ନେଇଥିବା ଅଭିଯୋଗ ରହିଛି । ଅନ୍ୟପକ୍ଷରେ ସାଇବର ଥାନାରେ ତାଲିମପ୍ରାପ୍ତ ତଥା ଦକ୍ଷତା ସମ୍ପନ୍ନ ଅଫିସର ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇନଥିବାରୁ ଅପରାଧୀଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବା ସାଧାରଣରେ ଆଲୋଚନା ହେଉଛି । ଏପଟେ ଗୋଟିଏ ପରେ ଗୋଟିଏ ସାଇବର ଠକେଇ ମାମଲା ବୃଦ୍ଧି ପାଉଛି । ପ୍ରକାଶ ଥାଉକି, ୨୦୨୩ରେ ସାଇବର ଥାନାରେ ୨୯ଟି ଠକେଇ ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ଗୋଟିଏ ମାମଲାରେ ହିଁ ପୋଲିସକୁ ସଫଳତା ପାଇଥିଲା । ବର୍ତ୍ତମାନ ସାଇବର ଅପରାଧକୁ ରୋକିବା ଓ ଅପରାଧିଙ୍କୁ ଧରିବା ଉପରେ ପୋଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିଛି ।

ଜାତୀୟ ରାଜପଥ ନିର୍ମାଣ ସମୟରେ ଜଳ ସେଚନ ଓ ଜଳ ନିଷ୍କାସନରେ ଗୁରୁତ୍ୱ ଦେବାକୁ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଦୈତାରୀ-ପାରାଦ୍ୱୀପ ଜାତୀୟ ରାଜପଥ ଯାଜପୁର ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ କେନ୍ଦ୍ରାପଡା ଜିଲ୍ଲା ମଧ୍ୟ ଦେଇ ପାରାଦ୍ୱୀପ ପର୍ଯ୍ୟନ୍ତ ଯାଇଛି । ଏହାକୁ ସରକାର ଏବେ ୮ ଲେନ୍ ବିଶିଷ୍ଟ କରୁଛନ୍ତି । ଏହି କାର୍ଯ୍ୟ ଏବେ କେନ୍ଦ୍ରାପଡା ଜିଲ୍ଲାରେ ଆରମ୍ଭ ହୋଇ ଦୃତ ଗତିରେ ଚାଲୁଛି । ନଦୀ ନାଳଘେରା କେନ୍ଦ୍ରାପଡା ଜିଲ୍ଲାର ମଧ୍ୟଭାଗ ଦେଇ ୮ ଲେନ୍ ବିଶିଷ୍ଟ ରାଜପଥ ପଞ୍ଚୁ ପାଣ୍ଡବ ଛକ ଠାରୁ ନିଳାଚଳ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯିବା ସମୟରେ ଜିଲ୍ଲାର ଜଳ ସେଚନ ଓ ଜଳ ନିଷ୍କାସନ ଉପରେ ବହୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡିବ । ଏଥିରେ ବହୁ ପାଟନାଳୀ, କେନାଲ ଓ ନଦୀ ପ୍ରଭାବିତ ହେବ । ଏଣୁ ରାସ୍ତା ନିର୍ମାଣ ସମୟରେ ଜିଲ୍ଲାରେ ଚାଷୀ ମାନଙ୍କର ଶସ୍ୟ କ୍ଷେତ୍ରକୁ କେନାଲ ସଂଯୋଗ, ପାଟନାଳୀରେ ଜଳ ନିଷ୍କାସନ ଓ ନଦୀର ପୋଲ ଆଦି ନିର୍ମାଣ ସମୟରେ ସଠିକ୍ ଭାବରେ ନିଷ୍ପତି ନେଇ କାର୍ଯ୍ୟ କରିବାକୁ ପଡିବ । ଅନେକ ସ୍ଥଳରେ କେଲାନ ସ୍ଥାନରେ କେବଳ ହୋମ୍ ପାଇପ୍ ନ ପକାଇ ସଠିକ୍ ଭାବରେ ସୁଇଚ୍ ବକ୍ସ ପୋଲ କରି ଜଳ ସେଚନର ବ୍ୟବସ୍ଥା କରିବାକୁ ହେବ । ପାଟନାଳୀ ଉପରେ ସୁଇଚ୍ ପୋଲ ନିର୍ମାଣ କରାନଗଲେ ବର୍ଷାଦିନେ ପୋଲ ପାଖରେ ଦଳ ଅଟକି ଓ ଜମି ରହି ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ । ୮ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ ଉଭୟ ଜଳସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଠିକ୍ ତଦାରଖ କରି କାର୍ଯ୍ୟ କରାନଗଲେ ଚାଷୀଙ୍କ ଦାବି ପ୍ରତି ଅଣଦେଖା କରିଲେ କେନ୍ଦ୍ରାପଡା ଜିଲ୍ଲାର ଏକମାତ୍ର ଅଗ୍ରଣୀ କୃଷକ ସଂଗଠନ, କୃଷକ ବିକାଶ ପରିଷଦ ଆନ୍ଦୋଳାତ୍ମକ ପଦକ୍ଷେପ ନେବାକୁ ବାଧ ହେବ ବୋଲି କୃଷକ ବିକାଶ ପରିଷଦର ସଭାପତି ବିଜୟ କୁମାର ପରିଡାଙ୍କ ସମେତ ସୁରେନ୍ଦ୍ର ପଲାଇ, ପୂର୍ଣ୍ଣଚନ୍ଦ୍ର କର, ମଧୁସୂଦନ ରାଉତ, ରମଣ ବିଶ୍ୱାଳ, ଧରଣୀଧର ପରିଡା, ଚିତରଞ୍ଜନ ଦାସ ପ୍ରମୁଖ ଜଣାଇଛନ୍ତି ।

ସମବାୟ ସମିତିର ନୂତନ ଅଫିସ ଗୃହ ପାଇଁ ଭୂମି ପୂଜା

ବିଷମ କଟକ, ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ା ଜିଲ୍ଲା ବିଷମକଟକ ମାର୍କମା ସାହି ପାର୍ଶ୍ୱରେ ୩୮ ସେଣ୍ଟ ଜାଗାରେ ବିଷମକଟକ ସମବାୟ ସମିତିର ନୂତନ ଅଫିସ ଗୃହ ଓ ଗୋଦାମ ଗୃହ ପାଇଁ ଭୂମି ପୂଜା କଲେ ମନ୍ତ୍ରୀ ଜଗନ୍ନାଥ ସାରକା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ କଲ୍ୟାଣ ଉପଦେଷ୍ଟା ସୁଧିର କୁମାର ଦାସ, ବରିଷ୍ଠ ଆଇନଜୀବୀ ତଥା ଖଦି ଯୋଜନା ବୋର୍ଡ ଉପାଧ୍ୟକ୍ଷ ପୃଥିବୀ ରାଜ ସାହୁ, ବିଷମକଟକ ଚେୟାରମ୍ୟାନ ଯଶୋଦା ହୁଇକା, ବିଷମକଟକ ବ୍ଲକ୍ ଭାଇସ୍ ଚେୟାରମ୍ୟାନ ଦେବୀ ପ୍ରସାଦ ପଟ୍ଟନାୟକ, ସମବାୟ ସମିତିର ନିବନ୍ଧକ ମନ୍ମଥ କୁମାର ଦାସ, ବିଷମକଟକ ସରପଞ୍ଚ ନମିତା କୁଲୁସିକା ଓ ବିଷମକଟକ ସମବାୟ ସମିତିର ସଭାପତି ଶିରି କୁମୁରୁକା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ବିଷମକଟକ ସମବାୟ ସମିତିର ଏମ ଡି ସାନ୍ତୁନୁ ସାହୁ ଓ ସମବାୟ ସମିତିର ସମସ୍ତ କର୍ମଚାରୀ, ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମବାୟ ସମିତିର ଏମଡି ସାନ୍ତୁନୁ ସାହୁ ପରିଚାଳନା କରିଥିଲେ ।

ଫୋର୍ବସ୍‌ରେ ସ୍ଥାନ ପାଇଲେ ମାଲକାନଗିରି ଝିଅ

ମାଲକାନଗିରି ,ନ୍ୟୁଜ୍‌ବ୍ୟୁରୋ

ଅନ୍ତର୍ଜାତୀୟ ଖବରକାଗଜ ସଂସ୍ଥା ଫୋର୍ବସ ପକ୍ଷରୁ ଦେଶର ୨୩ ଜଣ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଛି । ଏହି ତାଲିକାରେ ବିଶ୍ୱ ବ୍ୟାଙ୍କ ଏମ୍‌ଡି ଓ ସି ଏଫ୍‌ଓ ଅନଶୂଳା କାନ୍ତ, କ୍ରିକେଟର୍ ଦୀପ୍ତି ଶର୍ମା, ହିନ୍ଦୀ ସିନେମା ଜଗତର ଚର୍ଚ୍ଚିତ ଚେହେରା କ୍ରୀତି ସାନୋନ ଓ ଚେସ୍ ଗ୍ରାଣ୍ଡମାଷ୍ଟର୍ ଆର୍. ବୈଶାଲୀଙ୍କ ଭଳି ୨୩ ଜଣ ଶକ୍ତିଶାଳୀ ମହିଳା ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ମହିଳା ଭାବେ ମାଲକାନଗିରି ଜିଲ୍ଲାର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି ।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶିଳ୍ପ ନିରାପତ୍ତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ଝାରସୁଗୁଡ଼ାର ପରିଚାଳନାରେ ଓଡ଼ିଶାର କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହଯୋଗରେ ଏକ ବ୍ୟାପକ ଏକଦିବସୀୟ ଶିଳ୍ପ ନିରାପତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଛି । ଶ୍ରମ ଓ ଇଏସଆଇ, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରୟାସ ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପାଞ୍ଚଳରେ ବିସ୍ତାରିତ ଯାହା ଏକ ଦୃଢ ନିରାପତ୍ତା ସଂସ୍କୃତି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ । ଏହି ତାଲିମ କାର୍ଯ୍ୟକ୍ରମକୁ ଆର.ଏସ. ଗୋପାଳନ, ଆଇଏଏସ ଆୟୋଗ ତଥା ସଚିବ, ଶ୍ରମ ଓଇଏସଆଇ ବିଭାଗ, ଓଡ଼ିଶା ସରକାରଙ୍କ ସହିତ ଓଡ଼ିଶାର କାରଖାନା ତଥା ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ସ୍ୱରୂପ ଜେନା କାରଖାନା ତଥା ବାଷ୍ପିତ୍ର, ସମ୍ବଲପୁର ଡିଭିଜନ, ଅର୍ଚ୍ଚନା ଦାସ, ସହକାରୀ ନିର୍ଦ୍ଦେଶକ କାରଖାନା ତଥା ବାଷ୍ପିତ୍ର, ଉମାକାନ୍ତ ସାମନ୍ତରାୟ କାରଖାନା ତଥା ବାଷ୍ପିତ୍ର, ସମ୍ବଲପୁର ଭର୍ଚ୍ଚୁଆଲ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗୁଣବତ୍ତା ଓ ପରିବେଶ ପ୍ରବନ୍ଧନ ସେବା ପ୍ରା. ଲିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ନେତୃତ୍ୱରେ ତାଲିମ ପରିଚାଳିତ ହୋଇଥିଲା । ପଶ୍ଚିମ ଓଡ଼ିଶାରୁ ୪୦୦ରୁ ଅଧିକ ଶିଳ୍ପ ସଂସ୍ଥାର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବେଦାନ୍ତର ସୁରକ୍ଷା ସଂସ୍କୃତି ଉପରେ ମତ ଦେଇ ସୁନୀଲ ଗୁପ୍ତା, ସିଓଓ, ଆଲୁମିନିୟମ ବିଜ୍‌ନେସ୍ କହିଛନ୍ତି ଯେ ଆମର କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା । କାର୍ଯ୍ୟକ୍ରମର ଉତ୍କର୍ଷତା ବଜାୟ ରଖିବା ପାଇଁ ଆମେ କର୍ମଚାରୀଙ୍କ ସୁରକ୍ଷା ତାଲିମକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ଶିଳ୍ପ ସୁରକ୍ଷା ତାଲିମ ଜରିଆରେ ଆମେ ଉନ୍ନତ କର୍ମ ସଂସ୍କୃତି ପ୍ରତିପାଦନ କରିବାକୁ ଚେଷ୍ଟା କରୁ । ଆର.ଏସ. ଗୋପାଳନ, ଆଇଏଏସ ଆୟୋଗ ତଥା ସଚିବ, ଶ୍ରମ ଓ ଇଏସଆଇ ବିଭାଗ, ଓଡ଼ିଶା ସରକାର କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ ଯେ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଏହି ଅଭ୍ୟାସକୁ ଯୋଡ଼ିବା ଓ ଉପଯୁକ୍ତ ପ୍ରଦର୍ଶନ ପ୍ରତିପାଦନ କରିବା ଦିଗରେ ଏହି ତାଲିମ ସହାୟକ ହେବ ।

୨୪ ଚୋରି ଟାୟାର ଜବତ:ଜଣେ ଗିରଫ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି । କେନ୍ଦୁଝରରୁ ଚୋରି ହୋଇଥିବା ୨୪ଟି ଟ୍ରକ୍ ଟାୟାର ଓ ଦୁଇଟି ବୋଲେରୋ ଟାୟାର ସିଜ୍ କରିବା ସହ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି କେନ୍ଦୁଝର ଟାଉନ ଥାନା ପୋଲିସ । ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ବଅଁରପାଳ ଥାନା ଅନ୍ତର୍ଗତ ନୂଆହାଟ ପାଟଣା ସାହିର ସୁନିଲ କୁମାର ସାହୁଙ୍କ ପୁଅ ଗଣେଶ ସାହୁ (୩୫) ଓ ମହମଦ ସାହାବୁଦ୍ଦିନଙ୍କୁ ଏହି ମାମଲାରେ ଗିରଫ କରାଯାଇଛି । କେନ୍ଦୁଝର ଜାତୀୟ ରାଜପଥ-୨୦ ପାର୍ଶ୍ୱରେ ଥିବା ଏକ ଟାୟାର ଦୋକାନରୁ ଟାୟାର ଚୋରି ମାମଲାରେ ତଦନ୍ତ କରୁଥିବା ଟାଉନ୍ ଥାନା ପୋଲିସ, କେନ୍ଦୁଝର ଟାଉନ୍ ଥାନା କେଶ ନମ୍ବର ୧୬୧/୦୯/୦୩/୨୦୨୪ର ଆଧାରରେ ଭାରତୀୟ ପିଙ୍ଗଳ କୋଡ଼ ୪୫୭/୩୮୦ରେ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ । ସହକାରୀ ସବ୍ ଇନିସ୍ପେକ୍ଟର ଅନାମ ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଚୋରି ସାମଗ୍ରୀ ନେଇ ଯାଇଥିବା ଗାଡି ନମ୍ବର ଆଧାରରେ ପିଛା କରି ଝାରସୁଗୁଡା ଯାଇଥିଲେ । ସେଠାରୁ ଗାଡି ନମ୍ବରଟି ଭୁଲ୍ ଥିବା ଜାଣି ସିସିଟିଭି ଫୁଟେଜ ଆଧାରରେ ପାଲଲହଡ଼ାରୁ ଖମାର ଯାଏ ଛାନ୍‌ଭିନ୍ କରି ଶେଷରେ ଖମାର ନିକଟରୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ । ଅଭିଯୁକ୍ତମାନେ ଏହାକୁ ଗୋଟିଏ ଟାୟାର ରିସୋଲିଙ୍ଗ ଦୋକାନ ନିକଟରେ ଲୁଚାଇ ଗଚ୍ଛତ କରି ରଖିଥିବା ବେଳେ ସେଠାରୁ ସମସ୍ତ ୨୬ଟି ଯାକ ଟାୟାର ଉଦ୍ଧାର କରାଯାଇଛି । ସେଠାରୁ ଅଳ୍ପକେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ମହମଦ ସାହାବୁଦ୍ଦିନଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି । ଅଧିକ ତଦନ୍ତ ଜାରି ରହିଛି ।

ଉତ୍କଳ ଆଲୁମିନା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ

ଟିକିରି/ରାୟଗଡା, ନ୍ୟୁଜ୍‌ବ୍ୟୁରୋ

ନାରୀତ୍ୱ ଏବଂ ସାଂସ୍କୃତିକ ବିବିଧତାର ଏକ ହୃଦୟସ୍ପର୍ଶୀ ଉତ୍ସବ ପାଳନ କରିବାକୁ ଯାଇ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ତାହାର ଖଣି ସିଏସ୍‌ଆର ପ୍ରୟାସ ଅଧୀନରେ ଚଳିତ ମାର୍ଚ୍ଚ ୧୨ ତାରିଖରେ ଅଣ୍ଡିରାକଞ୍ଚ ଗ୍ରାମର ଆଦିବାସୀ ମହିଳାଙ୍କ ପାଇଁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରିବାକୁ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ୧୦୦୦ରୁ ଅଧିକ ଆଦିବାସୀ ମହିଳାଙ୍କ ଅଂଶଗ୍ରହଣ ସହିତ ଏହି କାର୍ଯ୍ୟକ୍ରମ ବିପୁଳ ଭାବରେ ସଫଳ ହୋଇଥିଲା ଏବଂ ସାମାଜିକ ଦାୟିତ୍ୱବୋଧ ଓ ଗୋଷ୍ଠୀ ନିୟୋଜନତା ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଥିଲା । ଗୋଷ୍ଠୀ ବିକାଶ ପ୍ରତି ସମର୍ଥନ ଯୋଗାଇଦେବାକୁ ଉତ୍କଳ ଆଲୁମିନାର ପ୍ରତିବଦ୍ଧତାକୁ ଦୋହରାଇ ମଜହର ବେଗକ୍, ୟୁନିଟ ହେଡ୍ ଓ ପ୍ରେସିଡେଣ୍ଟ, ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ଆଲୁମିନା କହିଥିଲେ, 'ଆମେ ବିଶ୍ୱବ୍ୟାପୀ ମହିଳା ମାନଙ୍କର ଉଲ୍ଲେଖନୀୟ ସଫଳତା ଏବଂ ଅବଦାନକୁ ସମ୍ମାନ ପ୍ରଦର୍ଶନ କରୁଥିବା ବେଳେ ଆଦିବାସୀ ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମୂହ ଏବଂ ପ୍ରତିଦିନ ସେମାନେ ପ୍ରତିଦିନ ପ୍ରଦର୍ଶନ କରୁଥିବା ଅତୁଳନୀୟ ମଜଭୁତପଣକୁ ସମ୍ମାନ ଜଣାଇବା ନିତାନ୍ତ ଜରୁରୀ । ସେମାନଙ୍କ ସଶକ୍ତିକରଣକୁ ସମର୍ଥନ ଯୋଗାଇବା, ସେମାନଙ୍କ ସ୍ୱରକୁ ଅଧିକ ପ୍ରଭାବୀ କରିବା ଏବଂ ଆଗକୁ ବଢିବା ସକାଶେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପୁନଃମଜଭୁତ କରିବାକୁ ହେବ ।' ଉତ୍ସବ ଚିନ୍ତାଧାରା ସହଭାଗୀତା କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିଲା, ଯେଉଁଠି ଆଦିବାସୀ ମହିଳାମାନଙ୍କୁ ସେମାନଙ୍କ ମତାମତ ପ୍ରକାଶ କରିବା, ସେମାନଙ୍କ ଅନୁଭୂତି ସହଭାଗୀତା କରିବା ଏବଂ ବ୍ୟକ୍ତିଗତ ତଥା ଗୋଷ୍ଠୀ ବିକାଶ ନିମନ୍ତେ ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୧୭।୩।୨୦୨୪, ଚୈତ୍ର ଦ୪ନ, ରବିବାର

ସୂର୍ଯ୍ୟୋଦୟ- ଘ୦୫।୫୪।୧୧ **ଚନ୍ଦ୍ରୋଦୟ- ଦିଘ୧୧।୧୧।୧୦**

ଅଷ୍ଟମୀ - ରାଘ ୯।୫୩ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର- ଦିଘ ୪।୪୭ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର** - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୯।୫୩ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଘ ୯।୫୬ ମଧ୍ୟେ ଦିଘ ୧।୨୪ ଗତେ ଘ ୧।୫୫ ମଧ୍ୟେ ।


ମେଷ: ଆଜି ଦିନଟି ବେଶ୍ ହସ ଖୁସିରେ ବିତାଇବେ । କାର୍ଯ୍ୟ ସାଫଲ୍ୟ ହେତୁ ମନରେ ଆନନ୍ଦ ଆସିବ । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ବନ୍ଧୁ ସହଯୋଗ ଲାଭ କରିବେ । ରୋଜଗାରରେ ପ୍ରଗତି ।


ବୃଷ: ସମସ୍ତଙ୍କ ଅସହଯୋଗ ଆପଣଙ୍କୁ ହତୋତ୍ସାହିତ କରିବ । କର୍ମହାନୀର ସମ୍ଭାବନା । ଦୁଶ୍ଚିନ୍ତାରେ ପଡ଼ିପାରନ୍ତି । ଆୟର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳଗ୍ରସ୍ତ ହେବେ । ମହିଳାମାନେ ଗର୍ବୀ ହେବେ ।


ମିଥୁନ: ପୁରାତନ କର୍ମପ୍ରାପ୍ତିର ସୁଯୋଗ ଲାଭ କରିବେ । ଆଜି ଆହାର ବ୍ୟବହାର ପ୍ରତ୍ୟେକରେ ତୃପ୍ତି ଲାଭ କରିବେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ପ୍ରାପ୍ତି ହେବ । ଦେହ ଭଲ ରହିବ ।


କର୍କଟ: ବନ୍ଧୁ ସହଯୋଗ ଲାଭ କରିବା ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ କ୍ରମଶଃ ଅଧିକ ହେବ । କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । କିନ୍ତୁ ଘରେ ଅଶାନ୍ତି ।


ସିଂହ: ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିପାରିବେ । ପାରିବାରିକ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରରେ ବୃଦ୍ଧି ହେବ ।

କନ୍ୟା: ସାହାଯ୍ୟ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ଆୟର ପରିମାଣ ବଢ଼ିବ । ଦିନ ସାରା କର୍ମଚଞ୍ଚଳ ରହିବେ । ସୁସମ୍ବାଦ ପ୍ରାପ୍ତି ସହ ଗୃହେ ଆନନ୍ଦ ଲାଭ ହେବ । ମନ ଭଲ ରହିବ ।


ତୁଳା: ଅନ୍ୟମାନଙ୍କ ମଧ୍ୟରେ କର୍ମ ସମ୍ପାଦନ ପାଇଁ ପରିସ୍ଥିତି ସୃଷ୍ଟି ହେବ । ବନ୍ଧୁ ସହଯୋଗ ପାଇବେ । ତଥାପି ଅଳସୁଆ ପଣରୁ ପାରିବାରିକ କର୍ମହାନୀ । ଆୟ ଓ ବ୍ୟୟର କିଛି ପରିବର୍ତ୍ତନ ହେବନାହିଁ ।


ବିଛା: ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ବଢ଼ିବାର ଆଶଙ୍କା ରହିଛି । କର୍ମହାନୀର ସୂଚନା । ଦେହ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ପରିମାଣ ଅଯଥାରେ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


ଧନୁ: ବନ୍ଧୁ ସହଯୋଗରେ ନିଜର କାର୍ଯ୍ୟ ସାଧନା କରିପାରିବେ । କର୍ମକ୍ଷେତ୍ରରେ ବେଶ୍ ଆନନ୍ଦ ଅନୁଭବ କରିବେ । ଆହାରରେ ତୃପ୍ତି କିନ୍ତୁ ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ଅନୁପସ୍ଥିତ ରହିବାର ସୂଚନା ।


ମକର: ଆପଣଙ୍କ ଅନିଷ୍ଟ କର୍ତ୍ତା ଆଜି ହାର୍ ମାନିବେ । ଶତ୍ରୁ ହାନୀ କରି ଆପଣ କର୍ମପଥରେ ଆଗେଇଯିବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ମନ ଅସ୍ଥିର ରହିବ ।


କୁମ୍ଭ: ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ବ୍ୟୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ ।

ମୀନ: ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ ।

ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଜନପ୍ରିୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ଉଚ୍ଚ ଶିକ୍ଷାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ ଏବଂ ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରିବା ପାଇଁ ସିଦ୍ଧାନ୍ତ ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଭଦ୍ରକର ଜିଲ୍ଲାବାସୀ ଭଦ୍ରକରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦୀର୍ଘ ବର୍ଷ ଧରି ସରକାରଙ୍କ ପାଖରେ ଆବେଦନ କରି ଆସୁଛନ୍ତି । ଜିଲ୍ଲାର ଛାତ୍ର, ବୁଦ୍ଧିଜୀବୀ, ଜନସାଧାରଣ ଏବଂ ଲୋକ ପ୍ରତିନିଧିମାନେ ଆପଣଙ୍କର ସଦୟ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ଅତୀତରେ ଦୁଇଥର ଲୋକପ୍ରତିନିଧିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଆସିଛନ୍ତି । ୧୧ ଜୁନ୍ ୨୦୨୪ରେ ଭଦ୍ରକର ଦୁଇ ଦୁଇଟି ସଭାରେ ଘୋଷଣା କରିଥିଲେ କି ଭଦ୍ରକବାସୀଙ୍କର ଦୁଇଟି ସ୍ୱପ୍ନ ସମ୍ବନ୍ଧରେ ସରକାର ସଚେତନ ଅଛନ୍ତି । ଭଦ୍ରକରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ଦ୍ୱିତୀୟଟି ହେଲା ମେଡ଼ିକାଲ କଲେଜ ସ୍ଥାପନ । ଏହି ଦୁଇଟି ଯୋଜନା ପ୍ରତିଷ୍ଠା ହେବାର ଠିକ୍ ହୋଇଛି । କିନ୍ତୁ ଆପଣ ମୋ ମୁହଁରୁ ଶୁଣିବା ଠାରୁ, ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ଶୁଣିଲେ ବେଶୀ ଖୁସି ହେବେ ବୋଲି '୫-ଟି' ଅଧ୍ୟକ୍ଷ କହିଥିଲେ । ଏହା ମଧ୍ୟରେ ଆଠମାସ ବିତି ଗଲାଣି, କିନ୍ତୁ ଏ ବିଷୟରେ କିଛି ଘୋଷଣା କରାଗଲା ନାହିଁ କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇଲାନାହିଁ । ପାର୍ଶ୍ୱବର୍ତ୍ତୀ ଜିଲ୍ଲାମାନଙ୍କରେ ଯେପରି ଅଗ୍ରଣୀ କଲେଜ ଗୁଡ଼ିକର ସ୍ୱାତନ୍ତ୍ରତା ରକ୍ଷା କରାଯାଇ ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରାଯାଇଛି, ସେହିପରି ଭଦ୍ରକରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ ଏବଂ ବହୁ ପୁରାତନ ଭଦ୍ରକ ସ୍ୱୟଂଶାସିତ କଲେଜର ସ୍ୱାତନ୍ତ୍ରତାକୁ ରକ୍ଷା କରାଯାଉ । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏ ସଂକ୍ରାନ୍ତରେ ଆଶୁ ପଦକ୍ଷେପ ଗ୍ରହଣ କରବାକୁ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଏବଂ ପୂର୍ବତନ ଅଧ୍ୟକ୍ଷ ଭଦ୍ରକ ତଥା ପୁରାତନ ଛାତ୍ର ସଂସଦ ପୂର୍ବତନ ସଭାପତି ଡ଼. ଦେବେନ୍ଦ୍ର ରାଉତ, ପୁରାତନ ଛାତ୍ରସଂସଦର ସଭାପତି ଡ଼. ବ୍ରଜମୋହନ ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଭାରତ

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଥିବା ରିପୋର୍ଟ ଆସିଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିବାବେଳେ ପୁଣି ଆଉ ଏକ ଆଶାଜନକ ଖବର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଗବେଷଣା ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ ଅନୁସାରେ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଏବଂ ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ। ଅର୍ଥାତ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଏବଂ ୫ ବର୍ଷ ମଧ୍ୟରେ ଜାପାନକୁ ପଛକୁ ଠେଲି ଭାରତ ଏହି ସ୍ଥାନ ଦଖଲ କରିବ । ବର୍ତ୍ତମାନର ଅଭିବୃଦ୍ଧି ହାରରେ ଭାରତ ଏହି ସଫଳତା ପାଇବ ।

୨୦୧୪ ମସିହାରୁ ଭାରତ ଯେଉଁ ପଥ ଅନୁସରଣ କରିଛି ତାହାଦ୍ୱାରା ୨୦୨୯ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ଭାରତ ୭ଟି ସ୍ଥାନ ଉପରକୁ ଉଠିବ। ୨୦୧୪ରେ ଭାରତ ବିଶ୍ୱର ଦଶମ ବୃହତ ଅର୍ଥନୀତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ୨୦୨୯ ସୁଦ୍ଧା ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବା ଏକ ଉଲ୍ଲେଖନୀୟ ସଫଳତା ବୋଲି ଏସ୍‌ବିଆଇ ଗ୍ରୁପ୍‌ର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟ କାନ୍ତି ଘୋଷ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର ଜିଡିପି ଅଭିବୃଦ୍ଧି ୧୩.୫ ପ୍ରତିଶତ ରହିଛି । ଏହି ହାରରେ ଭାରତ ଚଳିତ ଆର୍ଥିକ ବର୍ଷରେ ବିଶ୍ୱର ସର୍ବାଧିକ ଅଭିବୃଦ୍ଧି ହାସଲକାରୀ ଦେଶରେ ପରିଣତ ହେବ । ଯଦିଓ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ ବୋଲି ଆକଳନ କରାଯାଇଛି । ତାହାର କିଛି ପ୍ରଭାବ ପଡିବନି ବୋଲି ରିପୋର୍ଟରେ କୁହାଯାଇଛି । ସମଗ୍ର ବିଶ୍ୱ ଏବେ ବିଭିନ୍ନ ପ୍ରକାର ଅନିଶ୍ଚିତତା ଦେଇ ଗତି କରୁଛି । ତେଣୁ ୬ରୁ ୬.୫ ପ୍ରତିଶତ ଅଭିବୃଦ୍ଧି ନୂଆ ସ୍ୱାଭାବିକ ବୋଲି ରିପୋର୍ଟରେ କୁହାଯାଇଛି । ବିଶ୍ୱ ଜିଡିପିରେ ଭାରତର ଅଂଶ ୨୦୧୪ରେ ୨.୬ ପ୍ରତିଶତ ଥିଲା । ବର୍ତ୍ତମାନ ଏହା ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ୨୦୨୭ରେ ଏହା ୪ ପ୍ରତିଶତ ଅତିକ୍ରମ କରିବା ସମ୍ଭାବନା ରହିଛି।

ସବାଇ ଘାସରୁ କର୍ମନିଯୁକ୍ତି

ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସବାଇ ଗ୍ରାସ୍ ବା ବୁବେଇ ଘାସ ମୟୂରଭଞ୍ଜ ଜିଲ୍ଲାର ଏକ ବିଶାଳ ଅଞ୍ଚଳରେ ଲୋକଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିଥାଏ। ବିଶେଷ କରି ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକରେ ଅନେକଙ୍କ ପାଇଁ ଏହା ଜୀବିକା ନିର୍ବାହର ଏକ ପ୍ରମୁଖ୍ୟ ମାଧ୍ୟମ। ଏହି ନିର୍ବାଚନ ମଣ୍ଡଳୀ ସଂଲଗ୍ନ ଅନ୍ୟାନ୍ୟ ବ୍ଲକର କିଛି ଅଞ୍ଚଳରେ ମଧ୍ୟ ଏହା ପରିବାର ଗୁଜୁରାଣ ପାଇଁ ସର୍ବନିମ୍ନ ଅର୍ଥ ଉପାର୍ଜନର ମାଧ୍ୟମ। ସମ୍ପୃକ୍ତ ଅଞ୍ଚଳରେ ଏହା ଚାଷର ମାନ୍ୟତା ପାଏ। କୃଷକମାନେ ଉଚ୍ଚ ସମତଳ ପଡିଆମାନଙ୍କରେ ବୁବେଇ ଚାଷ କରନ୍ତି। ପୂର୍ବେ ଏହି ଘାସର ଚାହିଦା ବହୁତ ଥିଲା। ଚାଷୀମାନେ ଏସବୁ ବିକ୍ରି କରି ବେଶ୍ ରୋଜଗାର କରୁଥିଲେ। ଏବେ ଏହାର ଚାହିଦା କମି କମି ଯାଉଥିବା ଯୋଗୁଁ ଚାଷୀମାନେ ଏହା ଉପରେ ବିଶେଷ ଧ୍ୟାନ ଦେଉ ନାହାଁନ୍ତି। ସମ୍ପୃକ୍ତ ଅଞ୍ଚଳରେ ଏହି ଘାସର ତଥା ଏଥିରୁ ତିଆରି ହେଉଥିବା ଦଉଡ଼ିର କିଣାବିକା ପାଇଁ ହାଟ ବସେ। ସ୍ଥାନୀୟ ଅଞ୍ଚଳର ଅର୍ଥନୀତିରେ ଏହାର ଯୋଗଦାନ କିଛି କମ୍ ନୁହେଁ। ଅନେକ ଲୋକ ଏଥିରେ ନିୟୋଜିତ ହୁଅନ୍ତି ଓ ବେଶ କିଛି ରୋଜଗାର କରନ୍ତି।

ବୁବେଇ ଘାସକୁ ଅନେକ ପର୍ଯ୍ୟାୟରେ ବିକ୍ରି କରାଯାଏ। ପ୍ରଥମେ ଚାଷୀ ଏହାକୁ କାଟି ଶୁଖାଇ ବିକ୍ରି କରେ। ଏହାକୁ ବର୍ଷରେ ଦୁଇଥର କଟାଯାଇ ଥାଏ। କିଛି ବ୍ୟବସାୟୀ ଏହାକୁ କିଣି ଗଚ୍ଛିତ ରଖନ୍ତି ଓ ଦାମ ଚଢ଼ିଲେ ବିକ୍ରିକରି ଲାଭବାନ ହୋଇଥାନ୍ତି। ସାଧାରଣତଃ ଖରାଦିନେ ଏହାର ଚାହିଦା ବେଶି ରହେ। କିଛି ଘାସ ପେପର ମିଲକୁ ଯାଏ। ପେପର ତିଆରି ପାଇଁ ଏହା କଞ୍ଚାମାଲ ଭାବେ ବ୍ୟବହାର ହୁଏ। ବାକିତକ ଦଉଡ଼ି ତିଆରି ପାଇଁ ବ୍ୟବହାର ହୁଏ। ଏଥିରୁ ତିଆରି ଦୁଇ ପ୍ରକାର ଦଉଡ଼ିର ବ୍ୟବସାୟ ହୁଏ। ଗୋଟିଏ ହେଉଛି ରାଫ ଓ ଅନ୍ୟଟି ହେଉଛି ପଲିସ୍। କେତେକ ପରିବାର ଅର୍ଥାଭାବ ଯୋଗୁଁ ବୋଲା ଯାଇଥିବା ଦଉଡ଼ିକୁ ପଲିସ ନକରି ଓଜନ ଦରରେ ବିକ୍ରୀ କରିଦିଅନ୍ତି। ବେପାରୀମାନେ ଏହାକୁ କିଣି ନେଇ ପଲିସ କରି ବିକନ୍ତି। କେତେକେ ନିଜେ ପଲିସ୍ କରି ବିକନ୍ତି। ଏଥିରୁ ବହୁତ ଲାଭ ହୁଏ ଭାବିବା ଅନୁଚିତ। ତେଲଲୁଣର ସଂସାରକୁ ଆଗେଇ ନେବାପାଇଁ ଏହା ଉପରେ ଆଶ୍ରା କରିବାକୁ ବାଧ୍ୟ ହୁଅନ୍ତି।

ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଗାଁକୁ ଗଲେ ଦେଖିବେ ପ୍ରାୟ ପ୍ରତ୍ୟେକ ପରିବାରର ବୁଢ଼ାରୁ ଛୁଆ ପର୍ଯ୍ୟନ୍ତ ସକାଳୁ ସନ୍ଧ୍ୟା ଯାଏଁ ଘର ପିଣ୍ଡା କିମ୍ବା ସାମ୍ନା ଅଗଣାରେ ବସି ବୁବେଇ ଦଉଡ଼ି ବଳୁଛନ୍ତି। ଏହା ତାଙ୍କ ନିତିଦିନିଆ କାମ। ପୁଣି ସକାଳୁ ସକାଳୁ ଦେଖିବେ ଗୋଟିଏ ଚକ୍ରି ଘୂରାଇ ଓଦା ଦଉଡ଼ିକୁ ପାଗ ଦେଉଛନ୍ତି। ଦଉଡ଼ି ଶୁଖିଗଲା ପରେ ତାକୁ ପଲିସ କରିବା ପାଇଁ ରାଞ୍ଜି ଦିଆଯାଏ। ଏ କାମ ଉଦୁଉଦିଆ ଖରାବେଳେ କରାଯାଏ। ଦେଖିବେ ଖରାବେଳେ ରାସ୍ତା କଡ଼ରେ ସ୍ତ୍ରୀଲୋକମାନେ ଗୋଟିଏ ଗଛ ଦେହରେ ଦଉଡ଼ି ଗୋଛାକୁ ଛନ୍ଦି ରାଞ୍ଜି ଦେଉଥାନ୍ତି। ଯେଉଁ ଦଉଡ଼ି ଯେତେ ପଲିସ ଓ ଗୋଟିଏ ସାଇଜର ହେବ ତାହାର ଦାମ୍ ସେହି ଅନୁସାରେ ଅଧିକ ହେବ। ସନ୍ଧ୍ୟାବେଳେ ପଲିସ ଦଉଡ଼ିର ବଣ୍ଡିଲ ବନା ହୁଏ। ଗୋଟିଏ ବଣ୍ଡିଲରେ ପାଖାପାଖି ଏକ କେଜି ଦଉଡ଼ି ଥାଏ। ବଣ୍ଡିଲ ବନାଇବା କାମ ପ୍ରାୟତଃ ପୁରୁଷମାନେ କରନ୍ତି। ଛୋଟ ଛୋଟ ବଣ୍ଡିଲକୁ ନେଇ ପଚିଶ ତିରିଶ କେଜିର ବଡ଼ ବଣ୍ଡିଲ ତିଆରି ହୁଏ। ତହିଁ ଆରଦିନ ସକାଳୁ ସେଗୁଡ଼ିକୁ ସାଇକେଲରେ ନେଇ ପାଖ ହାଟରେ ବିକ୍ରି କରାଯାଏ। ଯେତେକ ଟଙ୍କା ମିଳେ ସେଥିରୁ ବୁବେଇ ଘାସ କିଣିବା ପାଇଁ ମୂଳ ଟଙ୍କା ରଖି ବାକିତକ ଘର ସଉଦା ପାଇଁ ଖର୍ଚ୍ଚ କରାଯାଏ। ଏହି ପ୍ରକାରେ ଆର୍ଥିକ ଚକ୍ର ଚାଲେ।

ଯେଉଁମାନେ ଏହାକୁ ଜୀବିକା ରୂପେ ଗ୍ରହଣ କରିଥାନ୍ତି, ସେମାନେ ପ୍ରାୟତଃ ଗରୀବ ଓ କ୍ୱଚିତ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର। ଅନେକେ ଏହାକୁ ଆନୁସାଙ୍ଗିକ କର୍ମ ସଂସ୍ଥାନ ରୂପେ ଗ୍ରହଣ କରନ୍ତି। ଅନ୍ୟାନ୍ୟ କାମ କଳାପରେ ଯେଉଁ ସମୟ ବଳେ ସେ ସମୟରେ ଏମାନେ ବୁବେଇ ବଳନ୍ତି। ଏମାନେ ପ୍ରାୟତଃ କ୍ଷୁଦ୍ର ଚାଷୀ ଅଥବା ନାମକୁ ମାତ୍ର ଚାଷୀ ହୋଇଥାନ୍ତି। ଅନେକେ ଶ୍ରମିକଭାବେ କାମ କରନ୍ତି। ଯେଉଁ ସମୟରେ କାମଦାମ ମିଳେ ନାହିଁ ସେ ସମୟରେ ଘରେ ବସି ବୁବେଇ ବଳନ୍ତି। ଏହା ବହୁତ ଲାଭଦାୟକ ହୋଇଥିବା ଯୋଗୁଁ ଏହାକୁ ଲୋକମାନେ ଆପଣେଇ ଥାଆନ୍ତି ତାହା ନୁହେଁ। ବରଂ ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ପାଇବା ଯୋଗୁଁ ଏ କାମକୁ ଗ୍ରହଣ କରିଥାନ୍ତି। ଜଣେ ଦିନସାରା ବୁବେଇ ବଳିଲେ ହାରାହାରି ଏକଶହ ଟଙ୍କା ରୋଜଗାର କରିଥାଏ। ପରିଶ୍ରମ ତୁଳନାର ଆୟ ବହୁତ କମ୍। ତଥାପି ଲୋକେ ବସିବା ଅପେକ୍ଷା କାଶିବା ଭଲ ନ୍ୟାୟରେ ଏହାକୁ ଜୀବିକା ରୂପେ ଗ୍ରହଣ କରନ୍ତି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସବାଇ ଗ୍ରାସକୁ ମାଡାଗାସ୍କାରରୁ ମୟୂରଭଞ୍ଜକୁ ଆଣିଥିବାର ସୂଚନା ମିଳେ। ଏହାର ଦଉଡ଼ି ଦୃଢ଼ ଓ ଦୀର୍ଘସ୍ଥାୟୀ ହୋଇଥିବା ଯୋଗୁଁ ଇଂରେଜମାନେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଭିନ୍ନ ପ୍ରକାର ବନ୍ଧାବନ୍ଧି କାମ ପାଇଁ ଏହାକୁ ବ୍ୟବହାର କରୁଥିଲେ। ଫଳରେ ଏଥିରୁ ଦଉଡ଼ି ତିଆରି ପାଇଁ ବିଭିନ୍ନ ଅଞ୍ଚଳରେ ଲୋକମାନେ ନିୟୋଜିତ ହେଲେ। କ୍ରମେ ଦଉଡ଼ିର ଚାହିଦା ବଢ଼ିଲା। ବିଶେଷ କରି ନିର୍ମାଣ କାର୍ଯ୍ୟରେ ଏହାର ବହୁଳ ଉପଯୋଗ ହେଲା। ଏବେ ମଧ୍ୟ ଏଥିପାଇଁ ଏହାର ବହୁଳ ଉପଯୋଗ ହେଉଛି। ସାରା ଭାରତବର୍ଷର ବିଭିନ୍ନ ସ୍ଥାନକୁ ଏହି ଦଉଡ଼ି ପ୍ରେରଣ ହୁଏ। ପ୍ଲାଷ୍ଟିକ ଦଉଡ଼ି ଏହି ଦଉଡ଼ିର ବିକଳ୍ପ ହୋଇପାରିବ ନାହିଁ। ଯେହେତୁ ବୁବେଇ ଦଉଡ଼ି ଖସରା ନୁହେଁ, ତେଣୁ ଏହାର ଲୋକପ୍ରିୟତା ଅତୁଟ ରହିଛି।

ସବାଇ ଘାସର ଚାଷ କ୍ରମେ ଉଜୁଡ଼ି ଯାଉଛି। କାରଣ ମାଟିର ଉର୍ବରତା କମି କମି ଯାଉଛି। ଏହି ଚାଷ ଆଉ ଲାଭଦାୟକ ହେଉ ନାହିଁ। ଏହା ଛଡା ପ୍ଲାଷ୍ଟିକ ଦଉଡ଼ିର ଆବିର୍ଭାବ ବୁବେଇ ଦଉଡ଼ିର ବହୁଳ ବ୍ୟବହାରକୁ ସୀମିତ କରିଛି। ଏହି କାର୍ଯ୍ୟରେ ଲିପ୍ତ ଲୋକଙ୍କ ରୋଜଗାର ପରିଶ୍ରମ ତୁଳନାରେ ବହୁତ କମ୍। ଏବେ ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଉଛନ୍ତି। ଯେଉଁମାନେ ଏ ଜୀବିକାକୁ ବଞ୍ଚାଇ ରଖିଛନ୍ତି ଖୁସିରେ ନୁହେଁ ବରଂ ବାଧ୍ୟକତାରେ, ବିକଳ୍ପର ଅଭାବରେ। ସାଧାରଣତଃ ଉଚ୍ଚ ଓ ସମତଳ ଜାଗାରେ ସବାଇ ଘାସ ଚାଷ ହୁଏ। ଏ ସମସ୍ତ ସ୍ଥାନରେ ଧାନଚାଷ ଭଲ ହୁଏନାହିଁ। ଏ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ସୁବର୍ଣ୍ଣରେଖା ନଦୀର ଜଳ ଆଣିବା ପାଇଁ କେନାଲ ଖୋଳା ସରିଛି। ଚାଳିଶ ବର୍ଷ ହେଲା ଜଳର ଦେଖାନାହିଁ। ସମ୍ପୃକ୍ତ ଅଞ୍ଚଳରେ କୌଣସି ଶିଳ୍ପ ମଧ୍ୟ ନାହିଁ, ଯେଉଁଠାରେ କର୍ମ ନିଯୁକ୍ତିର ସମ୍ଭାବନା ତିଆରି ହେବ। ଲୋକମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ। ସତେ ଯେଉଁପରି ଏମାନଙ୍କୁ ନିଜ ହାତରେ ନିଜକୁ ଗଢ଼ିବା ନୀତିରେ ଛାଡ଼ି ଦିଆଯାଇଛି। ଏହି ଅଞ୍ଚଳ ପଶ୍ଚିମବଙ୍ଗ ସହିତ ସଂଯୁକ୍ତ ପଶ୍ଚିମବଙ୍ଗର ଯେଉଁ ଅଞ୍ଚଳ ଦିନେ ନକ୍ସଲ ପ୍ରବଣ ଥିଲା।

ଏ ଅଞ୍ଚଳରେ ସବାଇ ଘାସ ସହିତ ବାଉଁଶ ପ୍ରବଳ ମାତ୍ରାରେ ଉପଲବ୍ଧ। କାଗଜ କାରଖାନା ପାଇଁ କଞ୍ଚା ମାଲର ଅଭାବ ହେବ ନାହିଁ। ତେଣୁକରି ବୃହତ ପେପର ମିଲ୍ ସ୍ଥାପନ ପାଇଁ ଲୋକମାନେ ଦାବୀକରି ଆସିଛନ୍ତି। ସରକାରୀ ହେଉ ଅଥବା ବେସରକାରୀ ଭାବେ ହେଉ ଏ ଦିଗରେ ଉଦ୍ୟମ ହେବା ଉଚିତ୍। ବୁବେଇ ଦଉଡ଼ିରୁ ବିଭିନ୍ନ ପ୍ରକାର ଗୃହ ଉପକରଣ ତିଆରି ହୁଏ। ଯଥା ସୋଫା, ପାପଛ, ଖେଳଣା ଇତ୍ୟାଦି। ଏହି ସାମଗ୍ରୀ ଗୁଡ଼ିକୁ ଅଧିକ ଲୋକପ୍ରିୟ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଲୋଡ଼ା। ଏହା ସହିତ କର୍ମ ସଂସ୍ଥାନ ସୃଷ୍ଟି ପାଇଁ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ବିଷୟରେ ମଧ୍ୟ ଚିନ୍ତା କରାଯିବା ଉଚିତ୍। ସମ୍ପୃକ୍ତ ଅଞ୍ଚଳ ଶାଳ ଜଙ୍ଗଲରେ ଭରପୁର। ତେଣୁ ଶାଳପତ୍ର ତିଆରି ସାମଗ୍ରୀର ଉତ୍ପାଦନ ପାଇଁ ଶିଳ୍ପର କଥା ଚିନ୍ତା କରାଯାଇ ପାରିବ। ଯାହାର ସର୍ବକାଳୀନ ଚାହିଦା ଯଥେଷ୍ଟ ରହିଛି। ଲୋକଙ୍କ ଆର୍ଥିକ ଅବସ୍ଥାରେ ବିକାଶ ଆଣିବା ସରକାରଙ୍କ ଦାୟିତ୍ୱ। ଲୋକ ପ୍ରତିନିଧିମାନେ ଏ ଦିଗରେ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀ ହରପ୍ରିୟା ଇନ୍ଦିରା, ଲୋକ ମାତା, ମା' କ୍ଷୀରବ୍ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

ଇସ୍ରାଏଲର ବର୍ବରତା

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ପାଲେଷ୍ଟାଇନର ଗାଜା'ରେ ରିଲିଫ ଖାଦ୍ୟ ପାଇଁ ଭୋକିଲା ଲୋକମାନେ ଅଗ୍ରସର ହେଉଥିବା ବେଳେ ଇସ୍ରାଏଲ ସେନା ସେମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିବା ସମସ୍ତ ନୃଶଂସତାକୁ ବଳଯାଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ସେନା ବାହିନୀର ଗୁଳିରେ ଅତିକମ୍‌ରେ ୧୧୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଏ। ପାଲେଷ୍ଟାଇନର ନିରସ୍ତ୍ର ଭୋକିଲା ଲୋକଙ୍କ ଉପରେ ନୃଶଂସ ଭାବେ ଗୁଳିଚାଳନା ଘଟଣା ଇସ୍ରାଏଲର ପ୍ରତିଶୋଧାତ୍ମକ ଯୁଦ୍ଧ ଯେ, ଭୁଲ ମାର୍ଗରେ ଗତି କରୁଛି, ଏହି ସଂକେତ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯୁଦ୍ଧ କ୍ଷତିଗ୍ରସ୍ତ ଗାଜା'ର ଭୋକିଲା ଲୋକଙ୍କ ପାଇଁ ମାନବିକ ସହାୟତା ଭାବେ ଆମେରିକା ରିଲିଫ ସାମଗ୍ରୀ ପଠାଇଥିଲା। ଏହି ରିଲିଫ ସାମଗ୍ରୀ ଧରି ପୂର୍ବ ସ୍ଥିରିକୃତ ସ୍ଥାନରେ ଟ୍ରକଗୁଡିକ ପହଞ୍ଚିବା ପରେ ଭୋକିଲା ଲୋକମାନେ ଖାଦ୍ୟ ପାଇଁ ଅଗ୍ରସର ହେଉଥିବାବେଳେ ଆକ୍ରମଣର ଆଶଙ୍କା କରି ଇସ୍ରାଏଲ ଯବାନମାନେ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ୧୧୪ଜଣ ଟଳି ପଡିଥିଲେ, ଯେଉଁମାନଙ୍କ ମଧ୍ୟ ବହୁ ମହିଳା ଓ ଶିଶୁ ଅନ୍ତର୍ଭୁକ୍ତ ଥିଲେ ବୋଲି କୁହାଯାଇଛି। ଏହି ଘଟଣାରେ ଇସ୍ରାଏଲ ଯବାନଙ୍କ ବର୍ବରତା ନେଇ ବିଶ୍ୱବ୍ୟାପି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଆନ୍ତର୍ଜାତିକ ତଦନ୍ତ ପାଇଁ ଦାବି ଯୋର ଧରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଅକ୍ଟୋବର ମାସ ୭ ତାରିଖ ଠାରୁ ଇସ୍ରାଏଲ-ହମାସ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ୬ ମାସ ଅତିକ୍ରାନ୍ତ କରିଥିବାବେଳେ ବୈଶ୍ୱିକ ଚାପ ସତ୍ତ୍ୱେ ଥମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୩୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୭୦ ହଜାର ଅଧିକ ଆହତ ହୋଇଥିବା କୁହାଯାଏ । ଅନ୍ୟପକ୍ଷରେ ଗାଜାଷ୍ଟ୍ରିପ୍ ଭଗ୍ନ ଇଟା, ପଥର ସ୍ତୁପରେ ପରିଣତ ହୋଇଛି। ଯୁଦ୍ଧ ପିଡିତ ଗାଜା'ର ୯୦ ପ୍ରତିଶତ ଅଞ୍ଚଳରୁ ୨.୪ ମିଲିଅନ ଲୋକ ବାସଚ୍ୟୁତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋକ ପଡ଼ୋଶୀ ଦେଶଗୁଡିକରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ଜାତିସଂଘ ବିଶ୍ୱ ଖାଦ୍ୟ ପ୍ରୋଗ୍ରାମ ରିପୋର୍ଟରେ ଯାହା କୁହାଯାଇଛି ଯେ, ଗାଜା ଏବେ ବିଶ୍ୱରେ ସବୁଠାରୁ ଶିଶୁ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବାବେଳେ ସାଂଘାତିକ ଦୁର୍ଭିକ୍ଷ ମୁହାଁ ହୋଇଛି। ଗାଜା'ର ଜନବହୁଳ ଅଂଚଳରେ ଶରଣାର୍ଥୀ ଶିବିରଗୁଡିକରେ ବିପନ୍ନ ଲୋକାମନଙ୍କୁ ଦ୍ୱାରା ଭରପୁର ହୋଇଯାଇଥିବାବେଳେ ସେମାନଙ୍କୁ କ୍ୱଚିତ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ଶରଣାର୍ଥୀ ଶିବିରଗୁଡିକରେ ଅନ୍ତେବାସୀଙ୍କୁ ଖାଦ୍ୟ, ପାନୀୟ ଯୋଗାଣ ତଥା ଆତିଥେୟତା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା କୁହାଯାଏ। ଅନ୍ୟପକ୍ଷରେ ବିଶ୍ୱର ଶକ୍ତିଶାଳୀ କୁହାଯାଉଥିବା ରାଷ୍ଟ୍ରଗୁଡ଼ିକ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି। ଗାଜା'ରେ ଏବେ ଯେଉଁଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଏକବିଂଶତମ ଶତାବ୍ଦୀରେ ସବୁଠାରୁ ବଡ଼ ଏବଂ ଭୟଙ୍କର ମାନବକୃତ ବିପର୍ଯ୍ୟୟ ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଏହା ନିସନ୍ଦେହ ଯେ, ଇସ୍ରାଏଲର ବର୍ବର ଆକ୍ରମଣ, ବୋମା, କ୍ଷେପଣାସ୍ତ୍ର ମାଡ଼ ଗାଜା ଷ୍ଟ୍ରିପକୁ ମୃତ୍ୟୁ, ଦୁର୍ଦ୍ଦଶା, ଯନ୍ତ୍ରଣା ଏବଂ କ୍ଷୁଧା ଜର୍ଜରିତ ଭୂଖଣ୍ଡରେ ପରିଣତ ହୋଇଛି। ଏହା ସତ୍ତ୍ୱେ ଇସ୍ରାଏଲ ତାର ଶପଥ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଗାଜା'କୁ ହମାସ ଆତଙ୍କବାଦୀ ମୁକ୍ତ ଅଂଚଳ କରିପାରିନାହିଁ କି ପଣବନ୍ଦୀମାନଙ୍କୁ ମୁକ୍ତ କରିପାରିନାହିଁ। ଗଲା ଅକ୍ଟୋବର ୭ତାରିଖ ଦିନ ହମାସ ଆତଙ୍କବାଦୀ ଗୋଷ୍ଠୀ ଅଚାନକ ୫୦୦୦ରୁ ଉର୍ଦ୍ଧ୍ୱ କ୍ଷେପଣାସ୍ତ୍ର ମାଡ଼ ପରେ ବିଶ୍ୱ ଜନମତ ଇସ୍ରାଏଲ ସପକ୍ଷରେ ଯାଇଥିଲା। କିନ୍ତୁ ଏବେ ଏହାର ଯୁଦ୍ଧ ଶୈଳୀ ତଥା ବର୍ବର ଆକ୍ରମଣ ଇସ୍ରାଏଲ ବିରୁଦ୍ଧରେ ବିଶ୍ୱ ଜନମତ, କ୍ରୋଧ ବଢ଼ିବାରେ ଲାଗିଛି। ଇସ୍ରାଏଲ ବିରୁଦ୍ଧରେ ଦକ୍ଷିଣ ଆଫ୍ରିକା ବିଶ୍ୱ ଅଦାଲତରେ ଦ୍ୱାରସ୍ଥ ହେବା ସହ ବର୍ଣ୍ଣ ବିଦ୍ୱେଷ ତଥା ଭେଦଭାବ ନୀତି ଅଭିଯୋଗ ଦାୟର କରିଛି। ସେହିପରି ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଇସ୍ରାଏଲ ଗଣହତ୍ୟା ଚଳାଇଥିବା ଅଭିଯୋଗ କରିଛନ୍ତି। ବହୁ ପାଶ୍ଚାତ ସହରରେ ଇସ୍ରାଏଲ ବିରୁଦ୍ଧରେ ପ୍ରତିବାଦ ସଭା, ବିକ୍ଷୋଭ ଜାରି ରହିଛି। ଏହା ସତ୍ତ୍ୱେ ସେମାନଙ୍କର ସରକାର ଏବେ ବି ନୀରବ ଦ୍ରଷ୍ଟା ସାଜିଛି। ଆନ୍ତର୍ଜାତିକ କ୍ରୋଧ, ଚାପ ଏବଂ ଜାତିସଂଘର ଯୁଦ୍ଧ ବିରତି ପ୍ରସ୍ତାବ ସତ୍ତ୍ୱେ ଆମେରିକା ଓ କେତେକ ପାଶ୍ଚାତ୍ୟ ରାଷ୍ଟ୍ରର ସମର୍ଥନରେ ଇସ୍ରାଏଲ ଆକ୍ରମଣକୁ ତେଜିୟାନ କରିବା ସହ ପାଲେଷ୍ଟାନୀୟମାନଙ୍କୁ ସେମାନଙ୍କୁ ବହିଷ୍କାର କରୁଥିବାବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟର ସହଯୋଗୀମାନେ ଉତ୍ତେଜନାମୂଳକ ମନ୍ତବ୍ୟ ଦେବାରେ ଲାଗିରହିଛି। ଯାହାକି ବର୍ବର, ନୃଶଂସ ଆକ୍ରମଣକୁ ଯୋରଦାର କରିବାରେ ଯବାନମାନଙ୍କୁ ଉତ୍ସାହିତ କରୁଛି, ଏଥିରେ ସନ୍ଦେହ ନାହିଁ। ଗାଜାରେ ଯୁଦ୍ଧ ବିରତି ପାଇଁ ଜାତିସଂଘର ପ୍ରସ୍ତାବ ଉପରେ ଆମେରିକା ବାରମ୍ବାର ଭିଟୋ ପ୍ରୟୋଗ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିବ ବୋଲି ଘୋଷଣା କରିଛି। ମାନବିକ ଦୃଷ୍ଟିକୋଣରୁ ଇସ୍ରାଏଲ ଉପରେ ଏହାର ମିତ୍ର ରାଷ୍ଟ୍ରଗୁଡିକ ଯୁଦ୍ଧ ବନ୍ଦ ପାଇଁ ତୁରନ୍ତ ଚାପ ପ୍ରୟୋଗ କରିବା ଜରୁରୀ। ଗାଜାର ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଯୁଦ୍ଧ ତୁରନ୍ତ ବନ୍ଦ କରିବା ସହ ବୁଭୁକ୍ଷ ଯୁଦ୍ଧ ବନ୍ଦ କରିବା ପାଇଁ ସହ ବୁଭୁକ୍ଷ ଜନତାଙ୍କ ପାଇଁ ବିନା ଭୟ ଓ ପ୍ରତିବନ୍ଧକରେ ସହାୟତା ପହଞ୍ଚାଇବା ଦରକାର। ଅନ୍ୟଥା ବର୍ବର ଯୁଦ୍ଧ ପାଇଁ ଇସ୍ରାଏଲ ଯେତିକି ଦାୟୀ, ଏହାର ସହଯୋଗୀ ଓ ମିତ୍ର ରାଷ୍ଟ୍ରଗୁଡିକ ମଧ୍ୟ ସେତିକି ପରିମାଣରେ ଦାୟୀକୁ ଏଡାଇ ପାରିବେ ନାହିଁ।

ପଣତକାନି

ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ଼
୮୭୬୩୭୮୮୬୧୪

ସେଦିନ ପାର୍କରେ ବାଲି ଖେଳୁଖେଳୁ ଛୋଟ ପିଲାଟିର ଆଖିରେ ମେଞ୍ଚାଏ ଧୂଳି ପଡିଗଲା। ଡରରେ ସେ ମା'କୁ କିଛି କହିପାରୁନି କାଳେ ମା' ରାଗିବ। ମାତ୍ର କିଛି ସମୟ ପରେ ଅଦୂରରେ ବସିଥିବା ମା'ର ପିଲାଟି ଉପରେ ଲକ୍ଷ୍ୟ ପଡ଼ିଗଲା । ତୁରନ୍ତ ଯାଇ ପିଲାଟିକୁ ବାଲିଖେଳରୁ ନିବୃତ୍ତ କରାଇ ତାକୁ ସାନ୍ତ୍ୱନା କରେଇବା ପାଇଁ ଚେଷ୍ଟା ଚଳିଲା । କିନ୍ତୁ ପରିଧାନ ସାଲୱାର କମିଜ୍ ସେ ପୁଣି ଓଢ଼ଣୀ ବିହୀନ। ତେଣୁ ହାତରେ ଆଖିରୁ ବାଲି କାଢ଼ିବା ଅସହଜ ହୋଇପଡିଲା । ସେଇ ସମୟରେ ନିଜର ପିଲାଦିନ କଥା ମନେପଡ଼ିଲା ଯେତେବେଳେ ଆଖିରେ କିଛି ପଡ଼ିଗଲେ ବୋଉ ତୁରନ୍ତ ଗାଳି ଦଉ ଦଉ ତା' ଲୁଗା କାନିରେ ଆଖିରୁ ମଇଳା କାଢ଼ି ଆଣି 'ଆଫା ଆଫା' କରିଦିଏ। ଖାଇ ସାରିଲା ପରେ ମା' ଜେଜେମା କିମ୍ବା ଆଇର ଲୁଗାକାନି ହିଁ ହାତ ମୁହଁ ପୋଛା କାମ କରେ । ଏପରିକି କିଛି ସ୍ୱତନ୍ତ୍ର ଅତିଥିଙ୍କର ପାଦର ଉପର ପାର୍ଶ୍ୱକୁ ମଧ୍ୟ ଲୁଗା କାନିରେ ପୋଛା ହେବାର ଶ୍ରଦ୍ଧା ଥିଲା ନିଆରା ।

ମା'ର ପଣତକାନିରେ ମୁହଁ ଲୁଚାଇ କାନ୍ଦିବାରେ ଥାଏ ଅନିର୍ବଚନୀୟ ଆନନ୍ଦ ଯାହା ଅନେକ ସୁଖ ଠାରୁ ସ୍ୱତନ୍ତ୍ର । ବେଳେବେଳେ ଫ୍ୟାନ୍‌ର ଅଭାବରେ ମା'ମାନେ ଲୁଗାକାନିରେ ଛୁଆକୁ ବିଞ୍ଚିଥାନ୍ତି ଯାହା ଲକ୍ଷ୍ମୀପୁରାଣ ଅନୁଯାୟୀ ଅଶୁଭ ବୋଲି ବିଚାର କରାଯାଏ।

ଭାରତୀୟ ପରମ୍ପରାରେ ଶାଢ଼ିର ସ୍ଥାନ ଅନ୍ୟ ସମସ୍ତ ପରିଧାନ ଠାରୁ ଉଚ୍ଚରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କିଛି ରାଜ୍ୟରେ ସାଲୱାର କାମିଜ ସହ ଓଢ଼ଣୀର ପ୍ରଚଳନ ରହିଛି । ତା'ଛଡ଼ା ଜନଜାତି ସମ୍ପ୍ରଦାୟଙ୍କର ନିଜସ୍ୱ ପରମ୍ପରା ବାହ୍ୟଜଗତ ଠାରୁ କେତେମାତ୍ରାରେ ଭିନ୍ନ ଥାଏ ଯାହା ସେମାନଙ୍କୁ ଅଲଗା ପରିଧାନର ସ୍ୱାଧୀନତା ଦେଇଥାଏ । ମାତ୍ର ଆଧୁନିକ ଯୁଗର ଆବିର୍ଭାବ ଭାବରେ ନାରୀ ସମସ୍ତଙ୍କ ସହିତ ସମାନ ହୋଇ ବିଭିନ୍ନ ସାହସିକ କାର୍ଯ୍ୟମାନ କରୁଅଛି । ଏପରି କେତେକ କାର୍ଯ୍ୟ ରହିଛି ଯାହା ନିମିତ୍ତ ପ୍ୟାଣ୍ଟ ସାର୍ଟ ଓ କେତେକ କ୍ଷେତ୍ରରେ ସ୍ୱାଲୱାର କମିଜ୍‌ର ଆବଶ୍ୟକତା ଅନୁଭବ କରାଯାଉଛି । ଗାଡ଼ିଟିଏ ଚଳାଇବା ବେଳେ ଶାଢ଼ି ପିନ୍ଧିବାରେ ବାସ୍ତବିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଦେଶର ସୁରକ୍ଷା ନିମିତ୍ତ ହେଉଥିବା ଯେ କୌଣସି କାର୍ଯ୍ୟରେ ହୁଏତ ଶାଢ଼ି ପିନ୍ଧିବା କଷ୍ଟକର ଅଟେ । ଅବଶ୍ୟ ଘରେ ରହିଲା ବେଳେ ପିନ୍ଧିପାରିବେ । ମାତ୍ର ଚଳଚ୍ଚିତ୍ରରେ ନାୟିକାକୁ ଅନୁକରଣ କରି ପାରୁପର୍ଯ୍ୟନ୍ତ ନିଜକୁ ସ୍ମାର୍ଟ ଓ ଆଧୁନିକ ବୋଲି ପ୍ରମାଣ କରିବା ପାଇଁ ମା'ର ପଣତକାନି ହଜିଯିବା ଆଶ୍ଚର୍ଯ୍ୟଜନକ ନୁହେଁ କି ? ହସ୍‌ପିଟାଲ୍‌ରେ ରୋଗୀ ହୋଇ ପଡ଼ିଥିବା ବେଳେ ଗୋଟିଏ ଗାଉନ୍ ପିନ୍ଧାଇ ଦିଆଯାଏ ଯାହା ପ୍ରକୃତରେ ଆବଶ୍ୟକ । ଏକଥା ସମସ୍ତେ ଅନୁଭବ କରିଥିବେ ।

ପରିଷ୍କାର ପରିଛନ୍ନ କଥା ଯଦି ଆମେ ଚିନ୍ତା କରିବା ତେବେ ମା'ର ଲୁଗାକାନି ଅସ୍ୱାସ୍ଥ୍ୟକର ହୋଇପାରିଥାଏ ମାତ୍ର ମା'ର ମମତାରେ ଥିବା ଅଜବ ଶକ୍ତି କେବେ ପିଲାର ଅମଙ୍ଗଳ କରିନଥାଏ ଯାହା କାହାକୁ ଅଜଣା ନୁହେଁ । ଆଜିକାଲିର ଯୁବଗୋଷ୍ଠୀଙ୍କୁ ପ୍ରଲୋଭିତ କରିବା ପାଇଁ ଅନେକ ପ୍ରକାରର ପରିଧାନ ବଜାରରେ ଉପଲବ୍ଧ ଯାହା ସ୍ୱପ୍ନସୁନ୍ଦରୀ ପରି ଲାଗୁଥାଏ ତାକୁ ପିନ୍ଧି ପରଦାର ଅଭିନେତ୍ରୀ ସମ ନିଜକୁ ଅନୁଭବ କରାଯାଇ ପାରେ। କିନ୍ତୁ ଆମେ କ'ଣ ଭୁଲି ଯାଉଛୁ ଆଦିମ ଯୁଗରେ ଏଇ ପରିଧାନ ବିନା ଆମେ ଖରା, ବର୍ଷା, ଶୀତରୁ ରକ୍ଷା ପାଇ ପାରୁନଥିଲେ । ବାସ୍ତବିକ ଆମେ ଉନ୍ନତି କରୁଛେ ନା ଅବନତି ? ରାସ୍ତାରେ ପାଗଳ ପରି ଦୌଡ଼ି ଚଳୁଛେ । ଯେଉଁ ଦେଶର ମୁଖ୍ୟ ଶାଢ଼ି ପିନ୍ଧି ସାରା ଦେଶକୁ ଶାସନ କରନ୍ତି ଆମେ କ'ଣ ସେଇ ସଭ୍ୟତାର ନାଗରିକ ? ସହରରେ ବିଭିନ୍ନ ଆବଶ୍ୟକତା ଦୃଷ୍ଟିକୋଣରୁ ଘର ବାହାରକୁ ଗଲାବେଳେ ସାଧାରଣ ମହିଳା ଶାଢ଼ି ପରିବର୍ତ୍ତେ ସାଲୱାର ପିନ୍ଧି ପାରିବେ କିନ୍ତୁ ନିଜର ବଡ଼ିମା ଦେଖାଇବା ପାଇଁ ନାନା ପ୍ରକାରର ଅଜବ ପରିଧାନ ପିନ୍ଧିବା କ'ଣ ସତରେ ଆବଶ୍ୟକ । ପୁରୁଣା ଯୁଗରେ ମହିଳାମାନେ ଏକବସ୍ତ୍ର ହୋଇ ମଧ୍ୟ କେଡେ ସୁନ୍ଦର ଭାବେ ନିଜର ମର୍ଯ୍ୟାଦା ରଖି ପାରୁଥିଲେ କିନ୍ତୁ ବର୍ତ୍ତମାନ ଭଳିକିଭଳି ପୋଷାକ ପିନ୍ଧି ଖାଲି ଦେଖେଇ ହେବା ଛଡ଼ା ଆଉ କୌଣସି କଥାରେ ଆଗ୍ରହ ନାହିଁ । କିଛି ଲୋକଙ୍କ ମତରେ ଶାଢ଼ି ଅପେକ୍ଷା ସାଲୱାର ଅଧିକା ମର୍ଯ୍ୟାଦା ରଖିଥାଏ ମାତ୍ର ଓଢ଼ଣୀ ବିହୀନ ହେବା ଜରୁରୀ ନୁହେଁ । ଆଉ ଯଦି ସେପରି ଆବଶ୍ୟକ ଥାଏ ତେବେ ହିଁ ପିନ୍ଧିବା ସମୀଚିନ ।

ସମସ୍ୟା ସବୁବେଳେ ଉତ୍କଟ ନ ହେବା ଯାଏ ମନୁଷ୍ୟ ବାଟକୁ ଆସି ନଥାଏ । କିଛି ଲୋକ ପରମ୍ପରା ଓ ବିଶ୍ୱାସକୁ ଧରି ରଖି ଆବଶ୍ୟକ ଥିଲେ ଶାଢ଼ି ପିନ୍ଧିବା ପାଇଁ ବାଧ୍ୟ ହେଉଥିଲା ବେଳେ କିଛି ଲୋକ ଅନାବଶ୍ୟକ ଭାବେ ଶାଢ଼ିର ମର୍ଯ୍ୟାଦାକୁ ଭୁଲି ଯାଉଛନ୍ତି । ତେବେ ଏହି ଦୁଇଟି ଚିନ୍ତାଧାରା ମଧ୍ୟରେ ସମତା ଆଣି ସମାଜରେ ଏକ ସୁନ୍ଦର ଜୀବନଯାପନ କରିବାକୁ ସମସ୍ତଙ୍କୁ ଅନୁରୋଧ । କାରଣ ଆମର ଭୁଲ୍ କାର୍ଯ୍ୟ ପାଇଁ ଆଗାମୀ ପିଢ଼ୀ ମଧ୍ୟ ଯାତନା ଭୋଗିବେ ଯେଉଁଥିପାଇଁ ଆମେ ଦାୟୀ ରହିବା। ଆଧୁନିକ, ସଭ୍ୟ, ଶିକ୍ଷିତ ଓ ଯୁଗୋପଯୋଗୀ ହେବାପାଇଁ ନିଜର ବାହ୍ୟ ସାଜସଜ୍ଜା ଠାରୁ ଅନ୍ତଃକରଣ ଶୁଦ୍ଧି ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ପରିଧାନ ଓ ପୋଷାକ ଅନ୍ୟର ଚକ୍ଷୁକୁ ଅତିରଞ୍ଜିତ ନ ହୋଇ ଭଦ୍ର ଓ ମର୍ଯ୍ୟାଦାବନ୍ତ ହେବା ଜରୁରୀ । ଏଇ ଜୀବନକୁ ସହଜ ଓ ସରଳ କରିବା ପାଇଁ ଆଳସ୍ୟକୁ ତ୍ୟାଗ କରି କର୍ମମୟ ଜୀବନରେ ଆନନ୍ଦ ଖୋଜିବା ହିଁ ଶ୍ରେୟ । ଏଇସବୁ ଭିତରେ ଆମେ ଯେମିତି ମା'ର ପଣତକାନିକୁ ଭୁଲି ନ ଯାଉ ଯାହା ଆମର ଚିର ଆଶ୍ରୟସ୍ଥଳୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ମାର୍ଚ୍ଚ ୨୦୨୪ ରବିବାର

ଗ୍ରାମୀଣ ଉଦ୍ୟୋଗ କ୍ଷେତ୍ରରେ କେନ୍ଦ୍ରାପଡ଼ାକୁ ଅଗ୍ରଣୀ ଜିଲ୍ଲା କରାଯିବ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଥିବା ମିଶନ ଶକ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କର ଦକ୍ଷତା ବଢାଇ ଗ୍ରାମୀଣ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତରଣ କରିବା ଲକ୍ଷ୍ୟରେ ଏକ ଜିଲ୍ଲା ସ୍ତରୀୟ ଗ୍ରାମୀଣ ଉଦ୍ୟୋଗ କର୍ମଶାଳା ଓ ଆଲୋଚନା ଚକ୍ର ଓରମାସ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାକୁ ଗ୍ରାମୀଣ ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଓ ଭିତ୍ତିଭୂମି ଯୋଗାଇ ଦିଆଯାଉଛି ବୋଲି କହିବା ସହ ଏଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପ୍ରଶାସକ ଗଣେଶ ପ୍ରସାଦ ବେହେରା, ଏବିଡିଓ ଅନିରୁଦ୍ଧ ବେହେରା, ପ୍ୟାକିଂ ଏକ୍ସପଟ ଦିଲୀପ ମହାନ୍ତି, କେନ୍ଦ୍ରାପଡା ଓରମାସର ଉପ ନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ସ୍ୱୟଂ ସହାୟକ ଦଳର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପରିଚାଳିତ ଗ୍ରାମୀଣ ଉଦ୍ୟୋଗର ସଫଳ କାହାଣୀର ଭିଡିଓ ପ୍ରଦର୍ଶିତ ହୋଇଥିଲା ।

ସୋମନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା:ବିଶ୍ୱଶାନ୍ତି ମହାଯଜ୍ଞ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାଟ୍ରା ଗ୍ରାମର ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ନାଏବ ସୋମନାଥ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀଜୀଉଙ୍କ ଧାନ ଶଯ୍ୟା ଓ ଅଙ୍କୁରାରୋପଣ, କଳସ ଯାତ୍ରା ଓ ଅଗ୍ନି ସ୍ଥାପନା, ଷୋଡ଼ଶ ଉପଚାର ପୂଜା ଓ ବିଗ୍ରହ ମାନଙ୍କର ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ସମାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ । ଏଥିରେ କର୍ତ୍ତା କର୍ତ୍ତୀ ଭାବେ ଲକ୍ଷ୍ମୀପ୍ରକାଶ ମହାପାତ୍ର, କବିତା ମହାପାତ୍ର, ବିନାୟକ ପଟ୍ଟନାୟକ, ଚିନ୍ମୟୀ ପଟ୍ଟନାୟକ, ବିମଳେନ୍ଦୁ ମହାପାତ୍ର, ସୌଦାମିନୀ ମହାପାତ୍ର, ବିପ୍ଳବ ଚୌଧୁରୀ, ଇତିଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ । ପରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ତେବେ ପବିତ୍ର ଜାଗର ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତା ଭାବେ ସ୍ୱରୂପ ଚୌଧୁରୀ ଓ଼ ଅରୁନ୍ଧତୀ ଚୌଧୁରୀ କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ସମାଜସେବୀ ବିନାୟକ ପଟ୍ଟନାୟକ ହରିହରଙ୍କ ଭେଟ ସମ୍ପର୍କରେ ଉପସ୍ଥିତ ଭକ୍ତ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁସ୍ତକ ଉନ୍ମୋଚନ



ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସାବୁଲିଆ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ୟାସୀ ଲେଙ୍କାଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ପରିଚାଳନା କମିଟି ସଭାପତି ସୂର୍ଯ୍ୟ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚାସୀନ ବ୍ୟକ୍ତିମାନେ ସ୍ଥାପିତ ଉତ୍କଳମଣି ପ୍ରତିମୂର୍ତ୍ତିରେ ଧୂପ ପୁଷ୍ପାଞ୍ଜଳି ଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ ହୋଇଥିଲା । ମନ୍ତ୍ର ପାଠ ସଚ୍ଚିଦାନନ୍ଦ ବେହେରା କରିଥିବା ବେଳେ ବାର୍ଷିକ ବିବରଣୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୌଭାଗିନୀ ରଥ ପଠନ କରିଥିଲେ । ସଂଯୋଜନା ଆଲପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିଶୁ ସାହିତ୍ୟିକ, ଆକାଶବାଣୀ ତଥା ମଞ୍ଚ ନାଟକରେ ବହୁଳ ପ୍ରସାରିତ କରି ପୁରସ୍କୃତ ହୋଇଥିବା ଛତ୍ରପୁର ଡେପୁଟି କଲେକ୍ଟର ଡ଼ଃ ଦୟାସିନ୍ଧୁ ପରିଡା ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ/ଅଭିଭାବିକା ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଧୂଳିକଣାଟି ଆକାଶରେ ଯେତେ ଉଚ୍ଚରେ ଉଡି ପରବର୍ତ୍ତୀ ସମୟରେ ଭୂମିକୁ ଫେରେ ଠିକ୍ ସେହିପରି ସଫଳତାର ଆକାଶ ଛୁଇଁଥିବା ପ୍ରତ୍ୟେକ ବ୍ୟକ୍ତି କେବେହେଲେ ନିଜ ଗୁରୁଙ୍କ ଅବଦାନକୁ ପାସୋରି ପରିବେନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହିତ ଅନ୍ୟତମ ବକ୍ତା ରାଜ୍ୟପାଳ ପୁରସ୍କାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ବିଦାୟ ପ୍ରଧାନଶିକ୍ଷକ ସନ୍ୟାସୀ ଲେଙ୍କାଙ୍କ ଉପରେ ଦୀର୍ଘ ଶିକ୍ଷକତା ଜୀବନ ଆଲୋକପାତ କରିଥିଲେ । ତତ୍ ସହିତ ଶ୍ରୀ ଲେଙ୍କା ଓ ସମାଜସେବୀ ଦିଲ୍ଲିପ କୁମାର ସେନାପତିଙ୍କୁ ଡେପୁଟି କଲେକ୍ଟର ଉପଢୌକନ ସହ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଏକ ପୁସ୍ତକ 'ଅମ୍ଳାନ' ମଞ୍ଚାସିନ ବ୍ୟକ୍ତିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

ଆନନ୍ଦପୁରରେ ନୂତନ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ଆନନ୍ଦପୁରରେ ପୂର୍ବତନ ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ବଦଳି ପରେ ଏହି ଚାରି ମାସ ହେବ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇ ଆନନ୍ଦପୁର ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ କରିବା ପୂର୍ବରୁ ହଠାତ୍ ତାଙ୍କୁ ବଦଳି କରାଯାଇଛି । ପାରଳାଖେମୁଣ୍ଡିର ପିଏଆଇ ଟିଡିଏ ଦାୟିତ୍ୱରେ ଥିବା ଫଲ୍‌ଗୁନି ମାଝୀ ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି । ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଏବଂ ଅଫିସର କର୍ମଚାରୀମାନେ ନୂତନ ଉପଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।

କାଗଜ କଲମରେ ଚାଲିଛି କେନ୍ଦୁପାଟଣା ସାପ୍ତାହିକ ହାଟ:ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଲା

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ସରକାର କା ମାଲ୍ ଦରିଆ ମେ ଡାଲ୍, ଏହାର ଏକ ନଗ୍ନ ନମୂନା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଞ୍ଚାୟତ କେନ୍ଦୁପାଟଣା ସାପ୍ତାହିକ ହାଟରେ । ଏହି ସାପ୍ତାହିକ ହାଟ ପ୍ରଶାସନିକ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଏକ ରକମ ବନ୍ଦ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ସରକାରୀ କାଗଜ କଲମରେ ଏହି ହାଟ ଚାଲିଥିବାର ଅଭିଯୋଗ ହୋଇଛି । ଫଳରେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । କଟକ ଉପଜିଲ୍ଲାପାଳଙ୍କ ଅଧିନରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ରହିଛି । ଏହି କାର୍ଯ୍ୟାଳୟ ପରିସରରେ ଏକର ଏକର ସରକାରୀ ଜମି ପଡିରହିଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୃହ ଗୁଡିକ ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହାର ରକ୍ଷଣାବେକ୍ଷଣା ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇନାହିଁ । ପ୍ରଶାସନ ତରଫରୁ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହାର କୌଣସି ସଦ୍ ବିନିଯୋଗ କରାଯାଉନଥିବାର ଅଭିଯୋଗ ହୋଇଛି । ସତେ ଯେପରି ଏହି କାର୍ଯ୍ୟାଳୟଟି ଠିକାଦାର ଓ କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ନିମନ୍ତେ ଲେଉଟିଆ କିଆରିରେ ପରିଣତ ହୋଇଛି । ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଭାଗ୍ୟର ପରିବର୍ତ୍ତନ ଘଟୁଥିଲା ବେଳେ ଏହି କାର୍ଯ୍ୟାଳୟର ଭାଗ୍ୟ ପରିବର୍ତ୍ତନ ଘଟୁନାହିଁ । ପ୍ରତିବର୍ଷ ଏହି କାର୍ଯ୍ୟାଳୟକୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହାର କେତେଦୂର ରୂପାୟନ ହେଉଛି ତାହା ସହଜେ ଅନୁମେୟ । ସେହିପରିଭାବେ ଏହି କାର୍ଯ୍ୟାଳୟ ପରିସରରେ ଏକ ସାପ୍ତାହିକ ହାଟ ଖୋଲାଯିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଲକ୍ଷ ଲକ୍ଷ ଟଙ୍କା ଅନୁଦାନରେ ହାଟ ନିର୍ମାଣ ନିମନ୍ତେ ଖର୍ଚ୍ଚ କରାଯାଇଥିଲା । ପ୍ରତି ମଙ୍ଗଳବାର ଓ ଶନିବାର ଦିନ ଏହି ହାଟ ବସୁଥିଲା । ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ମାତ୍ର ଅଳ୍ପଦିନ ପରେ ଏହି ହାଟଟି ଏକ ରକମ ବନ୍ଦ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ନାମକୁ ମାତ୍ର ସରକାରୀ କାଗଜ କଲମରେ ଏହି ହାଟ ଚାଲିଥିବାର ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଚାଷୀ ଓ ବ୍ୟବସାୟୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଓ ସହାୟତାର ହାତ ନବଢାଇବା କାରଣରୁ ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସ୍ଥାନୀୟ ଅଞ୍ଚଳର ଚାଷୀ ତଥା ବ୍ୟବସାୟୀମାନେ ଏହି ହାଟକୁ ଧିରେ ଧିରେ ମୁହଁ ବୁଲାଇବାକୁ ଆରମ୍ଭ କଲେଣି । ଏପରିକି ଏହି ହାଟରେ କାଉ ଉଡିବାକୁ ଆରମ୍ଭ କଲେଣି । ଏପରିସ୍ଥଳେ କାଗଜ କଲରେ ହାଟ ଚାଲିଥିଲା ବେଳେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହାର ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ସାହିତ୍ୟ ଏକାଡେମୀର ଅସ୍ମିତା କାର୍ଯ୍ୟକ୍ରମ

କୋଲକାତା, ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାହିତ୍ୟ ଏକାଡେମୀ ଏବଂ ଏପାର ଓପାର ଉତ୍ସବ କମିଟିର ମିଳିତ ଆନୁକୂଲ୍ୟରେ କୋଲକାତା ସ୍ଥିତ ସାହିତ୍ୟ ଏକାଡେମୀ ପ୍ରେକ୍ଷାଳୟରେ ଏକ ଅସ୍ମିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ । ନାରୀ ସାହିତ୍ୟର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱରଚିତ କବିତା ପାଠ କରିଥିଲେ କବି ଡାଲିୟା ବସୁ ସାହା, ସପ୍ତର୍ଷି ଭୌମିକ୍, ଇନ୍ଦ୍ରାଣୀ ବିଶ୍ୱାସ ମଣ୍ଡଳ, ମଧୁପର୍ଣ୍ଣା ବସୁ, ଝରଣା ଭଟ୍ଟାଚାର୍ଯ୍ୟ, ଦୀପଶିଖା ଚକ୍ରବର୍ତ୍ତୀ, ମହୁଆ ଦାସ, ଶାଶ୍ୱତୀ ଭଟ୍ଟାଚାର୍ଯ୍ୟ, ଶକୁନ୍ତଳା ସାନ୍ୟାଲ, ତିଲୋତ୍ତମା ବସୁ ଏବଂ ଉପାସନା ସରକାର ପଠିତ କବିତାଗୁଡ଼ିକ ମହିଳାମାନଙ୍କ ଦୁଃଖ ଏବଂ ସାହସିକତା ଉପରେ ଆଧାରିତ ଥିଲା । ସୁନୀଲ ଗଙ୍ଗୋପାଧ୍ୟାୟ ଏବଂ ସମରେଶ ମଜୁମଦାରଙ୍କ ଦୁଇ ପ୍ରସିଦ୍ଧ ମହିଳା ଚରିତ୍ର ନୀରା ଏବଂ ମାଧବୀଲତା ସମ୍ପର୍କରେ ଆଲୋଚନା କରିଥିଲେ । ନନ୍ଦିନୀ ଭଟ୍ଟାଚାର୍ଯ୍ୟ ଏବଂ ସୁଦୀପ୍ତା ରୟ ଚୌଧୁରୀ ମୁଖାର୍ଜୀ ଶେଷରେ ଏପାର ଓପାର ଉତ୍ସବ କମିଟିର ସଭାପତି ପିନାକି ରୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବରିଷ୍ଠ ନାଗରିକ ମଞ୍ଚ ଓ ପରିଚୟ ପତ୍ର ବିତରଣ ସମାରୋହ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଓ ପୋଲିସ ପ୍ରଶାସନ ସହଯୋଗରେ କେନ୍ଦ୍ରାପଡାର ମାଧପୁର ସ୍ଥିତ ଅମର ଉଦ୍ୟାନ ମଣ୍ଡପ ସଭାଗୃହରେ ପରିଚୟ ପତ୍ର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅକ୍ଷୟ କୁମାର ମହାନ୍ତି ଅଧ୍ୟକ୍ଷତାରେ ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଡା. ଶରତ ଚନ୍ଦ୍ର ସ୍ୱାଇଁ, ଡା. ବିଜୟ କୁମାର ଦାସ, ଶରତ ଚନ୍ଦ୍ର ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ସଭାକୁ ସୂଚାରୁ ରୂପେ ପରିଚୟ ପତ୍ର ପ୍ରଦାନରେ ସହଯୋଗ କରିବା ସହିତ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ୧୪୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ବରିଷ୍ଠ ନାଗରିକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଆଇନଜୀବୀ ସଂଘର ସମ୍ମିଳନୀ କକ୍ଷରେ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ସିଭିଲ କୋର୍ଟ ପରିସରରେ ଥିବା ଟିଟିଲାଗଡ଼ ଆଇନଜୀବୀ ସଂଘର ସମ୍ମିଳନୀ କକ୍ଷରେ ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ ବିଧାୟିକା ତଥା ଓଡ଼ିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଟୁକୁନି ସାହୁଙ୍କ କରକମଳରେ ଉନ୍ମୋଚନ କରାଯାଇଛି । ଏହି ଉପଲକ୍ଷେ ଆଇନଜୀବୀ ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଆଇନଜୀବୀ ସଂଘର ସଭାପତି ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ଟିଟିଲାଗଡ଼ ବିଧାୟିକା ତଥା କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀମତୀ ସାହୁ ଯୋଗଦାନ କରିଥିଲେ ଏବଂ ପରିଶେଷରେ ଆଇନଜୀବୀ ସଂଘର ସମ୍ପାଦକ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସଂଘର ସମସ୍ତ ସଭ୍ୟ/ସଭ୍ୟା ଏବଂ ପୌର ପରିଷଦର ଭାଇସ୍‌ଚେୟାରପର୍ସନ ପୁଷ୍ପାଞ୍ଜଳି ଜାଲ ଏବଂ କାଉନସିଲର ସଞ୍ଜୁ ଗୋୟଲ ଏବଂ ବିଜେଡିର ଅନ୍ୟାନ୍ୟ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ ।

କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନୂତନ ପ୍ରକଳ୍ପ ଗୁଡିକ ଉଦ୍‌ଘାଟିତ ହୋଇଯାଇଛି । ୫୩ ଲକ୍ଷ ଟଙ୍କା ବ୍ୟୟରେ ପୁରୁଣା ବସ୍‌ଷ୍ଟାଣ୍ଡରେ ନୂତନ ଭାବେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ପୌରାଧକ୍ଷା ସରିତା ସାହୁ ଉଦ୍‌ଘାଟନ କରିଥିଲେ । ପରେ ୫ନଂ ୱାର୍ଡର ଗୋପ ଛକରେ ୨.୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଥଣ୍ଡା ପାନୀୟ ଜଳ ଭଣ୍ଡାର, ଏସଡିପି ପାଣ୍ଠିରୁ (୨୦୧୯-୨୦) ୧୭ନଂ ୱାର୍ଡ ସ୍ଥିତ କାକଟ ମଙ୍ଗଳା ଠାରେ ଏକ ସାଂସ୍କୃତିକ ମଣ୍ଡପ ଓ ୩ ଲକ୍ଷ ଟଙ୍କା ବ୍ୟୟରେ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଏକ ଥଣ୍ଡା ପାନୀୟଜ ଜଳ ଭଣ୍ଡାର ଉଦ୍‌ଘାଟନ କରିଥିଲେ । ଏଥିସହିତ ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ଥିବା ୟୁନିୟନ୍ କ୍ଲବର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏମଇ ଦିଲୀପ କୁମାର ସେଠୀ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଅଭୟ ଦାସ, ଅସୀମା ନାୟକ, ପ୍ରଦୀପ୍ତ ଜେନା, ରମେଶ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ପରିଡା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଧିରେନ୍ଦ୍ର କୁମାର ସାହୁ, ସାମ୍ବାଦିକ ଆଶିଷ ସେନାପତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଶିକ୍ଷା ଜଗତର ଅମ୍ଳାନ ଜ୍ୟୋତି ଥିଲେ ଶତ୍ରୁଘ୍ନ ନାଥ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ସାଂସ୍କୃତିକ ସମ୍ମେଳନ, ଭଦ୍ରକ ଆନୁକୁଲ୍ୟରେ ଓଡ଼ିଶାର ଖ୍ୟାତନାମା ଗୁରୁ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ୧୮ଶ ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତି ସମାରୋହ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭାପତି ତଥା ବିଶିଷ୍ଟ କବି ଡ. ହୃଷୀକେଶ ମଲିକ, ବାଗ୍ମୀ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସ, ସୁନାମଧନ୍ୟ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଶତ୍ରୁଘ୍ନ ନାଥଙ୍କ ଜୀବନୀ ଓ କର୍ମପ୍ରବଣତାର ଦୃଷ୍ଟାନ୍ତ ପ୍ରଦାନ କରିବା ସହିତ, ଶିକ୍ଷା ଜଗତର ସେ ଜଣେ ଅମ୍ଳାନ ଜ୍ୟୋତି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ପାଖରେ ଶିଷ୍ୟତ୍ୱ ଗ୍ରହଣ କରିଥିବା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ସର୍ବଶ୍ରୀ ଚନ୍ଦ୍ରଶେଖର ନାୟକ, ଶାନ୍ତନୁ ରାଉତ, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଗୋବର୍ଦ୍ଧନ ନାୟକ, ହରମୋହନ କୁଅଁର, ଭାଗବତ ତ୍ରିପାଠୀ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିବାବେଳେ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଏବଂ ସ୍ମୃତି କମିଟିର ସମ୍ପାଦକ ସୁଧାକର ରାଉତ ସ୍ୱାଗତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ ଅଧିବକ୍ତା ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ନୃସିଂହ ସାହିତ୍ୟ ସ୍ମୃତି ପରିଷଦର ବସନ୍ତ ଆସର ଓ କବିତା ପାଠୋତ୍ସବ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ଦୋବଲ କାଳୀ ପଡିଆ ସ୍ଥିତ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ଶନିବାର ନୃସିଂହ ସାହିତ୍ୟ ସ୍ମୃତି ପରିଷଦ ପକ୍ଷରୁ ବସନ୍ତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ପରିଷଦ ସଭାପତି ହୃଦାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତି ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ଶିକ୍ଷାବିତ ପ୍ରଭାତ ସାମଲ, ଧାମନଗର ବରିଷ୍ଠ ନାଗରିକ ପରିଷଦ କୋଷାଧ୍ୟକ୍ଷ ନିରାକାର ଧଳ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ସେବାନିବୃତ୍ତ ଶିକ୍ଷକ ପ୍ରିୟରଞ୍ଜନ ସାମଲ, ସିଦ୍ଧେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ନୃସିଂହ ଜେନା ଏକାଧାରରେ ଜଣେ ସୁଲେଖକ, କବି, ହୋମିଓପାଥି ଚିକିତ୍ସକ, ଆଦର୍ଶ ଶିକ୍ଷକ, ସମାଜସେବୀ ଥିଲେ । ତାଙ୍କର ଖଣ୍ଡ କାବ୍ୟ ନର୍ମଦା, ଗୋହିରାଟିକିରୀ ପରି ଅନେକ ଲେଖା ତାଙ୍କୁ ଅମର କରିବ । ତାଙ୍କ ନାମରେ ଅନୁଷ୍ଠିତ ଏହି ସାହିତ୍ୟ ଅନୁଷ୍ଠାନ ଆଗାମୀ ଯୁବ କବି ଓ ଲେଖକଙ୍କୁ ପ୍ରେରଣା ଦେବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ରଥ, ପଞ୍ଚାନନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କବି କୁଳମଣୀ ବେହେରା ଓ ହୃଦାନନ୍ଦ କରଙ୍କ ସଂଯୋଜନାରେ ଋତୁରାଜ ବସନ୍ତ କବିତାର ଆସରରେ କବିମାନେ କବିତା ଆବୃତି କରିଥିଲେ । କବି ମନୋଜ କୁମାର ଜେନା ଉଦ୍ଦେଶ୍ୟ ଜ୍ଞାପନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କମଳାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ ।

ମୋ ଭାରତ ବିକଶିତ ଭାରତ ନାରୀଶକ୍ତି ଫିଟ୍‌ନେସ୍ ରନ

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ବଲାଙ୍ଗୀର ଓ ଜବାହାରଲାଲ ନେହେରୁ ଆଦିବାସୀ କ୍ଲବର ମିଳିତ ଆନୁକୂଲ୍ୟରେ ବଲାଙ୍ଗିର ଜିଲ୍ଲା ତୁରେକେଳା ବ୍ଲକ ଚଟୁଅନକା ଗ୍ରାମ ଠାରେ ମୋ ଭାରତ ବିକଶିତ ଭାରତ ନାରିଶକ୍ତି ଫିଟନେସ୍ ରନ ଅନୁଷ୍ଠିତ ହୋଇଯାଇଛି । ଏହି ମୋ ଭାରତ ବିକଶିତ ଭାରତ ନାରିଶକ୍ତି ଫିଟ୍‌ନେସ୍ ରନ ଜବାହାରଲାଲ ନେହେରୁ ଆଦିବାସୀ କ୍ଲବର ସଭାପତି ସହଦେବ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି । ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ସମାଜସେବୀ ମୁଖରାମ ମାଝୀ ଓ ସମ୍ମାନିତ ଅତିଥି ଭାବେ ଭୀଷ୍ମତ ମାଝୀ, ଜଦୁ ନିଆଲ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଦୌଡ଼ ପ୍ରତିଯୋଗିତାରେ ରୁକମଣି ମାଝୀ ପ୍ରଥମ ହୋଇଥିଲେ । ନେପୁର ମାଝୀ ଦ୍ୱିତୀୟ, ଶଶିକାନ୍ତି ମାଝୀ ତୃତୀୟ ସ୍ଥାନରେ ବିଜୟୀ ହୋଇଥିଲେ ।

ଶ୍ରୀ ରାମେଶ୍ୱର ଶୈବ ପୀଠରେ ସାମୂହିକ ବ୍ରତୋପନୟନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଦ୍ୱିତୀୟ ବାରାଣସୀ କୁହାଯାଉଥିବା ସୋନପୁରର ପ୍ରସିଦ୍ଧ ଶ୍ରୀ ରାମେଶ୍ୱର ଶୈବପୀଠ ଠାରେ ସାମୂହିକ ବ୍ରତପୋନୟନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଦୀର୍ଘ ୩୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ଏହି ଉତ୍ସବର ସମସ୍ତ ଆୟୋଜନ ଓ ତଦାରଖର ଦାୟିତ୍ୱ ସୋନପୁରର ବିଶିଷ୍ଟ ସମାଜସେବୀ ତଥା ସାଧାରଣ ମଣିଷଙ୍କ ଭିତରେ ଜଣେ ଅସାଧାରଣ ମଣିଷ ଶ୍ରୀବତ୍ସ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ମୈଥିଳୀ ମଲ୍ଲିକ ନେଇ ଆସୁଛନ୍ତି । ପ୍ରତିବର୍ଷ ବିଭିନ୍ନ ଅଞ୍ଚଳର ଆଠରୁ ଦଶ ଜଣ ଗରିବ ବ୍ରାହ୍ମଣ ପରିବାରର ପିଲାମାନଙ୍କୁ ମାଗଣାରେ ବ୍ରତ କରାଯାଉଥିବା ବେଳେ ଏ ବର୍ଷ ୨୦୨୪ରେ ୧୧ ଜଣ ବାଳକଙ୍କୁ ସାମୂହିକ ବ୍ରତ କରାଯାଇଛି । ପୁରୀ ଶ୍ରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଜୀ ମହାରାଜ ଯୋଗଦେଇ ଏହି ବାଳବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଆଶୀର୍ବାଦ ପ୍ରଦାନ କରି ନିଃସହାୟ ବ୍ରାହ୍ମଣ ପିଲାମାନଙ୍କ ସାମୂହିକ ବ୍ରତ ପାଳନ ହିଁ ଅସଲ ମାନବୀୟ ଧର୍ମ ବୋଲି ମତ ରଖି ଏହି ଉତ୍ସବର ଆୟୋଜକ ଶ୍ରୀ ମଲ୍ଲିକଙ୍କ ବଦାନ୍ୟତା ଓ ମହାନତାକୁ ପ୍ରଶଂସା କରିଥିଲେ । ପଣ୍ଡିତ ବେଦବ୍ୟାସ ମିଶ୍ର, କାଳିଚରଣ ମିଶ୍ର, ଆଶିଷ ମିଶ୍ର, ରାମାନୁଜ ପୂଜାରୀ, ଆନନ୍ଦ ପୂଜାରୀ, ବାସୁଦେବ ଶତପଥୀ, ନୀଳମଣି ଓତା, ବିଦେଶୀ ବାବୁ, ମଧୁ ଦାଶ, କରୁଣାକର ରଥ, ଟଙ୍କଧର ମିଶ୍ର ପ୍ରମୁଖ ପଣ୍ଡିତମାନେ ପୂଜା କାର୍ଯ୍ୟ କରିଥିଲେ । ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ସମାଜସେବୀ ଓ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଏଠାରେ ଯୋଗଦାନ କରି ବାଳ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ କରି ସାମୂହିକ ପ୍ରସାଦ ସେବନ କରିଥିଲେ ।

ଅବ୍ୟବସ୍ଥା ଘେରରେ ଏସିଆର ସର୍ବବୃହତ୍ ହୁମ୍ମା ଶୁଖୁଆ ହାଟ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ହୁମ୍ମାରେ ରହିଛି ଏସିଆ ମହାଦେଶର ସର୍ବବୃହତ୍ ଶୁଖୁଆ ହାଟ । ଜାତୀୟ ରାଜପଥ କଡ଼ରେ ହାଟ ପଡିଆରେ ବସୁଥିବା ସାପ୍ତାହିକ ଶୁଖୁଆ ହାଟରେ ବିଭିନ୍ନ ରାଜ୍ୟର ବେପାରୀଙ୍କ ସମାଗମ ହୋଇଥାଏ । ରାଜ୍ୟ ସରକାର ବ୍ୟବସାୟୀଙ୍କ ପାଇଁ ୫ କୋଟି ଟଙ୍କା ବିନିମୟରେ ହାଇଜେନିକ୍ ମାର୍କେଟ୍ କରିଛନ୍ତି । ୨୦୨୧ରୁ କାମ ସରିଥିବା ବେଳେ ଠିକା ସଂସ୍ଥା ମତ୍ସ୍ୟ ସମ୍ପଦ ବିଭାଗକୁ ହସ୍ତାନ୍ତର କରୁନାହିଁ । ଆଜି ପର୍ଯ୍ୟନ୍ତ କୋଠାରେ ବିଦ୍ୟୁତ୍ ସରବରାହ ହୋଇପାରିନାହିଁ । ହାଇଜେନିକ୍ ମାର୍କେଟ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଖତ ଖାଉଛି । ମାର୍କେଟରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ବେଳେ ଭିତରେ ଆବର୍ଜନା ଭର୍ତ୍ତି ରହିଛି । ସେଠାରେ ବେପାରୀମାନେ ତାଙ୍କର ଶୁଖୁଆ ଗଚ୍ଛିତ କରି ରଖୁଛନ୍ତି । ହାଇଜେନିକ୍ ମାର୍କେଟ୍ ଗୋଦାମ ପାଲଟିଥିବା ବେଳେ ଅଧା ଜିନିଷ ଭାଙ୍ଗିରୁଜି ଗଲାଣି । ଏଠିକାର ଶୁଖୁଆ ବିଭିନ୍ନ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ହୁମ୍ମା ଶୁଖୁଆ ହାଟରେ ବ୍ୟବସାୟ କରୁଥିବା ବେପାରୀଙ୍କ ପାଇଁ ଏକ ଅତ୍ୟାଧୁନିକ ମାର୍କେଟ ନିର୍ମାଣ ପାଇଁ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଯୋଜନା ହୋଇଥିଲା । ପ୍ରାୟ ୫ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ବେଳେ ଭୁବନେଶ୍ୱର ବ୍ରିଜ୍ ଆଣ୍ଡ୍ ରୁଫ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍ ନାମକ ସଂସ୍ଥା ଏହି ହାଇଜେନିକ୍ ମାର୍କେଟ୍ ନିର୍ମାଣ କରିଛି । ହାଟ ଭିତରେ ବ୍ୟବସାୟୀଙ୍କ ବସିବା ପାଇଁ ୬୨ଟି ପିଣ୍ଡି ବ୍ୟବସ୍ଥା ହୋଇଥିବା ବେଳେ କ୍ୟାବିନ୍, ଶୌଚାଳୟ, ଗୋଦାମ ଭଳି ସମସ୍ତ ବ୍ୟବସ୍ଥା କରାଯାଇଛି । ଚାରିପଟେ କାନ୍ଥ ଦିଆଯାଇ ଉପରେ ଅଜବେଷ୍ଟସ୍ ଛାଉଣି କରାଯାଇଛି । ଭିତରକୁ ଯିବା ଆସିବା ପାଇଁ ଉଭୟ ପଟେ ୪ଟି ଦ୍ୱାର ରହିଛି ଏବଂ ସୂର୍ଯ୍ୟକିରଣ ପଡ଼ିବା ପାଇଁ ମଧ୍ୟ ସୁବିଧା କରାଯାଇଛି । ନିର୍ମାଣ କାମ ସରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇନାହିଁ । ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଏହାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ସେପଟେ ବ୍ୟବସାୟୀଙ୍କ କହିବା ଅନୁସାରେ ସେଠାରେ ବ୍ୟବସାୟ କରିବାପାଇଁ ଜାଗାର ଅଭାବ ରହିଛି । ସେହିପରି ଚାରିପଟେ କାନ୍ଥ ଦିଆଯାଇନଥିବାରୁ ପବନ ଯିବା ଆସିବା ସମ୍ଭବ ହେଉନାହିଁ । ଏଣୁ ଶୁଖୁଆ ପଚି ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ଅନ୍ୟପକ୍ଷରେ ଯେଉଁ ପିଣ୍ଡି ହୋଇଛି ସେଠାରେ ବସିବାକୁ ମଧ୍ୟ ବ୍ୟବସାୟୀ ନାରାଜ ଅଛନ୍ତି । କାରଣ ପ୍ରତ୍ୟେକ ପିଣ୍ଡିରେ ଚାରି ପାର୍ଶ୍ୱରୁ ଗ୍ଲାସ ଉଠାଯାଇଛି । ସେଥିରେ ବ୍ୟବସାୟ କରିବା ସହଜ ହୋଇପାରୁନାହିଁ । ବ୍ୟବସାୟ ସେହି ମାର୍କେଟ୍‌କୁ ଏବେ ଗୋଦାମ କରିଛନ୍ତି । ରାତିରେ ସେଠାରେ ସାମଗ୍ରୀ ରଖି ସକାଳେ ପୁଣିଥରେ ଜାତୀୟ ରାଜପଥ କଡ଼ରେ ସେମାନଙ୍କର ପସରା ମେଲୁଛନ୍ତି । ପ୍ରତି ରବିବାର ଏଠାରେ ପ୍ରାୟ ୧ ହଜାର ବେପାରୀଙ୍କ ସମାଗମ ହୋଇଥାଏ । ପ୍ରତି ହାଟଦିନ ପ୍ରାୟ ୫୦ ଲକ୍ଷ ଟଙ୍କାର ବେପାର ହୋଇଥାଏ । ହୁମ୍ମା ଶୁଖୁଆ ହାଟରୁ ବିଜୟୱାଡ଼ା, କାକିନାଡ଼ା, ବିଶାଖାପାଟଣା ସହିତ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ ଏବଂ ଓଡ଼ିଶାର ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ, କନ୍ଧମାଳ, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, ଗଜପତି ଭଳି ଜିଲ୍ଲାକୁ ସାମଗ୍ରୀ ରପ୍ତାନି ହୋଇଥାଏ । ଏଠାରେ ବିଶେଷ କରି ଗଞ୍ଜାମ, ପୁରୀ, ପାରାଦୀପ ଓ ଆନ୍ଧ୍ର ପ୍ରଦେଶର ବେପାରୀ ଶୁଖୁଆ ବିକ୍ରି କରିଥାନ୍ତି । ହାଇଜେନିକ୍ ମାର୍କେଟ୍ କାହିଁକି କାମ କରୁନି ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆଙ୍କୁ ପଚାରିବାରେ ସେ କହିଛନ୍ତି, ଶୁଖୁଆ ବ୍ୟବସାୟୀଙ୍କ ସୁବିଧା ପାଇଁ ହୁମ୍ମାରେ ଏକ ଅତ୍ୟାଧୁନିକ ହାଇଜେନିକ୍ ଶୁଖୁଆ ମାର୍କେଟ୍ ତିଆରି କରାଯାଇଛି । ଏବେ ସୁଦ୍ଧା ସେହି ମାର୍କେଟ୍ ଜିଲ୍ଲା ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ । ଭିତରେ ବିଦ୍ୟୁତ୍ ସଂଯୋଗ ବି ନାହିଁ । ଠିକା ସଂସ୍ଥାକୁ ବାରମ୍ବାର ତାଗିଦ୍ ପରେ ବି ବିଦ୍ୟୁତ୍ ସଂଯୋଗ କରୁନାହିଁ କି ମାର୍କେଟ୍ ହସ୍ତାନ୍ତର କରୁନି । କିଛି ସାମଗ୍ରୀ ଭାଙ୍ଗିରୁଜି ଯାଇଛି । ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯାଇ ହାଇଜେନିକ୍ ମାର୍କେଟ୍ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି । ମାର୍କେଟ୍ ଆମକୁ ହସ୍ତାନ୍ତର ହେବା ପରେ ବ୍ୟବସାୟୀଙ୍କୁ ନେଇ କ୍ଲବ ଗଠନ କରାଯିବ । ମାର୍କେଟ୍‌ରେ ରକ୍ଷଣାବେକ୍ଷଣା କେମିତି ହେବ ଦେଖାଯିବ । ଆଡ଼ିସନାଲ୍ ଫିସେରି ଅଫିସର ସୁବ୍ରତ ପଟ୍ଟନାୟକ ମଧ୍ୟ ମାର୍କେଟ୍ ହସ୍ତାନ୍ତର ହୋଇନାହିଁ ବୋଲି କହିଛନ୍ତି ।

ପ୍ରାଚୀନ ମନ୍ଦିରର ସୁରକ୍ଷା ପାଇଁ ସମ୍ବର୍ଦ୍ଧନା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ନଂ ୱାର୍ଡର ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ମହାଦେବ ମନ୍ଦିର ପରିସରରେ ଶତାଧିକ ମା' ଭଉଣୀ ଅଖଣ୍ଡ ଦୀପ ଜାଳି ନିଜ ନିଜ ପରିବାରର ସୁଖ ମନାସିଥିଲେ ଓ ଶହେ ବର୍ଷରୁ ଉର୍ଦ୍ଧ୍ୱ ଏହି ମନ୍ଦିରର ଏକଦା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱର୍ଗତ ନୀଳକଣ୍ଠ ବେହେରା, ସ୍ୱ. ଯାମିନୀକାନ୍ତ ମିଶ୍ର, ସ୍ୱ. ଅଜୟ କୁମାର ମିଶ୍ର, ସ୍ୱ. ସୁରେଶ ଚନ୍ଦ୍ର ଷଡଙ୍ଗୀ, ସ୍ୱ. ଅବନୀକାନ୍ତ ମିଶ୍ର, ସ୍ୱ. ପ୍ରଭାକର ଦାଶ, ସ୍ୱ. ପ୍ରଶାନ୍ତ ଦାଶ, ସ୍ୱ. ସୋମନାଥ ମିଶ୍ର ଓ ସ୍ୱ. ଶ୍ରୀନିବାସ କରଙ୍କ ସମେତ ୯ଜଣଙ୍କ ଅବର୍ତ୍ତମାନରେ ତାଙ୍କ ପରିବାରବର୍ଗଙ୍କୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଛି ଓ ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ହାତରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ବର୍ଷସାରା ମନ୍ଦିର ପ୍ରାଙ୍ଗଣରେ ଭାଗବତ ଟୁଙ୍ଗିଟିଏ କରି ଭାଗବତ/ପୁରାଣ ଆଲୋଚନା କରିଆସୁଥିବା କୈଳାଶ ଚନ୍ଦ୍ର ଆଚାର୍ଯ୍ୟ, ତିଲୋତ୍ତମା କର, ସୁଜାତା ମିଶ୍ର, ରେବତୀ ବେହେରା, ଜୟନ୍ତୀ ଷଡଙ୍ଗୀ, ସାବିତ୍ରୀ ବେହେରା, ଅନ୍ନପୂର୍ଣ୍ଣା ସେଠୀ ଓ ନିର୍ମଳା ଶତପଥୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବର୍ତ୍ତମାନ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କୈଳାଶ ଚନ୍ଦ୍ର ବେହେରା, ତପନ କୁମାର ଷଡଙ୍ଗୀ, ସତ୍ୟମ ଷଡଙ୍ଗୀ, ଦେବରାଜ ମିଶ୍ର, ବୈଦ୍ୟନାଥ ମିଶ୍ର, ଭବାନୀ ଶଙ୍କର କର, ଲିଙ୍ଗରାଜ ମିଶ୍ର ଓ ଦେବଦତ୍ତ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ସିଲି ପଏଣ୍ଟ : ମୁଥୁଲାନଙ୍କ ୟର୍କର ଦେଖି ଧୋନି ବିଭୋର

ନୂଆଦିଲ୍ଲୀ

ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ନେଟ୍ସରେ ବୋଲିଂ କରିବା ଲାଗି ଶ୍ରୀଲଙ୍କାର ଜଣେ କନିଷ୍ଠ ବୋଲରଙ୍କୁ ନିମନ୍ତ୍ରଣ କରିଛନ୍ତି । କୁଗାଦାସ ମୁଥୁଲାନ ନାମକ ଏହି ବୋଲରଙ୍କ ଏକ ଭିଡିଓ ଦେଖି ଧୋନି ଏହି ନିଷ୍ପତ୍ତି ନେଇଛନ୍ତି । ସେଣ୍ଟ୍ ଜନ୍ସ କଲେଜ ଓ ଜାଫ୍ନା ସେଣ୍ଟ୍ରାଲ କଲେଜ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମୁଥୁଲାନଙ୍କ ୟର୍କର ବଲ୍ ପ୍ରତିପକ୍ଷ ବ୍ୟାଟର୍‌ଙ୍କୁ ତଳେ ପକାଇବା ସହ ବୋଲ୍ଡ କରି ଦେଇଥିଲା । ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଧୋନିଙ୍କ ନଜରକୁ ଆସିଥିଲା । ଜାଫ୍ନାର ଏହି ୧୭ ବର୍ଷୀୟ ବୋଲରଙ୍କ ଏହି ଚମତ୍କାର ବଲ୍ ଧୋନିଙ୍କୁ ବିମୋହିତ କରିଛି । ମୁଥୁଲାନଙ୍କ ବୋଲିଂ ଶୈଳୀ ସଂପ୍ରତି ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ପ୍ରଶିକ୍ଷକ ଥିବା ଲସିତ ମାଲିଙ୍ଗାଙ୍କ ଭଳି ରହିଛି । ଶ୍ରୀଲଙ୍କା କିମ୍ବଦନ୍ତିଙ୍କ ଭଳି ମୁଥୁଲାନ ମଧ୍ୟ ଅଣଆନୁଷ୍ଠାନିକ ରାଉଣ୍ଡ ଆର୍ମରେ ବୋଲିଂ କରୁଛନ୍ତି । ଶ୍ରୀଲଙ୍କା ଦ୍ରୁତବୋଲର ମଥିଶା ପଥିରଣା ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ଅଛନ୍ତି । ୫ ଥର ଆଇପିଏଲ୍ ବିଜେତା ସିଏସ୍‌କେ ମାର୍ଚ୍ଚ ୨୨ ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଘରୋଇ ପଡ଼ିଆ ଚେନ୍ନାଇରେ ଖେଳିବ ।

ଡବ୍ଲ୍ୟୁପିଏଲ୍ : ମୁମ୍ବାଇକୁ ହରାଇ ପ୍ରଥମ ଥର ଫାଇନାଲରେ ଆରସିବି

ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନରେ ହରାଇ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ନୂଆଦିଲ୍ଲୀ

ମହିଳା ପ୍ରିମିୟମ ଲିଗ ମୁକାବିଲାରେ ପ୍ରଥମ କରି ଫାଇନାଲରେ ପ୍ରବେଶ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) । ଅତି ରୋମାଞ୍ଚକ ଭାବେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନରେ ହରାଇ ଫାଇନାଲରେ ପହଞ୍ଚିଛି ଦଳ ।

ଅରୁଣ ଜେଟଲି ଷ୍ଟାଡିୟମରେ ଖେଳା ଯାଇଥିବା ଏଲିମିନେଟର ମୁକାବିଲାରେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆରସିବି କ୍ୟାପ୍ଟେନ ସ୍ମୃତି ମନ୍ଧନା । ହେଲେ ଦଳ ପାଇଁ ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ମହଙ୍ଗା ପଡିଥିଲା । ପାୱାର ପ୍ଲେ ମଧ୍ୟରେ ଦଳ ୨୩ ରନ କରି ୩ ୱିକେଟ ହରାଇଥିଲା । ଶୋଫି ଡିଭାଇନ ଓ ସ୍ମୃତି ମନ୍ଧନା ୧୦ ରନ କରି ପାଭିଲିଅନ ଫେରିଥିବା ବେଳେ ରିଚା ଘୋଷ ୧୪ ରନ୍ କରିଥିଲେ ।

ହେଲେ ଅଲରାଉଣ୍ଡର ଏଲିସ ପେରୀ ରକ୍ଷଣାତ୍ମକ ସର୍ଟ୍ସ ଖେଳି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ସେ ୮ଟି ଚୌକା ଏବଂ ଗୋଟିଏ ଛକା ବଳରେ ୫୦ ବଲ ବିନିମୟରେ ୬୬ ରନ ସଂଗ୍ରହ କରିଥିଲେ । ନିର୍ଦ୍ଧାରିତ ଓଭର ମଧ୍ୟରେ ଦଳ ୬ ୱିକେଟ ହରାଇ ୧୩୪ ରନରେ ସୀମିତ ରହିଥିଲା ।

୧୩୫ ରନର ଟାର୍ଗେଟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ଶେଷ ପର୍ଯ୍ୟନ୍ତ

ଲଢେଇ କରିଥିଲେ ମଧ୍ୟ ୧୩୦ ରନରେ ଅଟକି ଯାଇଥିଲା । ଫଳରେ ଦଳ ଟାଇଟଲ ଦୌଡରୁ ବାଦ ପଡିଯାଇଛି । ମୁମ୍ବାଇ ପକ୍ଷରୁ ଓପନିଂ କରିଥିବା ୟଷ୍ଟିକା ଭାଟିଆ ଓ ହେଲି ମାଥ୍ୟୁସ ପ୍ରାରମ୍ଭିକ ବିପର୍ଯ୍ୟୟର ସାମ୍ନା କରିଥିଲେ । ଉଭୟଙ୍କ ଭାଗିଦାରୀରେ ୨୭ ରନ ହୋଇଥିବା ବେଳେ ପାଭିଲିଅନ ଫେରିଥିଲେ ମାଥ୍ୟୁସ୍ । ସେ ବ୍ୟକ୍ତିଗତ ୧୫ ରନ ସଂଗ୍ରହ କରିଥିଲେ । ଏହାପରେ ୟଷ୍ଟିକାଙ୍କ ସାଥ ଦେଇଥିଲେ ସ୍କିଭର ବ୍ରଣ୍ଟ ।

ଉଭୟ ଦଳୀୟ ସ୍କୋରକୁ ୫୦ରେ ପହଞ୍ଚାଇ ଥିବାବେଳେ ୧୯ ରନ କରି ଆଉଟ ହୋଇ ଯାଇଥିଲେ ୟଷ୍ଟିକା । ଏହା ପରେ ସ୍କିଭର ବ୍ରଣ୍ଟ ମଧ୍ୟ ୨୩ ରନ କରି ପାଭିଲିଅନ ଫେରିଥିଲେ । ମଧ୍ୟକ୍ରମରେ ସ୍ଥିତି ସମ୍ଭାଳିଥିଲେ ହର୍ମନପ୍ରୀତ କୌର ଏବଂ ଆମେଲିଆ କୌର । ଉଭୟ ଦର୍ଶନୀୟ ସର୍ଟ୍ସ ଖେଳି ଦଳର ବିଜୟ ଆଶାକୁ ଉଜ୍ଜିବୀତ କରିଥିଲେ ।

ହେଲେ ଏହି ସମୟରେ ଆରସିବି ୱେମେନ ୱାରିଅରଙ୍କ ବଲ କାମ କରିଥିଲା । ୧୭ତମ ଓଭରରେ ଶ୍ରେୟଙ୍କା ପାଟିଲ ହର୍ମନପ୍ରୀତଙ୍କୁ ପାଭିଲିଅନ ବାଟ ଦେଖାଇ ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ । ହର୍ମନପ୍ରୀତ ୩୩ ରନ କରି ଆଉଟ ହୋଇଥିଲେ । ମୁମ୍ବାଇକୁ ଶେଷ ଦୁଇ ଓଭରରେ ୧୬ ରନ ଆବଶ୍ୟକ ଥିବାବେଳେ ସଜୀବନ ସଜନା ଓ ପୂଜା ବସ୍ତ୍ରାକର ଯଥାକ୍ରମେ ୧ ଏବଂ ୪ ରନ କରି ଆଉଟ ହୋଇଥିଲେ ।

ଆମେଲିଆ ୨୭ ରନ କରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ । ନିର୍ଦ୍ଧାରିତ ଓଭର ମଧ୍ୟରେ ଦଳ ୧୩୦ ରନରେ ଅଟକି ଯାଇଥିଲା । ଫଳରେ ମୁମ୍ବାଇର ଫାଇନାଲ ଖେଳିବା ସ୍ୱପ୍ନ ଧୂଳିସାତ ହୋଇଯାଇଛି ।

ଅନ୍ୟପଟେ ଏଲିସ ପେରୀ ଅର୍ଦ୍ଧଶତକ ସହ ଗୋଟିଏ ୱିକେଟ ନେଇଥିବାରୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଛନ୍ତି । ଆସନ୍ତା ରବିବାର ଫାଇନାଲ ଫାଇଟରେ ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ ।

କ୍ରୀଡା ସଂଘ ଅନୁଦାନ ରାଶି ଦୁଇଗୁଣା

ଭୁବନେଶ୍ୱର ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ କ୍ରୀଡ଼ା ବିକାଶ ପାଇଁ ସଙ୍କଳ୍ପବଦ୍ଧ । ଓଡ଼ିଶା ସରକାର ନିର୍ବାଚନ ପୂର୍ବରୁ ଆଉ ଏକ ବଡ଼ ଘୋଷଣା କରିଛନ୍ତି । ରାଜ୍ୟର ସମସ୍ତ କ୍ରୀଡ଼ା ସଂଘ (ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ)କୁ ଦିଆଯାଉଥିବା ଅନୁଦାନ ରାଶିକୁ ଦୁଇଗୁଣା କରି ଦେଇଛନ୍ତି । ଏ ଶ୍ରେଣୀଭୁକ୍ତ ରାଜ୍ୟ ସଂଘ ପାଇଁ ବାର୍ଷିକ ୧୨ ଲକ୍ଷ ମିଳିବ, କିନ୍ତୁ ଏହା ଅନ୍ତର୍ଭୁକ୍ତ ଚେସ୍ ସଂଘକୁ ୬ ଲକ୍ଷ ମିଳିବ । ବି ଶ୍ରେଣୀଭୁକ୍ତ ରାଜ୍ୟ ସଂଘକୁ ୮ ଲକ୍ଷ, ବ୍ଲକ ଥିବା ଜିଲ୍ଲା କ୍ରୀଡ଼ା ସଂଘ ପାଇଁ ବାର୍ଷିକ ୪ ଲକ୍ଷ, ୧୫ରୁ ୨୦ ବ୍ଲକ ମଧ୍ୟରେ ଥିବା ଜିଲ୍ଲା ପାଇଁ ୩ ଲକ୍ଷ, ୧୦ରୁ ୧୪ ବ୍ଲକ ବିଶିଷ୍ଟ ଜିଲ୍ଲା ପାଇଁ ୨ ଲକ୍ଷ, ୧୦ରୁ କମ ବ୍ଲକ୍ ଥିବା ଜିଲ୍ଲା ସଂଘ ପାଇଁ ୧.୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି ଏହା ଛଡ଼ା ପ୍ରଶିକ୍ଷଣ, ପ୍ରତିଯୋଗିତା, ଖେଳ ସଂରଜାମ କ୍ରୟ ପାଇଁ ସରକାର ସ୍ୱତନ୍ତ୍ର ଅନୁଦାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି ନୂଆ ଅନୁଦାନ ରାଶି କେବଳ ୨୦୨୩-୨୪ ଆର୍ଥିକ ବର୍ଷରୁ ଲାଗୁ ହେବ ସମସ୍ତ ଅନୁଦାନ ପାଇଁ ଜାତୀୟ କ୍ରୀଡ଼ା ନୀତିର

ସି ପାଇଁ ୫ ଲକ୍ଷ, ଡି ପାଇଁ ୩ ଲକ୍ଷ ଟଙ୍କାର ବାର୍ଷିକ ଅନୁଦାନ ମିଳିବ ଏହା ବ୍ୟତୀତ କ୍ରୀଡ଼ା ସଂଘ ଗୁଡ଼ିକ ଲାଗି ଥିବା ସ୍ୱତନ୍ତ୍ର ଅନୁଦାନ ରାଶିର ଧାର୍ଯ୍ୟ ସୀମାକୁ ଉଚ୍ଛେଦ କରାଯାଇଛି ଆବଶ୍ୟକତାକୁ ଉପଲବ୍ଧି କରି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ରାଶି ସ୍ଥିର କରିବେ କେଣସି ଶ୍ରେଣୀଭୁକ୍ତ ହୋଇ ନଥିବା ଅଣସ୍ୱୀକୃତ କ୍ରୀଡ଼ା ସଂଘଗୁଡ଼ିକୁ ଡି ଶ୍ରେଣୀଭୁକ୍ତ କରାଯାଇ ଅନୁଦାନ ଦିଆଯିବ କିନ୍ତୁ ସେମାନଙ୍କ ପାଖରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟର ସ୍ୱୀକୃତି ଥିବା ଅପରିହାର୍ଯ୍ୟ । ରାଜ୍ୟ ସଂଘ ଭଳି ଜିଲ୍ଲା ସଂଘଗୁଡ଼ିକୁ ମଧ୍ୟ ଅନୁଦାନ ଦେବାକୁ ସରକାର ନୂଆ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି ୨୦ରୁ ଅଧିକ ଆଚରଣ ସଂହିତାକୁ କଡ଼ାକଡ଼ି ଭାବେ ପାଳନ କରୁଥିବା ସଂଘକୁ ପ୍ରଦାନ କରାଯିବ । ମାର୍ଚ୍ଚ ୧୪ ତାରିଖ ଚିଠି ସଂଖ୍ୟା ୧୧୮୪୯ ଅନୁସାରେ ପ୍ରକାଶିତ ବିଜ୍ଞପ୍ତି ପରେ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘ ଓ କ୍ରୀଡ଼ା କ୍ଲବ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତିକୁ ବିଭିନ୍ନ ସଂଘ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛି । ଓଡ଼ିଶା ଦେହକୁଦ ଓ ଫୁଟ୍‌ବଲ୍ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଡକ୍ଟର ଗଗନେନ୍ଦୁ ଦାଶ । ଏଥି ଲାଗି ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ସଚିବ ଆର ଭିନୀଲ କ୍ରିଷ୍ଣାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଦୃଷ୍ଟିହୀନ ଟ୍ୱେଣ୍ଟି-୨୦ : ଶୃଙ୍ଖଳା ପୋଛି ନେଲା ଭାରତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଆ ପୁଅ ନକୁଳ ବଡ଼ନାୟକଙ୍କ ଅର୍ଦ୍ଧଶତକ ବଳରେ ଭାରତ ନୂଆଦିଲ୍ଲୀର କର୍ଣ୍ଣେଲ ସିଂହ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିପାକ୍ଷିକ ଦୃଷ୍ଟିହୀନ ଟ୍ୱେଣ୍ଟି-୨୦ କ୍ରିକେଟ ଶୃଙ୍ଖଳାର ଶେଷ ତଥା ପଞ୍ଚମ ମ୍ୟାଚ୍‌କୁ ଭାରତ ୯୦ ରନ୍‌ରେ ଜିତି ନେଇଛି । ଫଳରେ ଏହି ୫ ଟିକିଆ ଘରୋଇ ଶୃଙ୍ଖଳାକୁ ଭାରତ ୫-୦ରେ ପୋଛି ନେଇଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ୱିକେଟ୍ ହରାଇ ୨୨୭ ରନ୍ କରିଥିଲା । ନକୁଳ ବଡ଼ନାୟକ ୭୦ (୩୯ ବଲ୍), ଟି ଦୁର୍ଗାରାଓ ୪୯ ଓ ଗୁଡାଡାପ୍ପା ୪୦ ରନ୍ କରିଥିଲେ । ଜବାବରେ ଶ୍ରୀଲଙ୍କା ୭ୱିକେଟ୍ ହରାଇ ୧୩୭ ରନ୍ କରିପାରିଥିଲା । ଭାରତ ପକ୍ଷରୁ ଲୋକେଶ ୨, ଦୁର୍ଗା, ନିଲେଶ ଯାଦବ, ସଂଜୟ କୁମାର ଶାହ ଓ ମହାରାଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅଜୟ କୁମାର ରେଡ୍ଡୀ (ବି-୧), ନକୁଳ ବଡ଼ନାୟକ (ବି-୨) ଓ ଚନ୍ଦନ ଦେଶପ୍ରିୟ (ବି-୩)ଙ୍କୁ ମିଳିଛି ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବୈଦେଶିକ ମନ୍ତ୍ରୀ (ରାଜ୍ୟ) ମୀନାକ୍ଷି ଲେ, କ୍ରିକେଟର୍ ମଦନ ଲାଲ, ପ୍ରବୀଣ କୁମାର, ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଅଧ୍ୟକ୍ଷ ମହନ୍ତେଶ ଜି କିଭାଦସାଭାଭର ଓ ସମ୍ପାଦକ ଶୈଳେନ୍ଦ୍ର ଯାଦବ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ହୁଣ୍ଡାଇ ମୋଟର ଇଣ୍ଡିଆର ସମର୍ଥ ଅଭିଯାନ ଅଧୀନରେ ଏହି ଶୃଙ୍ଖଳା ଆୟୋଜନ କରାଯାଇଛି ।

ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହେଲା ଅନଲାଇନ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥା

ବାଲେଶ୍ୱର, ନ୍ୟୁଜ୍

ସମଗ୍ର ରାଜ୍ୟରେ ଇ-ଗଭର୍ଣ୍ଣାନ୍ସର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର ଦ୍ୱାରା ବିକଶିତ ଅନଲାଇନ ଇନସେଣ୍ଟିଭ ମ୍ୟାନେଜମେଣ୍ଟ ସିଷ୍ଟମକୁ ବାଲେଶ୍ୱର ଜିଲ୍ଲା ପାଇଁ ଉଦଘାଟନ କରିଛନ୍ତି ଏହି ଯୁଗାନ୍ତକାରୀ ପଦକ୍ଷେପ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ସହିତ ଏହି ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକୁ ଜନାଭିମୁଖୀ କରିବା ପାଇଁ ବାର୍ତ୍ତା ଦେଇଛନ୍ତି ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସାନ କକ୍ଷରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ହେମ୍ବ୍ରମ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳିକା ଫାଲ୍ଗୁନୀ ଦତ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଚାଳନ କରିଥିଲେ ସୂଚନା ଥାଉକି ଏହି ଅନଲାଇନ ପ୍ରୋତ୍ସାହନ ପରିଚାଳନା ସିଷ୍ଟମ ପୋର୍ଟାଲ ଉଦ୍ୟୋଗୀମାନଙ୍କ ଦ୍ୱାରା ଆବେଦନ ଦାଖଲ କରିବାରେ ସହଜ କରିଥାଏ ଯାହା ସେମାନଙ୍କ ପ୍ରୋତ୍ସାହନକୁ ଓଡିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫେବଲ୍ସ ନୀତି ଅନୁଯାୟୀ ଅନୁମୋଦନ କରିବାକୁ ଅନୁମତି ଦେଇଥାଏ ଅନଲାଇନ ଇନସେଣ୍ଟିଭ ମ୍ୟାନେଜମେଣ୍ଟ ସିଷ୍ଟମ ଶାରୀରିକ ପ୍ରୟୋଗ ଦାଖଲ ଉପରେ ଏକାଧିକ ସୁବିଧା ପ୍ରଦାନ କରିବ, ଯେପରିକି ପ୍ରୟୋଗର ସହଜ ଦାଖଲ ଏବଂ ଡକ୍ୟୁମେଣ୍ଟ ଅପଲୋଡ୍, ଏକକ ୱିଣ୍ଡୋ ପୋର୍ଟାଲ ସୁବିଧା, ପ୍ରୟୋଗଗୁଡ଼ିକ ପାଇଁ ତ୍ରୁଟି-ଯାଞ୍ଚ ଏବଂ ବାର୍ତ୍ତା ଆଲର୍ଟ ଏହା ମଧ୍ୟ କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସୁରକ୍ଷା ପ୍ରକ୍ରିୟା ଉପରେ ନିର୍ଭର କରେ ଏହି ଅନଲାଇନ ପୋର୍ଟାଲ ସାହାଯ୍ୟରେ ଏକ କମ୍ପାନୀ ସପ୍ତାହରେ ଯେକୌଣସି ଦିନ ୨୪ ଘଣ୍ଟା ଏହାର ଆବେଦନ ଦାଖଲ କରିବାକୁ ସକ୍ଷମ ହେବ ଏହି ଅନଲାଇନ ସିଷ୍ଟମ ଉପରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରଥମ ରାଜ୍ୟ ଭାବରେ ଓଡିଶା ଏକ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଆଇଟି / ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ ପାଇଁ ପ୍ରୋତ୍ସାହନ ପରିଚାଳନା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛି ସେ ଆହୁରି ମଧ୍ୟ କହିଛନ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ବିଭିନ୍ନ ନୀତି ଅନୁଯାୟୀ କମ୍ପାନୀଗୁଡିକ ପାଇଁ ପ୍ରୋତ୍ସାହନ ପାଇବା ଏହି ସିଷ୍ଟମକୁ ସହଜ କରିବ ଏହି ପଦକ୍ଷେପ କେବଳ ଟେକ୍ନୋଲୋଜି ନୁହେଁ, ଶାସନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ସମସ୍ତଙ୍କ ପାଇଁ ଉପଭୋକ୍ତା ଅନୁକୂଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତନଶୀଳ ୫ଟି ପଦକ୍ଷେପ ସହିତ ଅନୁରୂପ ଥିବା ଷ୍ଟାଣ୍ଡାର୍ଡ ୱେବସାଇଟ ଫ୍ରେମୱାର୍କ ଅଧୀନରେ ବିକଶିତ ହୋଇଥିବା ନୂତନ ଜିଲ୍ଲା ୱେବସାଇଟକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି ଏହି ଅବସରରେ ୫ଟି ଏବଂ ଆମ ଓଡିଶା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ୫ଟି ପଦକ୍ଷେପ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଉଲ୍ଲେଖନୀୟ ପ୍ରଭାବ ପକାଇଅଛି ମହାମାରୀ ସମୟରେ ସମସ୍ତ ଜିଲ୍ଲା ପ୍ରଶାସନ ମାନଙ୍କ ଭୂମିକାକୁ ପ୍ରଶଂସା କରି ସେ କହିଛନ୍ତି ଯେ ୫ଟି ର ନୀତି ଆମକୁ ଏହି ଅନିଶ୍ଚିତତା ସମୟରୁ ସଫଳ ହେବାରେ ସଫଳ ହୋଇଛି

କେନ୍ଦୁଝର ଜିଲ୍ଲାର ନୂତନ ୱେବସାଇଟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

କେନ୍ଦୁଝର, ନ୍ୟୁଜ୍

ଓଡ଼ିଶାରେ ଇ-ଶାସନର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର ଦ୍ୱାରା ବିକଶିତ ଅନ୍‌ଲାଇନ୍ ଇନସେଣ୍ଟିଭ ମ୍ୟାନେଜମେଣ୍ଟ ସିଷ୍ଟମକୁ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ଲାଗି ଉଦ୍‌ଘାଟନ କରିଛନ୍ତି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ୱେବସାଇଟ ଲୋକାର୍ପଣ ସମୟରେ କେନ୍ଦୁଝର ଓସ୍ୱାନ କକ୍ଷରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ (ଭା.ପ୍ର.ସେ), ଡି.ଆଇ.ଓ ଶ୍ରୀ ଅଜୟ ମହାପାତ୍ର ଓ ଡି.ଇ.ଜିଏମ ଶ୍ରୀମତୀ ଭ୍ୟାଲେଣ୍ଟିନା ପୋଥାଲ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଯେ ଏହି ଅନଲାଇନ ପ୍ରୋତ୍ସାହନ ପରିଚାଳନା ସିଷ୍ଟମ ପୋର୍ଟାଲ ଉଦ୍ୟୋଗୀମାନଙ୍କ ଦ୍ୱାରା ଆବେଦନ ଦାଖଲ କରିବା ସହଜ କରିଥାଏ, ଯାହା ସେମାନଙ୍କ ପ୍ରୋତ୍ସାହନକୁ ଓଡିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ



ଫେବଲ୍ସ ନୀତି ଅନୁଯାୟୀ ଅନୁମୋଦନ କରିବାକୁ ଅନୁମତି ଦେଇଥାଏ । ଅନଲାଇନ ଇନସେଣ୍ଟିଭ ମ୍ୟାନେଜମେଣ୍ଟ ସିଷ୍ଟମ ଶାରୀରିକ ପ୍ରୟୋଗ ଦାଖଲ ଉପରେ ଏକାଧିକ ସୁବିଧା ପ୍ରଦାନ କରିବ, ଯେପରିକି ପ୍ରୟୋଗର ସହଜ ଦାଖଲ ଏବଂ ଡକ୍ୟୁମେଣ୍ଟ ଅପଲୋଡ୍, ଏକକ ୱିଣ୍ଡୋ ପୋର୍ଟାଲ ସୁବିଧା, ପ୍ରୟୋଗଗୁଡ଼ିକ ପାଇଁ ତ୍ରୁଟି-ଯାଞ୍ଚ ଏବଂ ବାର୍ତ୍ତା ଆଲର୍ଟ । ଏହା ମଧ୍ୟ କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସୁରକ୍ଷା ପ୍ରକ୍ରିୟା ନିଶ୍ଚିତ କରିପାରିବ । ଏହି ଅନଲାଇନ ପୋର୍ଟାଲ ସାହାଯ୍ୟରେ, ଏକ କମ୍ପାନୀ ସପ୍ତାହରେ ଯେକୌଣସି ଦିନ୨୪ ଘଣ୍ଟା ଏହାର ଆବେଦନ ଦାଖଲ କରିବାକୁ ସକ୍ଷମ ହେବ । ଅନଲାଇନ ପୋର୍ଟାଲ ଆବେଦନ ସ୍ଥିତିର ଟ୍ରାକିଂକୁ ସହଜ କରିଥାଏ ଏବଂ ଆବେଦନକାରୀଙ୍କୁ ଇମେଲ / ଏସଏମଏସ ସହିତ ଆବେଦନ ଦାଖଲ କରିବା ସହିତ ବିଭିନ୍ନ ସ୍ତରର ପ୍ରକ୍ରିୟାକରଣ ବିଷୟରେ ସୂଚିତ କରେ । ଏହି ଅନଲାଇନ ସିଷ୍ଟମ ଉପରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶରେ ପ୍ରଥମ ଥର ଏକ ରାଜ୍ୟ ଭାବେ ଓଡ଼ିଶା ଏକ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଆଇଟି / ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ ପାଇଁ ପ୍ରୋତ୍ସାହନ ପରିଚାଳନା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ବିଭିନ୍ନ ନୀତି ଅନୁଯାୟୀ କମ୍ପାନୀଗୁଡିକ ପାଇଁ ପ୍ରୋତ୍ସାହନ ପାଇବା ଏହି ବ୍ୟବସ୍ଥାକୁ ସହଜ କରିବ । ଏହି ପଦକ୍ଷେପ କେବଳ ବୈଷୟିକ ସ୍ତରରେ ନୁହେଁ, ବରଂ ଶାସନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ସମସ୍ତଙ୍କ ପାଇଁ ଉପଭୋକ୍ତା ଅନୁକୂଳ କରିବା ପାଇଁ ଏହି ଅବସରରେ ୫-ଟି ଏବଂ ନବିନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି । ଏହି ପଦକ୍ଷେପଗୁଡିକ ଅଧିକ ସ୍ୱଚ୍ଛତା ଏବଂ ଦକ୍ଷତା ଉପରେ ଆମର ସଂକଳ୍ପକୁ ସୁଦୃଢ କରିବାକୁ ଯାଉଛି ଏବଂ ୫-ଟି ଶାସନର ପ୍ରକୃତ ଆଦର୍ଶ ଭାବରେ କାର୍ଯ୍ୟ କରି ଦେଶରେ ଏକ ନୂତନ ମାନଦଣ୍ଡ ସୃଷ୍ଟି କରିଛି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସିଆଇପିଆର-୨୦୨୪ ଉଦ୍‌ଘାଟିତ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'କମ୍ପ୍ୟୁଟେସନାଲ୍ ଇଣ୍ଟେଲିଜେନ୍‌ସ ଇନ୍ ପ୍ୟାଟର୍ଣ୍ଣ ରିକୋଗ୍‌ନିସନ୍' ଶୀର୍ଷକ ଏକ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ସି.ଆଇ.ପି.ଆର୍ ୨୦୨୪ ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଆମେରିକାର ସାଉଥ ଡାକୋଟା ବିଶ୍ୱବିଦ୍ୟାଳୟର ପ୍ରଫେସର କେ.ସି.ସନ୍ତୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଇ.ଏସ୍.ଆଇ. ବେଙ୍ଗାଲୁରୁର ସହଯୋଗୀ ପ୍ରଫେସର ଡ. ସରୋଜ କୁମାର ମେହେର ସମ୍ମାନିତ ଅତିଥି ଭାବେ ଏବଂ ଆଇ.ଆଇ.ଇ.ଏସ୍.ଟି.

ଶିବପୁରର ପ୍ରଫେସର ଡ. ଅସିତ କୁମାର ଦାସ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ବିଶ୍ୱବିଦ୍ୟାଳୟ ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମର ସଂଯୋଜିକା ପ୍ରଫେସର ଏମ. ହିମବିନ୍ଦୁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଫେସର ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଜୀବନର ପ୍ରତ୍ୟେକ ମୂହୁର୍ତ୍ତରେ କିପରି କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦେଖିବାକୁ ମିଳୁଛି ସେ ବିଷୟରେ ଆଲୋକପାତ କରିବା ସହ ବିଶ୍ୱବିଦ୍ୟାଳୟ ଏଭଳି ଏକ ଉଚ୍ଚକୋଟୀର ଆନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରିପାରିଥିବାରୁ ସେ ଆୟୋଜକମାନଙ୍କୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟ ଅତିଥି ପ୍ରଫେସର କେ.ସି.ସନ୍ତୋଷ ଏଭଳି ଏକ ସମ୍ମିଳନୀଗୁଡ଼ିକ ପରସ୍ପର ଭିତରେ ଜ୍ଞାନ ଆଦାନ ପ୍ରଦାନରେ ସହାୟକ ହୋଇଥାଏ ବୋଲି କହିବା ସହ ଆମର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଲୁଚିରହିଥିବା ପ୍ୟାଟର୍ଣ୍ଣ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମର ଆବାହକ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଜୟ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶାନ୍ତିସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ । କୁଳସଚିବ ଶ୍ରୀ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶ୍ରୀ ଶୁକଦେବ ତରେଇ ବିଶେଷ ଭାବରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହ-ଆବାହିକା ତଥା କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶର୍ମିଳା ସୁବୁଦ୍ଧି ଓ ବିଭାଗୀୟ ସହକାରୀ ପ୍ରଫେସର ଡ. ପାର୍ଥସାରଥୀ ମିଶ୍ର, ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟପିକା ଏବଂ କମ୍ପ୍ୟୁଟର ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗ ବିଭାଗର ଛାତ୍ରଛାତ୍ରୀଗଣ ସହଯୋଗ କରିଥିଲେ ।

ଜାତୀୟ ସବୁଜ ବାହିନୀର ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ

ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଯାଜପୁରସ୍ଥ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟ କାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ, ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଶିକ୍ଷା କେନ୍ଦ୍ର ସହାୟତାରେ ୫୦ ଟି ପରିବେଶ ପ୍ରକଳ୍ପ ପ୍ରଦର୍ଶନି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି କିପରି ନିଜର ପରିବେଶ ଅନୁକୂଳ ଜୀବନ ଶୈଳୀ ଦ୍ୱାରା ପରିବେଶ ଆଗାମୀ ପିଢ଼ି ପାଇଁ ସଂରକ୍ଷଣ ହୋଇ ପାରିବ ତାହା ବର୍ଣ୍ଣନା କରିଥିଲେ । ଆବାହକ ଡଃ ଶରତ କୁମାର ସାହୁ ଇକୋ କ୍ଲବ୍ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଶ ପ୍ରକଳ୍ପ ପ୍ରଦର୍ଶନୀର କାରଣ ଓ ଉଦେଶ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ଜଙ୍ଗଲ ଓ ପରିବେଶ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ ମୋହନ ଦାସ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ନିଜର ଜୀବନ ଶୈଳୀ ପରିବର୍ତ୍ତନ ଦ୍ୱାରା ପରିବେଷର ସୁରକ୍ଷା ହୋଇ ପାରିବ ବୋଲି କହିଥିଲେ । ସରକାର ଏହା ଉପରେ ପରିବେଶ ସୁରକ୍ଷା ପାଇଁ ଗୁରୁତ୍ୱ ଦେଉଛନ୍ତି । ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦ୍ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଡଃ ନୃସିଂହ ଚରଣ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବି. ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ରୀ ସ୍ୱାଗତ ସଂଗୀତ ରୂପକ ନୃତ୍ୟ ପରିବେଷଣ କରିଥିଲେ । ନରସିଂହ ଚୌଧୁରୀ ସ୍ୱୟଂମ ଶାସିତ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ସହକାରୀ ପ୍ରଫେସର ଡଃ ବିକ୍ରମ କୁମାର ମଲିକ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ପ୍ରାଧ୍ୟାପିକା ଡଃ ଅଞ୍ଜଳି ଦାସ ଓ ଏସ. ଏସ. ଜେ. ଏମ ମହାବିଦ୍ୟାଳୟ, ରାଜକନିକାର ଉଭିଦ ବିଜ୍ଞାନ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ବିଚାରକ ମଣ୍ଡଳୀରେ ଯୋଗ ଦେଇଥିଲେ । ଉଦ୍ଘାଟନୀ ସଭାରେ ପରିବେଶ ସମିତିର ଯୁଗ୍ମ ସମ୍ପାଦକ ସହଯୋଗୀ ଆବାହକ ରୂପେ ଯୋଗ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ପ୍ରତିଯୋଗୀ ଓ ସେମାନଙ୍କ ତତ୍ତ୍ୱାବଧାରକ ମାନଙ୍କୁ ପ୍ରକଳ୍ପ ଯୋଗଦାନ ପ୍ରମାଣ ପତ୍ର ପ୍ରଦାନ ସହିତ ପ୍ରକଳ୍ପ ତିଆରି ମୂଲ୍ୟ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ରାଶି ଯଥାକ୍ରମେ ପାଞ୍ଚ ହଜାର, ତିନି ହଜାର ଓ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସାହାଯ୍ୟ କରିଥିଲେ । ପ୍ରଦର୍ଶନୀର ପ୍ରକଳ୍ପ ଗୁଡିକ ଏକକ ବ୍ୟବହାର ପଲିଥିନ, ଜଳ ସଂରକ୍ଷ, ଶକ୍ତି ସଂରକ୍ଷ, ସ୍ୱାସ୍ଥ୍ୟବାନ ଜୀବନ ଶୈଳୀ, ଇ-ଆବର୍ଜନା, ପାକ ଶଳା ଉଦ୍ୟାନ ଉତ୍ପାଦନ, ମାଣ୍ଡିଆ ଖାଦ୍ୟ ଇତ୍ୟାଦି ସମ୍ବନ୍ଧୀୟ ଥିଲା ମୁଖ୍ୟ ପ୍ରଶିକ୍ଷକ । ବିଷ୍ଣୁ ଚରଣ ସାହୁ ଓ ମହେଶ୍ୱର ଜେନା ସାମନ୍ତ ପ୍ରଦର୍ଶନୀ ପରିଚାଳନାରେ ସାହାଯ୍ୟ କରିଥିଲେ ।

ଆଦିବାସୀଙ୍କ ପ୍ରିୟ ଖାଦ୍ୟ କାଇ ଚଟଣି

କେନ୍ଦୁଝର, ନ୍ୟୁଜ୍

ଜଙ୍ଗଲର ବିଭିନ୍ନ ଗଛ ଡ଼ାଳରେ ବସା ବାନ୍ଧିଥିବା କାଇ ବା ନାଲିପିମ୍ପୁଡିକୁ ସଂଗ୍ରହ କରି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ସେମାନଙ୍କର ଅତି ପ୍ରିୟ ଖାଦ୍ୟ କାଇ ଚଟଣି ପ୍ରସ୍ତୁତ କରୁଥିବାର ଦେଖାଯାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ଏହି ଋତୁରେ ହାଟ ବଜାର ମାନଙ୍କରେ ଏକ ପ୍ରକାର ନାଲିପିମ୍ପୁଡି ଭଳି ଦେଖାଯାଉଥିବା କାଇକୁ ଗଛ ଡାଳରୁ ଆଦିବାସୀ ମାନେ ସଂଗ୍ରହ କରି ପତ୍ର ବା ଠୁଲାରେ ଭାଗ ଭାଗ କରି ହାଟ ବଜାର ମାନଙ୍କରେ ବିକ୍ରି କରିଥାନ୍ତି, ଆଦିବାସୀ ଓ ଅନ୍ୟ ବର୍ଗର ଲୋକମାନେ ମଧ୍ୟ ଏହି ଔଷଧୀୟ କାଇକୁ କ୍ରୟ କରି କାଇରେ ଅଦା, ରସୁଣ, ଲଙ୍କା, ଜିରା ଓ ଲୁଣ ଦେଇ ଏକପ୍ରକାର ଚଟୁଣୀ ପ୍ରସ୍ତୁତି କରି ଖାଇଥାନ୍ତି । ଏହି ଚଟଣି ଖାଇଲେ ଥଣ୍ଡା ଜର, କାସ, ଶ୍ୱାସ ଭଳି କେତେକ ରୋଗ ମଧ୍ୟ ଉପସମ ହୋଇଥାଏ ବୋଲି ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଠାରୁ ପ୍ରକାଶ ।



ଭୁବନେଶ୍ୱର ପ୍ରାଚୀନ ଐତିହ୍ୟ ପ୍ରତି ଅବହେଳା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପ୍ରାଚୀନ ଯୁଗରୁ ଭୁବନେଶ୍ୱରରେ ଥିବା ଐତିହ୍ୟମାନଙ୍କ ପ୍ରତି କ୍ରମାଗତ ଅବହେଳା ପ୍ରଦର୍ଶନ କରାଯାଉଥିବାର ଅଭିଯୋଗମାନ କ୍ରମଶଃ ଦୃଷ୍ଟିକୁ ଆସିଯାଉଛି। ଏହିସବୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭୁବନେଶ୍ୱରରେ ଇଂରେଜ ଶାସନ ସହିତ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ସହୀଦ ବୀର ପଦ୍ମନାଭ ଛୋଟରାୟଙ୍କର ବିଗ୍ରହ ଆଜି ପର୍ଯ୍ୟନ୍ତ କୌଣସିଠାରେ ସ୍ଥାପିତ ହୋଇପାରିଲା ନାହିଁ। ହୁଏତ ସେହିଭଳି ଜଣେ ମହାପୁରୁଷ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନାମରେ ସେହି ଗ୍ରାମରେ ରହିଛି ବିଶାଳ ଶିକ୍ଷାନୁଷ୍ଠାନ ଯାହାକି ପଦ୍ମନାଭଙ୍କ ସ୍ମାରକୀ ପ୍ରତି ଭ୍ରୁକୁଞ୍ଚନ କରୁଛି। ଭୁବନେଶ୍ୱରରେ ଯେଉଁମାନଙ୍କର ସ୍ୱାଧୀନତା ସଂଗ୍ରାମ ପ୍ରତି ସର୍ବଦା ସହଯୋଗ ରହୁଆସୁଥିଲା ସେମାନଙ୍କ ମଧ୍ୟରେ ପଦ୍ମନାଭ ଛୋଟରାୟ ଥିଲେ ଅଗ୍ରଗଣ୍ୟ। ସେ ଥିଲେ ବରଗଡ଼ର କିଲାଦାର। ତାଙ୍କ ଗ୍ରାମରେ ସେ ରହୁଥିବା ସେତେବେଳର ରାଜଉଆସର ଭିତ୍ତିଭୂମି ଉପରେ ବର୍ତ୍ତମାନ ଗଢ଼ିଉଠିଛି ରାଜ୍ୟ ସଂଗ୍ରହାଳୟର ବିଶାଳ ସୌଧ। ସେହିଭଳି ଶ୍ରୀଜୟଦେବଙ୍କ ନାମରେ ରାଜ୍ୟ ସଂଗ୍ରହାଳୟର ନାମକୁ ବଦଳା ଯାଇଥିଲା। ସେତେବେଳ ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ ସ୍ୱର୍ଗତ ଶରତ କୁମାର କରଙ୍କ ଅଧକ୍ଷତାରେ ଏପରି ନାମରେ ନାମିତ ହୋଇଥିଲେ ମଧ୍ୟ ତାହା ପରବର୍ତ୍ତୀ କାଳରେ କେତେକ ବାହାରୁ ଆସିଥିବା ଅସହିଷ୍ଣୁ ବ୍ୟକ୍ତିଙ୍କ ଦ୍ୱାରା ରହିପାରିଲା ନାହିଁ। ରାଜ୍ୟ ସଂଗ୍ରହାଳୟ ସମ୍ମୁଖରେ ଥିବା ଲେଡ଼ି ଲୁଇସ୍ ଛକର ନାମ ପରିବର୍ତ୍ତନ ସହ ତାହାକୁ ସଂଲଗ୍ନ କରୁଥିବା ରାସ୍ତାର ନାମ ଶ୍ରୀଜୟଦେବଙ୍କ ନାମରେ ୧୯୬୯ ମସିହାରେ ନାମିତ ହୋଇଥିଲେ ମଧ୍ୟ ସେପରି ଫଳକକୁ ଭାଙ୍ଗି ଦିଆଯାଇଛି। ଭୁବନେଶ୍ୱରକୁ ଆସି ଅବସ୍ଥାପିତ ହେବାପରେ କେତେଜଣ ଚାକିରିଆ ବା ବ୍ୟବସାୟମାନଙ୍କ ଏପରି କାର୍ଯ୍ୟ କରିଥାଇପାରନ୍ତି। ଭୁବନେଶ୍ୱର ସହର ପ୍ରତିଷ୍ଠାର ଅନ୍ୟତମ ମୁଖ୍ୟ ଥିଲେ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି। ମାତ୍ର ତାଙ୍କ ବିଗ୍ରହ ମଧ୍ୟ ଏଠାରେ ସ୍ଥାପିତ ହୋଇପାରିନାହିଁ। ଯେଉଁଠାରେ ଭୁବନେଶ୍ୱର ରାଜଧାନୀ ହେବାର ପ୍ରଥମ ବୈଠକ ହୋଇଥିଲା ବଡ଼ଗଡ଼ର ପତିତପାବନ ମନ୍ଦିର ସେହିପରି ଅଛି। ହୁଏତ ଭୁବନେଶ୍ୱର ବହୁ ପରିବର୍ତ୍ତନ ଅନ୍ୟତ୍ର ହୋଇଚାଲିଛି। ବାହାରୁ ଆସିଥିବା କେତେଜଣ ବ୍ୟକ୍ତିବିଶେଷ ପ୍ରତିବର୍ଷ ଭୁବନେଶ୍ୱର ସହର ପ୍ରତିଷ୍ଠା ଉତ୍ସବ ପାଳନ କରିଆସୁଛନ୍ତି। ହୁଏତ ଭୁବନେଶ୍ୱର ସମ୍ପର୍କରେ ତାଙ୍କର କୌଣସି ଜ୍ଞାନ ନାହିଁ। ପୁରୁଣା ଭୁବନେଶ୍ୱର କପିଳେଶ୍ୱର ଅଞ୍ଚଳରେ ଭଗବାନ ଗୌତମବୁଦ୍ଧ ସମ୍ପର୍କରେ ବହୁ ତଥ୍ୟ ଲୋକଲୋଚନକୁ ଆସିଲେ ମଧ୍ୟ ତାହାର ସଂରକ୍ଷଣ ପ୍ରତି କୌଣସି ଦୃଷ୍ଟି ଦିଆଯାଉନାହିଁ। କେବଳ ଆଖିଦୃଶିଆ ଭାବରେ ଲିଙ୍ଗରାଜ ମନ୍ଦିରର ଚାରିପାଖକୁ ଏକ ପରିକ୍ରମା ପ୍ରକଳ୍ପ କରିଦେଲେ ଯେ ଏଭଳି ପ୍ରାଚୀନ ସହରର ତାହାର ସମସ୍ତ ହୃତ ଗୌରବ ଫେରିପାଇବ ତାହା ଆଦୌ ନୁହେଁ। ପୁଣି ବିନ୍ଦୁସାଗରର ପାଣିର ପରିବର୍ତ୍ତନ କରିବା ନିମନ୍ତେ ଗତ ୫୦ବର୍ଷ ଧରି ସରକାରୀ ସ୍ତରରେ କାର୍ଯ୍ୟ ଚାଲିଆସିଛି ମଧ୍ୟ ତାହା ସଫଳ ହୋଇନାହିଁ। ଭୁବନେଶ୍ୱର ପ୍ରାଚୀନ କାଳର ବହୁ କୀର୍ତ୍ତିରାଜି ନଷ୍ଟ ହୋଇଗଲାଣି ତାହାର ସୁରକ୍ଷା ନିମନ୍ତେ କୌଣସି ଦୃଷ୍ଟି ଦିଆଯାଇ ନାହିଁ। କପିଳେଶ୍ୱର ଗ୍ରାମରେ ପୂଜିତ କାଳିଆଗୁଣି ଠାକୁରାଣୀଙ୍କୁ ବିଶ୍ୱ ଐତିହ୍ୟ ତାଲିକାରେ ରଖିବା ବହୁ ବିଦେଶୀ ଐତିହାସିକ ମତ ଦେଇଥିଲେ ମଧ୍ୟ ରାଜ୍ୟ ସଂସ୍କୃତି ବିଭାଗର କେତେକ ଅଫିସର ଏଥିପ୍ରତି ଆଦୌ ଦୃଷ୍ଟି ନେଉନାହାନ୍ତି। ଭୁବନେଶ୍ୱର ଭଳି ପ୍ରାକ୍ ଐତିହାସିକ ତଥ୍ୟମାନର ସହର ଆଜି ପୃଥିବୀରେ ଦେଖିବାକୁ ବିରଳ। ବରିଷ୍ଠ ଐତିହାସିକମାନେ ଏପରି ମତ ଦେଉଥିବାବେଳେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସେଥିପ୍ରତି ଆଦୌ ତତ୍ପର ନୁହନ୍ତି ବୋଲି ବରିଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କ୍ଷୋଭ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର : ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପରିସରରେ ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ପର୍ସୋନେଲ୍ ମ୍ୟାନେଜ୍ମେଣ୍ଟ (ଏନ୍ଆଇପିଏମ୍) ଉତ୍କଳ ଚାପ୍ଟରର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍ଆଇପିଏମ୍ ଉତ୍କଳ ଚାପ୍ଟରର ଅଧକ୍ଷ ଡ.ସୁଭେନ୍ଦୁ ଦାଶ, ବାଲେଶ୍ୱର ଆଲଏଜର ସିଏଚ୍ଆରଓ ଡ.ସ୍ୱରୂପ ମହାନ୍ତି, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ.ସନ୍ତୋଷ କୁମାର ତ୍ରିପାଠୀ, ବେଦାନ୍ତ ଲିମିଟେଡର ସଭାପତି ତଥା ନାଲ୍କୋର ପୂର୍ବତନ ସିଏମ୍ଡି ଡ. ତପନ କୁମାର ଚାନ୍ଦ ପ୍ରମୁଖ 'ପର୍ସୋନେଲ ଫୋକସ' କୁ ଉନ୍ମୋଚନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

କନ୍ଧମାଳ ସଂସଦୀୟ କ୍ଷେତ୍ରର ୧୦ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ୨୦ଟି ବ୍ଲକର ୧୦ ହଜାର ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ସଂସଦୀୟ କ୍ଷେତ୍ରର ୨୦ଟି ବ୍ଲକରେ ବିଡ଼ିଓମାନଙ୍କ ଜରିଆରେ ନିଯୁକ୍ତି ପାଇଁ ମନୋନୀତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଉଥିବା ବେଳେ କେତେକ ସ୍ଥାନରେ ଡ. ସାମନ୍ତ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନିଜ ପରିବାରର ଖୁସି ଏବଂ ନିଜର କାରିୟର ଆଗକୁ ବଢ଼ାଇବା ପାଇଁ ଯୁବକଯୁବତୀମାନେ ଯିଏ ଯେଉଁ କମ୍ପାନୀରେ ନିଯୁକ୍ତି ପାଇଛନ୍ତି ସେଠାରେ ଯୋଗଦେବା ନିମନ୍ତେ ଡ. ସାମନ୍ତ ସମସ୍ତ ପ୍ରାର୍ଥୀଙ୍କୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ, ଡ. ସାମନ୍ତଙ୍କ ପ୍ରୟାସରେ କିଟ୍ ବିଶ୍ୱବିଦ୍ୟାଳୟର ସହାୟତା ଏବଂ

କନ୍ଧମାଳ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଜାନୁଆରୀ ୨୧ତାରିଖରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ଯୁବକ ଯୁବତୀଙ୍କ ନିମନ୍ତେ ଫୁଲବାଣୀଠାରେ ଏକ ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା । ଏହି ମେଳାରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ୨୦ଟି ବ୍ଲକରୁ ୨୦ ହଜାର ବେକାର ଯୁବକଯୁବତୀ ଯୋଗ ଦେଇଥିବା ବେଳେ ଓଡ଼ିଶା ତଥା ଭାରତର ୧୧୦ଟି କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ଖୁସିର କଥା ଏହି ନିଯୁକ୍ତିମେଳାରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ ୧୦ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଏଥିରୁ ଓଡ଼ିଶାର କମ୍ପାନୀ ଗୁଡ଼ିକ ୩୫୦୦ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୩୫୦୦ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କ ମାସିକ ବେତନ ୧୨ହଜାର ଟଙ୍କାରୁ ୩୫ହଜାର ଟଙ୍କା ରହିଛି । ଫୁଲବାଣୀ ଭଳି ଓଡ଼ିଶାର ଏକ ଛୋଟିଆ ସହରରେ ଏଭଳି ଏକ ମେଗା ନିଯୁକ୍ତି ମେଳା ଆୟୋଜନ କରିବା, ଏଥିରେ ଏତେ ସଂଖ୍ୟକ କମ୍ପାନୀ ଯୋଗଦେବା ଏବଂ ଗୋଟିଏ ଦିନରେ ଏତେ ସଂଖ୍ୟକ ଯୁବକଯୁବତୀ ନିଯୁକ୍ତି ପାଇବା ଭାରତରେ ପ୍ରଥମ ବୋଲି କୁହାଯାଉଛି । ଏହି ମେଗା ନିଯୁକ୍ତି ମେଳାକୁ ଏତେ ସଂଖ୍ୟକ କମ୍ପାନୀ ଆଣିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ସାମନ୍ତ ୬ମାସ କାଳ ପରିଶ୍ରମ କରିଥିଲେ । ଓଡ଼ିଶାର ଯୁବକଯୁବତୀମାନେ ଶିକ୍ଷିତ ଓ ରୋଜଗାରକ୍ଷମ ହୋଇ ସଶକ୍ତ ହେବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯେଉଁ ଲକ୍ଷ୍ୟ ରହିଛି ସେଥିରେ ଅନୁପ୍ରାଣିତ ହୋଇ ଡ.ସାମନ୍ତ କନ୍ଧମାଳ ଜିଲ୍ଲାର ଅଧିକରୁ ଅଧିକ ଯୁବକଯୁବତୀ କିପରି ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି । ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା କ୍ଷେତ୍ରରେ ଏହା ତାଙ୍କର ଏକ ପ୍ରୟାସ ବୋଲି ଡ. ସାମନ୍ତ କହିଛନ୍ତି ।

ଜିନ୍ଦଲ ଷ୍ଟେନଲେସ ପରିସରରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ

ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ଯାଜପୁର ପକ୍ଷରୁ କଳିଙ୍ଗନଗରସ୍ଥିତ କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନ ଉତ୍ସବ ଗତ ୧୪/୦୩/୨୦୨୪ ତାରିଖରେ ପାଳନ କରାଯାଇଥିଲା । ଏହି ଅବସରରେ କାରଖାନା ଓ ବାଷ୍ପିତ ବିଭାଗର ଯାଜପୁର ରୋଡ଼ ଡିଭିଜନର ଡେପୁଟି ଡ଼ାଇରେକ୍ଟର, ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସୁତାର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାରଖାନାରେ ଅନୁଷ୍ଠିତ ସୁରକ୍ଷା ସପ୍ତାହର ଉଦଯାପନ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ପରେ ପରେ କାରଖାନାର ଶ୍ରମିକ ଓ କର୍ମଚାରୀମାନେ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ । ଏହି ନାଟକ ମାଧ୍ୟମରେ କାରଖାନାକୁ କିପରି ଦୁର୍ଘଟଣା ଶୂନ୍ୟ କରାଯିବ ଓ ସୁରକ୍ଷା ପ୍ରତି ପ୍ରତ୍ୟେକ ମୂହୁର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁତାର ନିଜ ଉଦ୍‌ବୋଧନରେ ସୁରକ୍ଷା ନିୟମକୁ ଠିକ ଢଙ୍ଗରେ କଡାକଡି ଭାବରେ ପାଳନ କରିବା ପାଇଁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ଉପଦେଶ ଦେଇଥିଲେ । ଜିନ୍ଦଲ କାରଖାନା ମୁଖ୍ୟ ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲ, ବ୍ୟବସାୟିକ ମୁଖ୍ୟ ଶ୍ରୀଯୁକ୍ତ ଏ କେ ସିଂ, ମାନବ ସମ୍ବଳ ମୁଖ୍ୟ ଶ୍ରୀଯୁକ୍ତ ରାକେଶ ପାଠକ ଓ ଅଗ୍ନି ଓ ନିରାପତ୍ତା ମୁଖ୍ୟ ଶ୍ରୀଯୁକ୍ତ ମନୋଜ ବଳ ପ୍ରମୁଖ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ସଡ଼କସୁରକ୍ଷା ସହ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ଘଟଣା ପ୍ରାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ବାର୍ତ୍ତା ଦେଇଥିଲେ । ସପ୍ତାହ ବ୍ୟାପି ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର. ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ ପ୍ରତିଯୋଗିତା ସହ ସୁରକ୍ଷା ରାଲି (ଝବଲରଙ୍ଗଛ ଜବକ୍ଷକ୍ଷଛ) ଭଳି ବିଭିନ୍ନ

କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି, କାରଖାନା ମୁଖ୍ୟ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଗତ ୩ ବର୍ଷ ଧରି ଶୂନ୍ୟ ଦୁର୍ଘଟଣା ସହ ଉତ୍ତମ ସୁରକ୍ଷା ମାନଦଣ୍ଡ ପାଳନ କରି ଆସୁଥିବାରୁ ଗତ ବର୍ଷ ପାଇଁ ଜିନ୍ଦଲ ଯାଜପୁରକୁ ଅନ୍ତର୍ଜାତୀୟ ବ୍ରିଟିଶ ସୁରକ୍ଷା କାଉନ୍ସିଲ ଆୱାର୍ଡ, ଗ୍ରୀନଟେକ ଫାଉଣ୍ଡେସନ ଆୱାର୍ଡ , ଇଣ୍ଡିଆନ ଚ୍ୟାମ୍ବର ଅଫ କମର୍ସ (ଓଉଉ) ଆୱାର୍ଡ , ଦଶମ ରଓଉଉଓ ଆୱାର୍ଡ, କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ଉଓଓ) ଆୱାର୍ଡ ସହ ରାଜ୍ୟର ସର୍ବଶ୍ରେଷ୍ଠ କଳିଙ୍ଗ ସୁରକ୍ଷା ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ଅଗ୍ନି ଓ ନିରାପତ୍ତା ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥିବୃନ୍ଦ ଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୭ ପର୍ଯ୍ୟାୟରେ...

କରାଯିବ। ନିର୍ବାଚନରେ ବାହୁବଳ, ଅର୍ଥବଳର ବ୍ୟବହାର ଓ ବିଭ୍ରାନ୍ତିକର ସୂଚନା ପ୍ରସାରରୁ ନିବୃତ୍ତ ରହିବାକୁ ରାଜନୈତିକ ଦଳଗୁଡ଼ିକୁ ଚେତାବନୀ ଦେଇଛନ୍ତି କମିଶନ । ଏହାଛଡ଼ା ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନ କହିଛନ୍ତି।

ଓଡ଼ିଶାରେ ୪ ...

ଲୋକସଭା ଆସନ ଏବଂ ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟ ହେବ। ପଞ୍ଚମ ପର୍ଯ୍ୟାୟରେ ଆସ୍କା, କନ୍ଧମାଳ, ବଲାଙ୍ଗୀର, ବରଗଡ ଓ ସୁନ୍ଦରଗଡ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ପାଇଁ, ଷଷ୍ଠ ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର, ଢେଙ୍କାନାଳ ଲୋକସଭା ଆସନ ସହ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ଏବଂ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ଯାଜପୁର ଲୋକସଭା ଆସନ ସହ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

ନିର୍ବାଚନ ପ୍ରସ୍ତୁତି ...

ପାଇଁ ପ୍ରାୟ ୨.୭୦ ଲକ୍ଷ ମତଦାନ କର୍ମଚାରୀ (୨୦ ପ୍ରତିଶତ ରିଜର୍ଭ ସମେତ)ଙ୍କୁ ତାଲିମ ଦିଆଯାଇଛି। ପ୍ରତ୍ୟେକ ମତଦାନ କେନ୍ଦ୍ର ଜଣେ ପ୍ରିଜାଇଡିଂ ଅଫିସର ଏବଂ ୫ଜଣ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ହେବ। ମତଦାତାମାନେ ମତଦାନ କେନ୍ଦ୍ରରେ ଭୋଟର ପରିଚୟ ପତ୍ର ଦେଖାଇବେ କିମ୍ବା ଏହା ବଦଳରେ ଆଧାରକାର୍ଡ, ପାନକାର୍ଡ, ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ମନରେଗା କାର୍ଡ ଇତ୍ୟାଦିରୁ ଗୋଟିଏ ଦେଖାଇପାରିବେ । ସେ କହିଥିଲେ ଯେ, ନିର୍ବାଚନକୁ ମୁକ୍ତ ଅବାଧ ନିରପେକ୍ଷ ଓ ହିଂସାମୁକ୍ତ କରିବା ଲାଗି ଗୁରୁତ୍ୱ ଦିଆଯାଉଥିବାରୁ ୬୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। କୌଣସିଠାରେ ଅପ୍ରିତିକର ପରିସ୍ଥିତି ଯେପରି ସୃଷ୍ଟି ନହୁଏ ସେଥିପାଇଁ ମତଦାନ କେନ୍ଦ୍ର ଭିତର ଓ ବାହାରର ଭିଡିଓ ରେକର୍ଡିଂ ସହ ତୁରନ୍ତ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କୁହାଯାଇଛି। ୨୦ଟି ଏନ୍‌ଫୋର୍ସମେଣ୍ଟ ଏଜେନ୍ସି (ଆଇଟି, ଇଡି, ପୋଲିସ୍ ଫୋର୍ସ ସମେତ)ଙ୍କୁ ସମସ୍ତ ଦିଗ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଲୋକସଭା ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ୯୫ ଲକ୍ଷ ଟଙ୍କା ଏବଂ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ଖର୍ଚ୍ଚ ୪୦ ଲକ୍ଷ ଟଙ୍କାର ଯେଉଁ ସୀମା ନିର୍ଦ୍ଧାରଣ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଛି ତାହା ଉପରେ କଡା ନଜର ରଖିବା ପାଇଁ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। କୌଣସି ଠାରେ ଏହାର ଖିଲାପ ହେଲେ ତୁରନ୍ତ ଏହା ଉପରେ ଯାଞ୍ଚ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସହିତ ନିର୍ବାଚନ ସହ ସଂପୃକ୍ତ ସମସ୍ତ ସରକାରୀ କର୍ମଚାରୀ (ମୁଖ୍ୟ ସଚିବ, ପୋଲିସ୍ ଡିଜିଙ୍କ ଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ, ଠିକା କର୍ମଚାରୀ, ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ପର୍ଯ୍ୟନ୍ତ) କେହି ଏହାର ଉଲ୍ଲଙ୍ଘନ କରିପାରିବେ ନାହିଁ। ଅର୍ଥାତ୍ ନିର୍ବାଚନ ଆଚରଣ ବିଧିର ଏମାନେ ସମସ୍ତେ ପରିସରଭୁକ୍ତ ବୋଲି ଶ୍ରୀ ଧଳ କହିଥିଲେ। ଭୋଟରମାନେ କୌଣସି ଦଳ ପ୍ରାର୍ଥୀଙ୍କ ପ୍ରଲୋଭନର ବଶବର୍ତ୍ତୀ ନହୋଇ ନିର୍ଭୟରେ ଅଧିକ ସଂଖ୍ୟାରେ ଭାରତୀୟ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମତଦାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆହ୍ୱାନ ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତିରୁମାଲା ନାୟକ, ମିହିର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

ଆଗାମୀ ଦଶନ୍ଧି ...

ରୂପାନ୍ତରୀକରଣ ସମଗ୍ର ରାଜ୍ୟରେ ଓ ସବୁ ବର୍ଗର ଲୋକଙ୍କ ମଧ୍ୟରେ ପ୍ରତିଫଳିତ ହୋଇଛି । ସ୍ୱଚ୍ଛ ପ୍ରଶାସନ ଓ ପ୍ରଯୁକ୍ତିବିଦ୍ୟାର ଅଧିକ ଉପଯୋଗ ମାଧ୍ୟମରେ ଆମ ଟିମ ଖୁବ କମ ସମୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ଆମେ ୨୦୩୬ ମସିହାରେ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛୁ । ସେତେବେଳକୁ ଓଡ଼ିଶା ସବୁ କ୍ଷେତ୍ରରେ ଏକ ନମ୍ବର ହେଉ ଆମେ ଚାହୁଁଛୁ । ଆଗାମୀ ଦଶନ୍ଧି ହେଉଛି ଯୁବବର୍ଗଙ୍କର। ଯୁବବର୍ଗଙ୍କ ମହତ୍ୱାକାଂକ୍ଷାକୁ ଗୁରୁତ୍ୱ ଦେଇ ସର୍ବୋତ୍କୃଷ୍ଟ ଶିକ୍ଷା ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଓ ସେମାନଙ୍କୁ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ସଶକ୍ତ କରିବାକୁ ପଡିବ । ରାଜ୍ୟର ଯୁବବର୍ଗ ନୂଆ ଓଡ଼ିଶା ନିର୍ମାଣ କରିବେ ଏଭଳି ଏକ ରାଜ୍ୟ ଯାହା ସବୁ କ୍ଷେତ୍ରରେ ମାନଦଣ୍ଡ ସ୍ଥାପନ କରିବ ଆଉ ନିଜ ଲୋକଙ୍କ ପାଇଁ ସମୃଦ୍ଧି ଆଣିବ। ଓଡ଼ିଶାବାସୀଙ୍କ ଗଭୀର ଆସ୍ଥା ମୋତେ ସର୍ବଦା ଧନ୍ୟ ଓ ବିନମ୍ର କରାଇଛି, ଯାହାକି ଅଧିକ କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହନ ଦେଇଛି ବୋଲି ସେ କହିଛନ୍ତି । ଆଗାମୀ ୧୦ବର୍ଷ ଓଡ଼ିଶାର ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ। ଆମେ ଏକ ସଶକ୍ତ ଓଡ଼ିଶାର ଆରମ୍ଭ କରିବୁ ଯାହା ଆଧୁନିକ, ଗତିଶୀଳ ଓ ଉତ୍ତରଦାୟୀ ରହିବ- ମୁଖ୍ୟତଃ ଆମର ଯୁବବର୍ଗଙ୍କ ପାଇଁ ଆମର ମହିଳା ଓ ଶିଶୁ, ଉଦ୍ୟୋଗୀ, ଋଷୀ ଓ ଆଦିବାସୀଙ୍କ ପାଇଁ ହେବ। ଆପଣମାନଙ୍କ ସମସ୍ତ ଆଶୀର୍ବାଦରେ ଓଡ଼ିଶା ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ କ୍ୟାବିନେଟରେ ...

ସରକାର ପାଳନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁକ୍ଷେତ୍ରରେ ରାଜ୍ୟକୁ ବିକାଶପଥରେ ଅଗ୍ରସର କରାଇଛନ୍ତି। ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସଶକ୍ତ କରାଯାଇଛି। ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ କରାଯିବା ସହ ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ଓଡ଼ିଶାର ବିକାଶ ଏବଂ ଅସ୍ମିତା ପାଇଁ ସରକାର ବହୁ କାର୍ଯ୍ୟ କରିଛନ୍ତି। ସେ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେଣୁ ଶ୍ରୀମନ୍ଦିରର ଐତିହ୍ୟ ପ୍ରକଳ୍ପକୁ ଖୁବ ସୁନ୍ଦର ଭାବରେ ଗଢିତୋଳିଲେ। କେବଳ ସେତିକି ନୁହଁ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠକୁ ବି ନବୀକରଣ କରିଛନ୍ତି । ୫ ବର୍ଷର ସଙ୍କଳ୍ପ ନେଇ କ୍ୟାବିନେଟ୍ ବୈଠକରେ ସମୀକ୍ଷା ହୋଇଥିଲା। ୨୦୧୯ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛନ୍ତି ରାଜ୍ୟ ସରକାର। କୋଭିଡକୁ ସଫଳ ଭାବେ ମୁକାବିଲା କରିଛି ରାଜ୍ୟ। ଦେଶକୁ ଅକ୍ସିଜେନ ଯୋଗାଇ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା । ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ମାମାନଙ୍କ ପାଇଁ ମିଶନଶକ୍ତି ବିଭାଗ କରାଯାଇଛି। ଗମନାଗମନ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନା ହୋଇଛି। ବଲାଙ୍ଗୀରରେ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ବରଗଡ଼ ଜିଲ୍ଲାରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସରକାର। ଆଦିବାସୀ ଭାଇ ଭଉଣୀଙ୍କ କଳା, ସଂସ୍କୃତି ଓ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଆଦିବାସୀଙ୍କ ବିକାଶ ପାଇଁ ଗଠନ ହୋଇଛି ଏସଡିସି । ମୁଖ୍ୟମନ୍ତ୍ରୀ ଦେଖିଥିବାର ଓଡ଼ିଆ ଅସ୍ମିତାର ସ୍ୱପ୍ନ ସାକାର ହୋଇଛି। ପୁଣି ଥରେ ନିର୍ବାଚନ ସମୟ ଆସିଛି। ପୁଣି ସରକାର ଗଢିବା ନେଇ ଓଡ଼ିଶାବାସୀ ଆଶୀର୍ବାଦ ଅଜାଡିଦେବେ ବୋଲି ମୁଖ୍ୟମନ୍ତ୍ରୀ ଅଶା ରଖିଛନ୍ତି । ସମସ୍ତଙ୍କ ସହଯୋଗରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ସେ କହିଥିଲେ। ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଠାରୁ ଆରମ୍ଭ କରି ସମଲେଇ ପ୍ରକଳ୍ପ ପର୍ଯ୍ୟନ୍ତ ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁବର୍ଗର ଲୋକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଛନ୍ତି। ମହିଳା, ଯୁବକ, ଅନୁସୂଚିତ ଜାତି ଜନଜାତିର ବିକାଶ, ଶିକ୍ଷାର୍ଥୀଙ୍କୁ ବୃତ୍ତି ପ୍ରଦାନ ଓ ପ୍ରଶିକ୍ଷଣ ଜରିଆରେ ଦକ୍ଷ କରାଇବା ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କର ଆସ୍ଥା ଜିତିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଓଡ଼ିଶାବାସୀଙ୍କ ସେବା ଅବ୍ୟାହତ ରଖିବେ ବୋଲି ସେ କହିଥିଲେ। କ୍ୟାବିନେଟ୍ ବୈଠକ ସୂଚନା ଅନୁସାରେ ରାଜ୍ୟ ସରକାର ଚନ୍ଦ୍ରଶେଖରପୁର ମୌଜାରେ ଯାଦବ ସମାଜର ଏକ ଭବନ ପ୍ରତିଷ୍ଠା ପାଇଁ ଅଧ ଏକର ଜମି ମାଗଣାରେ ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। କଟକ ଜିଲ୍ଲାରେ ମହାନଦୀ ଉପରେ ଆଉ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ କରାଯାଇଥିବା ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇଛି । ଜଳସେଚିତ ଅଞ୍ଚଳରେ ପୁରୁଣା କେନାଲର ହେବ ନବୀକରଣ । ଏସସିବି ମେଡିକାଲ କ୍ୟାମ୍ପସରେ ଥିବା ଡିଏଭି ପବ୍ଲିକ ସ୍କୁଲକୁ ଗଉଳିଆଗଞ୍ଜକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଏହି ସ୍କୁଲ ପ୍ରତିଷ୍ଠା ପାଇଁ ମାଗଣା ଜମି ଯୋଗାଇ ଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି। ସାଲେପୁର-ବ୍ରାହ୍ମଣଖଣ୍ଡ ସାହୁଖେତରେ ତିଆରି ହେବ ବ୍ରିଜ। ଖୁଣ୍ଟୁଣୀ ଗ୍ରୀଡର ଅପଗ୍ରେଡେସନ ହେବ । ଶିଳ୍ପାୟନ ପାଇଁ ଆବଶ୍ୟକ ହେଉଥିବା ଉଚ୍ଚ କ୍ଷମତା ସଂପନ୍ନ ଟ୍ରାନ୍ସମିଶନ ଲାଇନ୍ ଓ ଗ୍ରୀଡ୍ ସବ୍‌ଷ୍ଟେସନ ପ୍ରତିଷ୍ଠା କରାଯିବ। ସେହିପରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ଲାଇଭ ଷ୍ଟକ ଇନସପେକ୍ଟରଙ୍କ ଚାକିରି ସର୍ତ୍ତାବଳୀର ସଂଶୋଧନ କରାଯାଇଛି। ଏହା ଦ୍ୱାରା ସେମାନେ ୩ଟି ପଦୋନ୍ନତି ପାଇବେ। ଅମିନ ଓ ଏଆରଆଇ ପଦୋନ୍ନତିକୁ ଅନୁମତି ମିଳିଛି।

ଗଣତନ୍ତ୍ରର ମହାପର୍ବ ...

ଓ ଦେଶବାସୀ ଇଣ୍ଡିଆ ମେଣ୍ଟର କୁଶାସନର ଶିକାର ହେଉଥିଲେ। ଦୁର୍ନୀତି ଓ ନୀତିଗତ ସ୍ଥାଣୁତାରୁ କୌଣସି କ୍ଷେତ୍ର ଅଛୁଆଁ ରହିନଥିଲା। ଦେଶ ନିରାଶାର ଗର୍ଭରେ ଥିଲା ଏବଂ ବିଶ୍ୱ ମଧ୍ୟ ଭାରତ ଉପରେ ବିଶ୍ୱାସ କରିବା ବନ୍ଦ କରିଦେଇଥିଲା । ଆମେ ଦେଶକୁ ସେହି ପରିସ୍ଥିତିରୁ ବାହାର କରିଛୁ ଏବଂ ଆଜି ଭାରତ ଦ୍ରୁତ ଗତିରେ ଆଗକୁ ବଢୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

୫୫ଟି କେନ୍ଦ୍ରରେ ମାଟ୍ରିକ ...

ପରୀକ୍ଷାଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ସାର୍ଟିଫିକେଟ ମିଳିବ। ଅନଲାଇନ ମାଧ୍ୟମରେ ହିଁ ସାର୍ଟିଫିକେଟ ଡାଉନଲୋଡ କରିହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ସାର୍ଟିଫିକେଟର ହାର୍ଡ କପି ପରୀକ୍ଷା ଫଳ ପ୍ରକାଶ ପାଇବାର ୧୫ ଦିନ ପରେ ଛାତ୍ରଛାତ୍ରୀ ନିଜ ସ୍କୁଲରୁ ପାଇ ପାରିବେ।

ନିର୍ବାଚନ ଲଢ଼ି ...

୧୭, ଆସାମରୁ ୧୧, ଗୁଜରାଟରୁ ୯, ହିମାଚଳ ପ୍ରଦେଶରୁ ୯, ପଞ୍ଜାବରୁ ୭, ଆଣ୍ଡାମାନରୁ ୫ ଓ ଲାକ୍ଷାଦ୍ୱୀପରୁ ଜଣେ ଅଛନ୍ତି।

ଟିଭି ଓ ଖବର ...

କମିଶନ ତାରିଖ ଘୋଷଣା କରିଛନ୍ତି। ଦେଶରେ ମୋଟ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟରେ ୧୯ ଏପ୍ରିଲରେ ଭୋଟ ପଡିବ। ସେହିପରି ୨୬ ଏପ୍ରିଲରେ ଦ୍ୱିତୀୟ ପର୍ଯ୍ୟାୟ, ମେ' ୭ରେ ତୃତୀୟ ପର୍ଯ୍ୟାୟ, ମେ' ୧୩ରେ ଚତୁର୍ଥ ପର୍ଯ୍ୟାୟ, ମେ' ୨୦ରେ ପଞ୍ଚମ ପର୍ଯ୍ୟାୟ, ମେ' ୨୫ରେ ଷଷ୍ଠ ପର୍ଯ୍ୟାୟ ଓ ଜୁନ ୧ ତାରିଖ ଅନ୍ତିମ ପର୍ଯ୍ୟାୟ ଭୋଟ ହେବ। ସେହିପରି ଜୁନ ୪ ତାରିଖରେ ଫଳାଫଳ ଘୋଷଣା ହେବ।

ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଭଦ୍ରକ ସମ୍ମିଳନୀ ଆନୁକୂଲ୍ୟରେ ରେଡକ୍ରସ ଭବନରେ ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକ ସ୍ୱର୍ଗତ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ ତମ ଜନ୍ମତିଥି ପାଳନ ତଥା ଆଲୋଚନାଚକ୍ର ଅବସରରେ ସ୍ୱନାମଧନ୍ୟ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଭଦ୍ରକ ସମ୍ମିଳନୀର ସଭାପତି ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। କାର୍ଯ୍ୟକ୍ରମରେ ସାହିତ୍ୟିକ ଓ ପୂର୍ବତନ ପ୍ରଶାସକ ଡଃ ରବିନାରାୟଣ ସେନାପତି, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। (ଫଟୋ : ସମ୍ବାଦ କଳିକା)

ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/23-24/E-Tender/142,ତା.11.03.2024ରିଖ

(1) ଟେଣ୍ଡର ସଂ.e-Tender-BRIDGEKUR-438-23,ତା.07.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦ୍ରାପଡ଼ା ରୋଡ୍-କଟକ ଷ୍ଟେସନ ମଧ୍ୟରେ RDSO ଡ୍ରଇଂ ନଂ.CBS-0042 ଅନୁଯାୟୀ ପୋଲ ନଂ.544 Dn(64x30.40 m PG)ର ଡାଉନ୍ ଷ୍ଟ୍ରିମ୍ ପାର୍ଶ୍ୱରେ ଅତିରିକ୍ତ ସାଇଡ୍ ୱାକ୍‌ୱେର ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 762.90 ଲକ୍ଷ,
EMD(ଟଙ୍କାରେ): 5,31,500/- ।

(2) ଟେଣ୍ଡର ସଂ.e-Tender-BRIDGEKUR-444-23,ତା.07.03.2024ରିଖ

ବିବରଣୀ : ମିଶନ 3000 MT ସମ୍ବନ୍ଧୀୟ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୋଲ)/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଦକ୍ଷିଣ ପରିସୀମାରେ 60 ବର୍ଷରୁ ଅଧିକ ଏବଂ BGML ବୋଝେଇ ମାନକ ପ୍ଲେଟ୍ ଗର୍ଡ଼ର ଥିବା ମେଜର (Major) ପୋଲଗୁଡ଼ିକର ରିଗର୍ଡରିଙ୍ଗ୍ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1694.41 ଲକ୍ଷ,
EMD(ଟଙ୍କାରେ): 9,97,200/- ।

(3) ଟେଣ୍ଡର ସଂ.eTender-SouthKUR-451-2023,ତା.07.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଳାସା ସେକ୍ସନରେ ଛତ୍ରପୁର ୟାର୍ଡ଼ର ଲୁପ୍ ଲାଇନ୍ ଗୁଡ଼ିକରେ CTR(S)ର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 42.99 ଲକ୍ଷ,
EMD(ଟଙ୍କାରେ): 86,000/- ।

ଶେଷ ହେବା ଅବଧି : 18 ମାସ (କ୍ରମ ସଂ.1 ପାଇଁ), 24 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.03.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ),
ଖୋର୍ଦ୍ଧା ରୋଡ଼

PR-1179/O/23-24

ଗ୍ରାମିଣ ଓଡ଼ିଶାରେ ଏସ୍‌ଟିଇଏମ୍ ଶିକ୍ଷାର ବିକାଶ ଲାଗି

ବେଦାନ୍ତ ପକ୍ଷରୁ କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ

ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ

ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ଼ ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ମିନି ସାଇନ୍ସ ସେଣ୍ଟର୍ ଉଦଘାଟନ କରିଛି । ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀକୁ ସାହାଯ୍ୟ କରିବା ଓ ଛାତ୍ରଙ୍କ ଲାଗି ଏସଟିଇଏମ (ବିଜ୍ଞାନ, ପ୍ରଯୁକ୍ତି, ଇଂଜିନିୟରିଂ, ଗଣିତ) ଉପରେ ପିଲାମାନଙ୍କୁ ବୁଝିବା ଓ ଶିକ୍ଷାକୁ ସହଜ କରାଇବା ଲାଗି ଏହି ଅଭିନବ କେନ୍ଦ୍ର ପରିକଳ୍ପନା କରାଯାଇଛି । ମିନି ସାଇନ୍ସ ସେଣ୍ଟର୍ ହ୍ୟାଣ୍ଡସ ଅନ ମଡେଲ, ଗ୍ରାଫିକ ବ୍ୟାଖ୍ୟା, ପ୍ଲଗ ଓ ପ୍ଲେ ସିଷ୍ଟମ ତଥା ଅନ୍ୟାନ୍ୟ ପାରସ୍ପରିକ ମଡ୍ୟୁଲ ଉଭୟ ଇଂରାଜୀ ଓ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ । ପଞ୍ଚମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କୁ ଏହା ବିଶେଷ ସହାୟକ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରାଯିବା ଲକ୍ଷ୍ୟ ରହିଛି । ଏଥିରେ ଉଭୟ ରାଜ୍ୟ ତଥା କେନ୍ଦ୍ର ବିଦ୍ୟାଳୟର ପାଠ୍ୟକ୍ରମ ଆଧାରିତ ଶିକ୍ଷା ବ୍ୟବସ୍ଥା ରଖାଯାଇଛି । ମିଳିତ ଜାତିସଂଘର ଗୁଣବତା ବିକାଶ ଲକ୍ଷ୍ୟ (୪) ସହ ଏହି ପଦକ୍ଷେପଟି ସମାନ ଅଟେ । ଏହି ପ୍ରୟାସ ଜରୀଆରେ କଂପାନି ଗ୍ରାମୀଣ ଦୂରବର୍ତ୍ତୀ ଅଞ୍ଚଳ ଛାତ୍ରଛାତ୍ରୀ ମାନଙ୍କୁ ଏସଟିଇଏମ (ବିଜ୍ଞାନ, ପ୍ରଯୁକ୍ତି, ଇଂଜିନିୟରିଂ, ଗଣିତ) ଉପରେ ଉଚ୍ଚଶିକ୍ଷା ଚୟନ କରିବାକୁ ପ୍ରେରଣା ଯୋଗାଇବ । ଗୁଣାତ୍ମକ ଶିକ୍ଷା ଉପରେ ମତ ଦେଇ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ , ସିଇଓ, ଆଲୁମିନା ବ୍ୟବସାୟ, ବେଦାନ୍ତ ଲିମିଟେଡ଼, କହିଛନ୍ତି ଯେ ବେଦାନ୍ତର ଏହୀ ମିନି ବିଜ୍ଞାନ କେନ୍ଦ୍ର ପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଲାଞ୍ଜିଗଡ଼ ଗୁଣାତ୍ମକ ଶିକ୍ଷାର ବ୍ୟାପକ ବିସ୍ତାର ପାଇଁ କାର୍ଯ୍ୟ କରୁଛି । ଆଜିର ଯୁବକମାନଙ୍କ ପାଇଁ ଏପରି ଏକ ଉପଯୋଗୀ ପ୍ଲାଟଫର୍ମ ପ୍ରସ୍ତୁତ କରି ଆମେ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିର ସଦୁପଯୋଗ ଓ ବିସ୍ତାର କରିବାକୁ ଚାହୁଁଛୁ । ଏହା ଦ୍ୱାରା ଆମ ଅଞ୍ଚଳ ର ପିଲାମାନଙ୍କ ଠାରେ ବୌଦ୍ଧିକ ବିକାଶ ସହ ସାମର୍ଥ୍ୟ ବୃଦ୍ଧି ପାଇବ । ରାୟଗଡ଼ା ଜିଲ୍ଲାର ସହକାରୀ ଶିକ୍ଷା ଅଧିକାରୀ ସହଦେବ ଚିଟୁଆନ ବେଦାନ୍ତର କାର୍ଯ୍ୟକ୍ରମକୁ ସମର୍ଥନ କରି କହିଥିଲେଯେ ବେଦାନ୍ତର ମିନି ସେଣ୍ଟର୍ ଯୁବକମାନଙ୍କ ଶିକ୍ଷା ପାଇଁ ଏକ ଉନ୍ନତ ପ୍ଲାଟଫର୍ମ ଯୋଗାଇବ । ଏହା ଦ୍ୱାରା ସଂପୃକ୍ତ କ୍ଷେତ୍ରରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଆଗକୁ ବଢିବା ପାଇଁ ଉତ୍ସାହିତ ହୋଇପାରିବେ । ବେଦାନ୍ତ ଲାଞ୍ଜିଗଡ଼ ଜଣେ ପ୍ରକୃତ ଗୋଷ୍ଠୀ ସହାୟକ ଭାବରେ ସ୍ଥାନୀୟ ଅଞ୍ଚଳ ରେ ଶିକ୍ଷାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ମୁଁ ଏହାର କାର୍ଯ୍ୟକୁ ପ୍ରଶଂସା କରୁଛି ବୋଲି ଶ୍ରୀ ଚିଟୁଆନ କହିଛନ୍ତି।

ଭୁବନେଶ୍ୱର
୧୭ ମାର୍ଚ୍ଚ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

କିଟ୍ ଓ କିସ୍ ପରିଦର୍ଶନ କଲେ ହାର୍ଭାର୍ଡ-ଇଣ୍ଡିଆର ୪୦ ଜଣିଆ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୬।୩
ନ୍ୟୁଜ ବ୍ୟୁରୋ

୧୦ ତାରିଖରୁ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୪୦ ଜଣିଆ ପ୍ରତିନିଧିମଣ୍ଡଳୀ ଶନିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରି ଯାଇଛନ୍ତି। ଶନିବାର ସକାଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଓଡ଼ିଶା କଳା, ସଂସ୍କୃତି ଓ ପରମ୍ପରାରେ ସେମାନେ ଅଭିଭୂତ ହୋଇପଡ଼ିଥିଲେ। ସେମାନେ ସମ୍ବଲପୁରୀ କୁର୍ତ୍ତା ପିନ୍ଧି ଏହାର ପ୍ରମାଣ ଦେଇଥିଲେ। କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍

ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଭାବର ଆଦାନ ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍‌ର ଶ୍ରେଣୀଗୃହରେ ଦୀର୍ଘ ସମୟ ଛାତ୍ରଛାତ୍ରୀଙ୍କ ସହ ଅତିବାହିତ କରି ପାଠାଗାର ଆଦିରେ ସମୟ ଅତିବାହିତ କରିଥିଲେ। ଏହି ଦଳରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ପରିଦର୍ଶନରେ ଆସିଥିବା ହାର୍ଭାର୍ଡର ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରାଜନୀତି, ନୀତି ନିର୍ଦ୍ଧାରକ, ବ୍ୟବସାୟୀ, ଶିକ୍ଷାବିତ୍, ଆଇନ୍ ଓ ଉନ୍ନୟନ ଆଦି କ୍ଷେତ୍ରରେ କାର୍ଯ୍ୟରତ। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା। ସେମାନେ କିଟ୍ ଓ କିସ୍ ବୁଲିବା ପରେ ଏଥିରେ ଅଭିଭୂତ ହେବା ସହ ଏଭଳି ସୁନ୍ଦର ଅନୁଷ୍ଠାନ ବିଶ୍ୱରେ ବିରଳ ବୋଲି ମତ ଦେଇଛନ୍ତି। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ଡ. ଅଚ୍ୟୁତ ସାମନ୍ତଙ୍କ ବାସ ଭବନରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଡ. ସାମନ୍ତଙ୍କ ଅତି ସାଧାରଣ ଜୀବନ ଶୈଳୀ ବିଷୟରେ ଜାଣିଥିଲେ। ଓଡ଼ିଶାର ଅନନ୍ୟ ପାଠାଗାର କିଟ୍‌ର କେନ୍ଦ୍ରୀୟ ପାଠାଗାର ଦେଖି ସେମାନେ ଖୁସି ବ୍ୟକ୍ତ କରିଥିଲେ।

ଭୁବନେଶ୍ୱର : କାର୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜ୍ୟପାଳ ରଘୁବର ଦାସ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି। (ଫଟୋ : ସମ୍ବାଦ କଳିକା)

ପୁଣି ହାଇକୋର୍ଟରେ ଉଠିଲା ବ୍ଲାକ୍‌ରୋଜ ବୁଡି ଘଟଣା ମାମଲା

କଟକ, ୧୬/୦୩ ନ୍ୟୁଜ ବ୍ୟୁରୋ

ପୁଣି ଚର୍ଚ୍ଚାରେ ପାରାଦୀପ ଉପକୂଳରେ ବ୍ଲାକରୋଜ ଜାହାଜ ବୁଡିବା ଘଟଣା। ଏହି ଘଟଣାର ସିବିଆଇ ତଦନ୍ତ ଦାବି ସମ୍ପର୍କିତ ମାମଲାର ଆବେଦନକାରୀଙ୍କ ସମ୍ପର୍କରେ ତଥ୍ୟ ଲୋଡିଛନ୍ତି ହାଇକୋର୍ଟ। ଆବେଦନକାରୀ ପ୍ରଦୀପ ପ୍ରଧାନଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ପରେ ମାମଲାର ଶୁଣାଣି ଆସନ୍ତା ୧୯ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ବ୍ଲାକରୋଜ୍ ଜାହାଜ ବୁଡିବା

ଘଟଣାର ତଦନ୍ତ ପାଇଁ ସିବିଆଇ ରାଜ୍ୟ ସରକାରଙ୍କ ନୋ ଅବଜେକ୍ସନ୍ ବା ଏନ୍‌ଓସି ପାଇଁ ଅନୁରୋଧ କରିଥିଲେ। କିନ୍ତୁ ରାଜ୍ୟ ସରକାର ଏହା ଦେଉନଥିବା ଅଭିଯୋଗରେ ପ୍ରଦୀପ ଏହି ମାମଲା ଦାୟର କରିଛନ୍ତି। ମାମଲାର ପ୍ରାରମ୍ଭିକ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦୀପଙ୍କ ପ୍ରସଙ୍ଗରେ ଆପତ୍ତି ଉଠାଇଥିଲେ ଆଡ୍‌ଭୋକେଟ ଜେନେରାଲ। ଏହାକୁ ନେଇ ନିଜ ଆୟର ଉତ୍ସ, ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଲୋଡ଼ିଥିଲେ ହାଇକୋର୍ଟ। ଦିନେ ସାରା ଓଡ଼ିଶା ତଥା ଦେଶରେ ବ୍ଲାକ୍‌ରୋଜ ବୁଡ଼ି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏବେ ପୁଣି ସେହି କଥା ଉଠିଛି । ବ୍ଲାକ୍ ରୋଜ୍ ଜାହାଜ ବୁଡି ଘଟଣା ମାମଲାରେ ସିବିଆଇ ତଦନ୍ତ ବନ୍ଦକୁ ନେଇ ପୂର୍ବରୁ ପ୍ରଶ୍ନ ଉଠାଇଥିଲା ସୂଚନା ଅଧିକାର ଅଭିଯାନ । ପାରାଦୀପ ବନ୍ଦରଠାରୁ ୫ କିଲୋମିଟର ଦୂରରେ ସମୁଦ୍ର ପତନରେ ବୁଡ଼ି ଯାଇଥିଲା ବ୍ଲାକରୋଜ ଜାହାଜ । ୨୦୦୯ ମସିହା ସେପ୍ଟେମ୍ବର ୯ ତାରିଖରେ ୨୩, ୮୪୭ ମେଟ୍ରିକ୍ ଟନ୍‌ର ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ୍‌ର ଫରନେସ୍ ତେଲ ନେଇ ଚୀନ୍ ଅଭିମୁଖେ ଯାଉଥିବା ଏମ୍. ଭି. ବ୍ଲାକ୍‌ରୋଜ୍ ଜାହାଜ ପାରାଦୀପଠାରେ ସମୁଦ୍ର ପତନରେ ବୁଡ଼ି ଯାଇଥିଲା । ଏଥିଯୋଗୁଁ ଅନେକ ଗୁଡ଼ିଏ ବଡ଼ ବଡ଼ ଦୁର୍ଘଟଣା ବି ଘଟିଥିଲା । ଏବେ ବି ମତ୍ସ୍ୟଜୀବୀମାନଙ୍କ ଭିତରେ ସେନେଇ ଭୟ ରହିଛି । ଏହି ଘଟଣାକୁ ୧୫ ବର୍ଷ ବିତିଯାଇଛି । ହେଲେ ଏହି ଘଟଣାର ସିବିଆଇ ତଦନ୍ତ କାହିଁକି ହେଉ ନାହିଁ ବୋଲି ପ୍ରଶ୍ନ ଉଠିଛି ।



ମେଣ୍ଢାଶାଳସ୍ଥିତ ପୁଲିସ ଆଉଟ ପୋଷ୍ଟ ହେବ ‘ଶିକ୍ଷାଞ୍ଚଳ ପୁଲିସ ଷ୍ଟେସନ’

ନିୟୋଜିତ ହେବେ ୪୧ ଅଧିକାରୀ ଓ କର୍ମଚାରୀ

ଭୁବନେଶ୍ୱର, ୧୬/୩
ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ମଧ୍ୟରେ ମେଣ୍ଢାଶାଳ ଅଞ୍ଚଳ ଏକ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷାଞ୍ଚଳ ଭାବେ ଗଢିଉଠୁଛି । ସେହି ଅଞ୍ଚଳରେ ଆଇଆଇଆଇଟି, ନାଲକୋ ଆର୍ ଆଣ୍ଡ ଡି ସେଣ୍ଟର, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଜିଆଇଟି ପରି ଅନେକ ଜାତୀୟ ସ୍ତରର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ରହିଛି । ଏଥିସହ ବଢୁଥିବା ଲୋକସଂଖ୍ୟା ଓ ଆବାସିକ କଲୋନୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଣ୍ଢାଶାଳରେ ଥିବା ପୁଲିସ ଆଉଟପୋଷ୍ଟକୁ ଏକ ଶିକ୍ଷାଞ୍ଚଳ ପୁଲିସ ଷ୍ଟେସନ ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନୂତନ ପୋଲିସ ଷ୍ଟେସନ ୧୫୦ ବର୍ଗ କିଲୋମିଟର ପରିମିତ ଏବଂ ଏକ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୪ଟି ଗ୍ରାମ ପଞ୍ଚାୟତ ଏବଂ ବିଏମସିର ଗୋଟିଏ ୱାର୍ଡକୁ ଆଂଶିକ ଭାବେ ନେଇ କାର୍ଯ୍ୟ କରିବ। ଏଥିପାଇଁ ୩୪ଟି ନୂଆ ପଦବୀ ସୃଷ୍ଟି କରାଯିବ। ପୂର୍ବରୁ ଏହି ଆଉଟ ପୋଷ୍ଟରେ ୫ ଜଣ କର୍ମଚାରୀ ଅଛନ୍ତି ଏବଂ ୨ଟି ପଦବୀ ଏସ୍.ପି ପୁଲିସ ମୋଟର ଟ୍ରେନିଂ ସଂସ୍ଥାରୁ ନିୟୋଜିତ କରାଯିବ। ଏହିପରି ଏହି ଥାନାରେ ସମୁଦାୟ ୪୧ ଜଣ ଅଧିକାରୀ ଓ କର୍ମଚାରୀ ରହିବେ । ଏଥି ସହିତ ମେଣ୍ଢାଶାଳ ଶିକ୍ଷାଞ୍ଚଳ ପୁଲିସ ଷ୍ଟେସନ ପାଇଁ ୩୪ଟି ନୂତନ ପଦବୀ ସୃଷ୍ଟି କରାଯିବ। ପଦବୀ ଗୁଡିକ ହେଉଛି – ଗୋଟିଏ ଇନ୍‌ସପେକ୍ଟର, ୪ଟି ସବ୍‌ଇନ୍‌ସପେକ୍ଟର, ୬ଟି ଏ.ଏସ୍.ଆଇ, ୨ଟି ହାବିଲଦାର ଓ ୨୧ଟି କନେଷ୍ଟବଳ । ପୂର୍ବରୁ ଥିବା ୫ଟି ପଦବୀ ହେଉଛି – ଗୋଟିଏ ସବ୍‌ଇନ୍‌ସପେକ୍ଟର ଓ ୪ଟି କନେଷ୍ଟବଳ ।

ଭୁବନେଶ୍ୱର : ଓଡ଼ିଶାର ଜୁଏଲାରୀ ସେକ୍ଟରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ କିଶୋର ଖିମ୍‌ଜୀ ଓ ଶ୍ରୀ ଦିନେଶ ଖିମ୍‌ଜୀଙ୍କୁ ଓଡ଼ିଶା ଜୁଏଲର୍ସ ଆସୋସିଏସନ ପକ୍ଷରୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

ଓଡ଼ିଶା ସରକାରଙ୍କ ବିକାଶ ଯୋଗୁ ସଂଗଠନ ଛାଡି ଆତ୍ମସମର୍ପଣ କଲି : ସୋମନାଥ

ବଲାଙ୍ଗୀର, ୧୬/୩ ନ୍ୟୁଜ ବ୍ୟୁରୋ

ବଲାଙ୍ଗୀରରେ ହାର୍ଡକୋର ମାଓବାଦୀର ଆତ୍ମସମର୍ପଣ। ହାର୍ଡକୋର ମାଓବାଦୀ ସୋମନାଥ ଆଚେଲାର ଆତ୍ମସମର୍ପଣ। ବିବିଏମ ଡିଭିଜନର ଏସିଏମ ର୍‍ୟାଙ୍କର ହାର୍ଡକୋର ମାଓବାଦୀ ସୋମନାଥ ଆଚେଲା। ୧୪ ବର୍ଷ ଧରି ଛତିଶଗଡ କାଙ୍କେରରେ ମାଓ କମାଣ୍ଡର ଭାବେ କାମ କରୁଥିଲା ସୋମନାଥ। ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଇଜି ହିମାଂଶୁ ଲାଲ। ରାଜ୍ୟ ସରକାରଙ୍କ ତରଫରୁ ବାରମ୍ବାର କୁହାଯାଇଛି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ । ସୋମନାଥଙ୍କ ନାଁରେ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା । ୨୦୦୬ ମସିହାରେ ସେ ମାଓ ସଂଗଠନରେ ସାମିଲ ହୋଇଥିଲେ । ୨୦୧୧ରେ ପଦୋନ୍ନତି ମିଳିଥିଲା ଓ ୨୦୧୬ ମସିହାରୁ ମାଓ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ । ବିଭିନ୍ନ ମାଓ ହିଂସାରେ ସୋମନାଥର ସମ୍ପୃକ୍ତି ରହିଛି। ମହିଳାମାନଙ୍କୁ ନିର୍ଯାତନା ଦିଆଯାଉଥିଲା, ଯୁବତୀମାନଙ୍କ ପ୍ରତି ଖରାପ ଆଚରଣ ତାକୁ ସହିନପାରି ମାଓ ସଂଗଠନ ଛାଡିଥିଲେ। ଓଡ଼ିଶା ସରକାରଙ୍କ ବିକାଶ ଓ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଯୋଜନା ଯୋଗୁ ସଂଗଠନ ଛାଡି ଆତ୍ମସମର୍ପଣ କରିଥିବା କହିଛନ୍ତି ସୋମନାଥ । ଅନ୍ୟପଟେ କଳାହାଣ୍ଡି, ଯୁଗସାଇପାଟଣା ମନସ୍କା ଜଙ୍ଗଲରେ ଛତ୍ର ଭଙ୍ଗା ଦେଇଛନ୍ତି ମାଓବାଦୀ। ମନସ୍କା ଜଙ୍ଗଲରେ ମାଓବାଦୀଙ୍କ ଚଳ ପ୍ରଚଳ ଥିବା ନେଇ ଖବର ପାଇ ସିଆରପିଏଫ୍ ଓ ଡିଭିଏଫ୍ ପକ୍ଷରୁ ମିଳିତ ଅପରେସନ କରାଯାଇଥିଲା। ସୁରକ୍ଷାକର୍ମୀଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ଲାଲବାହିନୀ। ସୁରକ୍ଷା କର୍ମୀଙ୍କ ସର୍ଚ୍ଚ ଅପରେସନରେ ବିପୁଳ ପରିମାଣର ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ ହୋଇଛି।

ଓଡ଼ିଶାରେ ପ୍ରଥମ: ପାଉଡ଼ିଭୂୟାଁ ଜନଜାତିଙ୍କୁ ଆବାସସ୍ଥଳୀ ଅଧିକାର

ଭୁବନେଶ୍ୱର, ୧୬/୩
ନ୍ୟୁଜ ବ୍ୟୁରୋ

ଦେବଗଡ଼ ଜିଲ୍ଲାର ପାଉଡ଼ି ଭୂୟାଁ ସମ୍ପ୍ରଦାୟର ୩୨ଟି ଗାଁକୁ ସରକାର ଜଙ୍ଗଲ ଅଧିକାର ଆଇନ (ଏଫ୍‌ଆରଏ) ଅଧୀନରେ ପାରମ୍ପରିକ ବାସସ୍ଥଳୀ ଅଧିକାର ମିଳିଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଲୋକସେବା ଭବନରେ ଏହି ସମ୍ପ୍ରଦାୟର ବରିଷ୍ଠ ଲୋକମାନଙ୍କୁ ଅଧିକାର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କର ଏହି ପଦକ୍ଷେପ ଯୋଗୁ ୩୨ ଗାଁର ଶତାଧିକ ପରିବାର ଉପକୃତ ହେବେ। ଏହି ଆଦିମ ଜନଜାତି (ପିଭିଟିଜି) ପାଉଡ଼ି ଭୂୟାଁ ହେଉଛନ୍ତି ଓଡ଼ିଶାର ପ୍ରଥମ ଆଦିବାସୀ ସମ୍ପ୍ରଦାୟ ଯିଏ କି ପାରମ୍ପରିକ ଆବାସସ୍ଥଳୀ ଉପରେ ଅଧିକାର ପାଇଛନ୍ତି। ଆଦିମ ଜନଜାତିଙ୍କୁ ଜଙ୍ଗଲ ଜମି ଉପରେ ଆଇନଗତ ମାଲିକାନା ଓ ଅଧିକାର ଦିଆଯାଇଥିବା ପାଉଡି ଭୂୟାଁମାନେ ହେଉଛନ୍ତି ଚତୁର୍ଥ ଆଦିମ ଜନଜାତି। ପୂର୍ବରୁ ମଧ୍ୟପ୍ରଦେଶର ଭାରିଆ ଏବଂ ଛତିଶଗଡ଼ର କମାର ଓ

ବାଇଗା ଆଦିମ ଜନଜାତିଙ୍କୁ ଜଙ୍ଗଲ ଜମି ଉପରେ ଆଇନଗତ ମାଲିକାନା ଦିଆଯାଇଥିଲା। ଓଡ଼ିଶାରେ ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ୧୩ଟି ପିଭିଟିଜି ସମ୍ପ୍ରଦାୟ ରହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିସନର ତଥା ସଚିବ ରୂପା ରୋଶନ ସାହୁ ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ କହିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍‌ର ନିରନ୍ତର ପ୍ରୟାସ ଯୋଗୁଁ ଏହା ସରକାରୀ ସ୍ୱୀକୃତିରେ ପରିଣତ ହୋଇଥିବା ସୂଚନା ଦେଇଥିଲେ। ଦେବଗଡ଼ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏହା ସେମାନଙ୍କ ନିଜସ୍ୱ ବାସସ୍ଥାନ, ପିଢ଼ିଗତ ଜ୍ଞାନ, ସାଂସ୍କୃତିକ ପରିଚୟ ଓ ଜୀବିକାର ସୁରକ୍ଷା ସୁନିଶ୍ଚିତ କରିବ ବୋଲି କହିଥିଲେ। ସାରଣାପୁଟ ଗ୍ରାମର ଜଙ୍ଗଲ ଅଧିକାର ସମିତି (ଏଫ୍‌ଆରସି) ସଭାପତି ତେଲା ପ୍ରଧାନ (୨୯) ସମସ୍ତ ଅଧିବାସୀଙ୍କୁ ଉନ୍ନତ ଜୀବିକା ଯୋଗାଇବାରେ ଏହା ସହାୟକ ହେବ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୨୧ରେ ବାରକୋଟ ତହସିଲ ବାମୁଣ୍ଡା ଆଞ୍ଚଳିକ ପାଉଡ଼ି ଭୂୟାଁ ସମାଜ ଜରିଆରେ ଆବାସ ଅଧିକାର ଦାବିପତ୍ର ଦାଖଲ ହୋଇଥିଲା। ଦାବିର ସମୀକ୍ଷା କରାଯାଇ ଅନୁମୋଦନ ମିଳିଥିଲା। ଏହି ପ୍ରକ୍ରିୟାରେ ମା’ ରମ୍ଭା ଦେବୀ ପବିତ୍ର ପୀଠରେ ସାଂସ୍କୃତିକ ଓ ଧାର୍ମିକ ଅଧିକାର ପାଇଁ ମଧ୍ୟ ଅନୁମୋଦନ ମିଳିଛି।

ଭି-ସାଟ୍ ନଜରରେ ରହିବ ଶିମିଳିପାଳ

ବାରିପଦା, ୧୬।୩:ନ୍ୟୁଜ୍‌ବ୍ୟୁରୋ

ପ୍ରାକୃତିକ ସୁଷମାରାଜିରେ ଭରପୂର ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାରେ ଗୋଟିଏ ପରେ ଗୋଟିଏ ନୂତନ ଫର୍ଦ୍ଦ ଯୋଡ଼ି ହେଉଛି। ସେହି କ୍ରମରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଉପଗ୍ରହ ଭି-ସାଟ୍ ନଜରରେ ରହିବ। ଏ ନେଇ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ୱାଇଲ୍ଡ ଲାଇଫ୍ ସୁଶାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦୁଇଟି ଅଭୟାରଣ୍ୟ ଯୋଡ଼ି ହୋଇଥିବା ବେଳେ ସେଥିରେ ଶିମିଳିପାଳ ରହିଛି। ସମ୍ପ୍ରତି ବନ୍ୟପ୍ରାଣୀ ସୁରକ୍ଷା ଲାଗି ଡିଜିଟାଲ ଅଭିନବତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସୂଚନା ଅନୁଯାୟୀ, ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ସମ୍ପ୍ରତି ନୂତନ ବୈଷୟିକ ଜ୍ଞାନକୌଶଳ ଉପଯୋଗିତାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

‘ଓଡ଼ିଶା ସ୍କିଲ୍ସ’ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

‘ଓଡ଼ିଶାକୁ ‘ସ୍କିଲ୍ କ୍ୟାପିଟାଲ’ରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ’

ଭୁବନେଶ୍ୱର, ୧୬/୩ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଥିବା ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରତିବର୍ଷ ‘ଓଡ଼ିଶା ସ୍କିଲ୍ସ’ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି କ୍ରମରେ ୨୦୨୩-୨୪ ବର୍ଷ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦକ ଓ ସାର୍ଟିଫିକେଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ (ଓଏସଡିଏ) ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ‘୫-ଟି ଓ ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ‘ଓଡ଼ିଶା ସ୍କିଲ୍ସ’ର ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସେ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ସହିତ କଥା ହେବା ସହ ବିଭିନ୍ନ ଦକ୍ଷତା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ‘‘ସ୍କିଲ୍ସ ଇନ୍ ଓଡ଼ିଶା କାର୍ଯ୍ୟକ୍ରମକୁ ବିଶ୍ୱସ୍ତରୀୟ କରିବା ସହିତ ଆଗାମୀ ଦିନରେ ଓଡ଼ିଶାକୁ ‘ସ୍କିଲ୍ କ୍ୟାପିଟାଲ’ରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ। ଏହାକୁ ପୂରଣ କରିବା ଦିଗରେ ରାଜ୍ୟର ଦକ୍ଷତା ବିକାଶ ଛାତ୍ରଛାତ୍ରୀମାନେ ‘ଆମ୍ବାସଡର’ ଭୂମିକା ଗ୍ରହଣ କରିବେ। ସେମାନେ ଦେଶ ବିଦେଶରେ କାମ କରି ଓଡ଼ିଶା ପାଇଁ ସୁନାମ ଆଣିବେ ବୋଲି କହିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର କେତେକ ଛାତ୍ରଛାତ୍ରୀ ସେମାନଙ୍କ ଦକ୍ଷତା ବିକାଶ ଯାତ୍ରାର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ। ବିଶେଷକରି ଓଡ଼ିଶା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର କିଭଳି ସେମାନଙ୍କ ସ୍ୱପ୍ନ ଓ ଜୀବନକୁ ଏକ ନୂଆ ରୂପ ଦେଇଛି ସେ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଏସଡିଏ ଅଧକ୍ଷା ଶ୍ରୀମତୀ ଅଳକା ମିଶ୍ର, ବିଭାଗୀୟ ସଚିବ ଶ୍ରୀମତୀ ଉଷା ପାଢ଼ୀ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଆର୍. ଭିନିଲକ୍ରିଷ୍ଣା, ଓଏସଡିଏ ସିଇଓ ରେଘୁ ଜି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ପରେ ସନ୍ଧ୍ୟାରେ ଆୟୋଜିତ ଏକ ବିସ୍ତୃତ କାର୍ଯ୍ୟକ୍ରମରେ ‘ଓଡ଼ିଶା ସ୍କିଲ୍ସ’ର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସର ଉତ୍ସବମୁଖର ହୋଇ ଉଠିଥିଲା। ‘ଓଡ଼ିଶା ସ୍କିଲ୍ସ’ରେ ୪୫ଟି ଦକ୍ଷତାକୁ ନେଇ ହୋଇଥିବା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପଦକ ଓ ସାର୍ଟିଫିକେଟ ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ୫୧ ଜଣଙ୍କୁ ସ୍ୱର୍ଣ୍ଣ, ୪୪ ଜଣଙ୍କୁ ରୌପ୍ୟ ଏବଂ ୪୭ ଜଣଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ‘ଓଡ଼ିଶା ସ୍କିଲ୍ସ’ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ, ପଲିଟେକନିକ୍ ଏବଂ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନରୁ ଆସିଥିବା ୮୦୦ରୁ ଅଧିକ ଛାତ୍ରଛାତ୍ରୀ ୬ଟି କ୍ଷେତ୍ରରେ ହୋଇଥିବା ୪୫ଟି ଦକ୍ଷତାରେ ସେମାନଙ୍କ ପ୍ରତିଭା ଦେଖାଇଥିଲେ। ପ୍ରତିଯୋଗୀମାନଙ୍କ ଦକ୍ଷତାକୁ ପରଖିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସ୍ୱତନ୍ତ୍ର ବିଚାରକମାନେ ନିୟୋଜିତ ହୋଇଥିଲେ। ଏହା ସହିତ ‘ଇଣ୍ଡିଆ ସ୍କିଲ୍ସ’ ବିଶେଷଜ୍ଞମାନେ ମଧ୍ୟ ବିଭିନ୍ନ କେନ୍ଦ୍ରରେ ଉପସ୍ଥିତ ରହି ପ୍ରତିଯୋଗିତାର ଗୁଣାତ୍ମକ ଦିଗକୁ ସୁନିଶ୍ଚିତ କରିଥିଲେ। ‘ଓଡ଼ିଶା ସ୍କିଲ୍ସ’ରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନେ ଆସନ୍ତା ଏପ୍ରିଲରେ ଜାତୀୟ ସ୍ତରରେ ହେବାକୁ ଥିବା ‘ଇଣ୍ଡିଆ ସ୍କିଲ୍ସ’ ଏବଂ ସେଠାରୁ ଉତ୍ତୀର୍ଣ୍ଣ ହୋଇ ସେପ୍ଟେମ୍ବର ମାସରେ ଫ୍ରାନ୍ସରେ ହେବାକୁ ଥିବା ‘ୱାର୍ଲ୍ଡ ସ୍କିଲ୍ସ’ରେ ନିଜର ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପୁରସ୍କାର ପ୍ରଦାନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଆମ୍ବିରାଜ ଟି ଓ ଉପାଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ ତଥା ଦକ୍ଷତା ବିକାଶ କ୍ଷେତ୍ରର ଅଧିକାରୀ ଓ ପ୍ରଶିକ୍ଷକମାନେ ଯୋଗ ଦେଇଥିଲେ। ‘ଓଡ଼ିଶା ସ୍କିଲ୍ସ’ ଚଳିତ ସଂସ୍କରଣ ଉପରେ ପ୍ରସ୍ତୁତ ଏକ ଭିଡିଓ ସେଠାରେ ପ୍ରଦର୍ଶନ କରାଯାଇଥିଲା।

ଏବେ ବଜାରରେ ମିଳୁଛି...

‘କଥାକଳିକା’ ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଗଙ୍ଗାଧର ବିଶ୍ୱାଳ
ସମକାଳର କଥା : ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।
ଅନ୍ୟଭାଷାର କଥା : ସୁପ୍ରଭା ରାୟ, ରେବା ପଟ୍ଟନାୟକ।
ଯୁବ ମାନସର କଥା : ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନା ସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)